


▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-74 ◆MONDAY ◆7 SEPTEMBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୭୪ ◆ସୋମବାର ◆୭ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଦିଲ୍ଲୀରେ ଭୁଶୁଡ଼ିଲା କୋଠା; ୫ ଛାତ୍ର ମୃତ




■ନୂଆଦିଲ୍ଲୀ, ୬।୯ (ଏଜେନ୍ସି): ଲଗାଣ ବର୍ଷା ମଧ୍ୟରେ ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ରବିବାର ୪୦ ବର୍ଷ ପୁରୁଣା ଏକ ୫ ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ୫ ଜଣ ଛାତ୍ର ପ୍ରାଣ ହରାଇଥିବା ବେଳେ ଅନ୍ୟ ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଅନେକ ଲୋକ, ବିଶେଷକରି ଛାତ୍ରଛାତ୍ରୀ, ଧ୍ୱଂସାବଶେଷ ତଳେ ଫସିଥିବା ଆଶଙ୍କା କରାଯାଇଛି । ଭଗ୍ନାବଶେଷ ତଳେ ଫସିରହିଥିବା ଛାତ୍ରମାନେ ସହାୟତା ପାଇଁ ଫୋନ୍

## ଭଗ୍ନାବଶେଷ ତଳୁ ଆସୁଛି ଫୋନ୍ କଲ୍
## "ଆମକୁ ବଞ୍ଚାଇ ଦିଅ"

କଲ୍ କରୁଥିବା ଜଣାପଡ଼ିଛି । ଘଟଣାରେ ଏପର୍ଯ୍ୟନ୍ତ ୧୧ ଜଣଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଏମ୍ସ ଟ୍ରମା କେନ୍ଦ୍ରରେ ଚିକିତ୍ସା ଚାଲିଛି । ଦିଲ୍ଲୀ ଅଗ୍ନିଶମ ବିଭାଗକୁ ଦିନ ୧ଟା ୩୩ ମିନିଟ୍‌ରେ କୋଠା ଭୁଶୁଡ଼ିବା ନେଇ ସୂଚନା ମିଳିଥିଲା । ତୁରନ୍ତ ୧୨ଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳକୁ ପଠାଯାଇଥିଲା । ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଅଗ୍ନିଶମ ବିଭାଗ, ପୁଲିସ, ଦିଲ୍ଲୀ ପୌର ନିଗମ, କ୍ୟାଟ୍ସ ଓ ସିଭିଲ୍ ଡିଫେନ୍ସର ଦଳ ନିୟୋଜିତ ହୋଇଛନ୍ତି ।

ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଭୁଶୁଡ଼ି ପଡ଼ିଥିବା କୋଠା ପାଞ୍ଚ ମହଲା ବିଶିଷ୍ଟ ଛାତ୍ର ଆବାସ ଥିଲା । ଦିଲ୍ଲୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ଲାଗି ରହିଥିବା ଏହି କୋଠାରେ ୭୫ରୁ ଅଧିକ ଛାତ୍ର ରହୁଥିଲେ । ଏଠାରେ ବିଭିନ୍ନ ରାଜ୍ୟରୁ ଆସିଥିବା ▶ପୃଷ୍ଠା-୭

## ଓଲଟ ପାଲଟ



କଂଗ୍ରେସକୁ ପୁନର୍ଗଠନ କଲେଣି
ସଭାପତି ଭକ୍ତ ଦାସ,
ସୁର ରାଉତରା କହନ୍ତି ମୁକିମ
କରିଦେଲ ସର୍ବନାଶ !
ପୁଣି ଦଳକୁ ଆସ !
ସୋଫିଆ ଜୀବନ ନଷ୍ଟ କରନା,
ଦଳରେ ରହିଲେ
ହେବ ତାର ପୁଷ ମାସ !!
-ଯାଯାବର

## ସୁଭଦ୍ରା ଟଙ୍କା ପାଇଁ ପତ୍ନୀହତ୍ୟା



■ ଜଗତସିଂହପୁର, ୬।୯ (ସମିସ): ସ୍ତ୍ରୀକୁ ମାଗିଲେ ସୁଭଦ୍ରା ଟଙ୍କା । ସ୍ତ୍ରୀ କହିଲେ ଏହି ଟଙ୍କାରେ ଘରେ ସୋଲାର ଲାଗିବ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଆରମ୍ଭ ହେଲା ପାଟିତୁଣ୍ଡ ଓ ଝଗଡ଼ା । ଶେଷରେ ଉତ୍‌କ୍ଷିପ୍ତ ସ୍ୱାମୀ ସ୍ତ୍ରୀକୁ ହତ୍ୟା କଲା । ଏଭଳି ଏକ ଲୋମହର୍ଷଣକାରୀ ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଜଁକୋଟି ଗ୍ରାମପଞ୍ଚାୟତ ବଳରାମପୁର ଗ୍ରାମରେ । ଗତକାଲି ବିଳମ୍ବିତ ରାତିରେ ଉକ୍ତ ଗ୍ରାମର ଦିଗମ୍ବର ସ୍ୱାଇଁ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ସାହୁଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିଛନ୍ତି । ରାତ୍ରୀଭୋଜନ ସାରି ଶୋଇବାକୁ ଯାଇଥିଲେ ସ୍ୱାମୀ-ସ୍ତ୍ରୀ । ତେବେ ସୁଭଦ୍ରା ଟଙ୍କା ମଗାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ତାହା ଉଗ୍ରରୂପ ଧାରଣ କରିବା ଦ୍ୱାରା ଏହି ଅଭାବନୀୟ ଘଟଣା ଘଟିଥିଲା । ସ୍ତ୍ରୀକୁ ମାରିସାରିବା ପରେ ଦିଗମ୍ବର ନିଜେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ପାଟିତୁଣ୍ଡ ଶୁଣି ତାଙ୍କ ମା' ପଡ଼ୋଶୀମାନଙ୍କୁ ଡାକପକାଇଥିଲେ । ମା' ଓ ପଡ଼ୋଶୀ ▶ପୃଷ୍ଠା-୭

### ପଞ୍ଚାୟତ ଲଢ଼େଇ ୬ ମାସ ବାକି

## ପାଗ ଭିଡ଼ିଲେଣି ଦଳ; ପୂଜା ପରେ ଅନୁକୂଳ

■ଭୁବନେଶ୍ୱର, ୬।୯ (ସମିସ): ପଞ୍ଚାୟତ ନିର୍ବାଚନ ଆଉ ପ୍ରାୟ ୬ ମାସ ବାକି । ରାଜ୍ୟ ନିର୍ବାଚନ କମିଶନ ଏ ସଂକ୍ରାନ୍ତରେ ଇଙ୍ଗିତ ଦେବା ପରେ ରାଜ୍ୟ ରାଜନୀତି ଉଷୁମ ହୋଇଛି । ଆଗାମୀ ନିର୍ବାଚନ ରାଜ୍ୟର ତିନି ପ୍ରମୁଖ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । ନିର୍ବାଚନ ପାଇଁ ବିଜେଡି ଓ ବିଜେପି ବର୍ଷ ଆରମ୍ଭରୁ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ବିଳମ୍ବରେ ହେଲେ ବି କଂଗ୍ରେସ ସଂଗଠନକୁ ଦୃଢ଼ କରିବାକୁ ଯୋଜନା ଆରମ୍ଭ କରିଛି । ୨୦୨୯ ବିଧାନସଭା ନିର୍ବାଚନ ପୂର୍ବରୁ ପଞ୍ଚାୟତ ଓ ପୌର ନିର୍ବାଚନ ୩ ଦଳ ପାଇଁ ଏସିଡ୍ ଟେଷ୍ଟ ହୋଇଥିବା ବେଳେ ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ୍ ହେବା ଆରମ୍ଭ କରିଛି । ଏଥିପାଇଁ ୩ ଦଳ ପାଗ ଭିଡ଼ିଥିବାବେଳେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟବ୍ୟାପୀ ବିଭିନ୍ନ ନିଜେ ନବୀନ ଦଳର ମଙ୍ଗ ସମ୍ଭାଳିଛନ୍ତି । ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ ପରାଜୟ ପରେ କିଛି ନେତା ଦଳ

- ▶ ୨୦୨୨ ସଫଳତା ଦୋହରାଇବା ଲକ୍ଷ୍ୟରେ ବିଜେଡି
- ▶ ସମ୍ମାନଜନକ ଆସନ ଦଖଲ ପାଇଁ ବିଜେପିର ପ୍ରସ୍ତୁତି
- ▶ ସ୍ଥିତି ସୁଧାରିବା ପାଇଁ କଂଗ୍ରେସର ପ୍ରାଣମୂର୍ଚ୍ଛା ଉଦ୍ୟମ

କାର୍ଯ୍ୟକ୍ରମ ଆରମ୍ଭ ହେବ ଓ ପୂଜା ପରଠାରୁ ଏହା ଜୋର ଧରିବ ବୋଲି କୁହାଯାଉଛି ।

୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ଅପ୍ରତ୍ୟାଶିତ ପ୍ରଦର୍ଶନ ପରେ ଛାଡ଼ିଥିଲେ ହେଁ ଏହାର ପ୍ରଭାବ ସଂଗଠନ ଓ ଦଳର ସମର୍ଥକମାନଙ୍କ ଉପରେ ପଡ଼ିନାହିଁ । ନବୀନଙ୍କ ପ୍ରତି ଲୋକମାନଙ୍କ ଶ୍ରଦ୍ଧା ଓ ଦଳର ତୃଣମୂଳସ୍ତରୀୟ ▶ପୃଷ୍ଠା-୭



## ୫୦ ହଜାର ଫୁଟ୍ ଉଠିଲା ଜ୍ୱାଳାମୁଖୀ

■ ଜକାର୍ତ୍ତା, ୬।୯ (ଏଜେନ୍ସି): ଇଣ୍ଡୋନେସିଆର ଆନାକ୍ କ୍ରାକାଟାଓ ଜ୍ୱାଳାମୁଖୀ ରବିବାର ସକାଳେ ବିସ୍ଫୋରଣ ହେବାରୁ ବ୍ୟାପକ ଅଞ୍ଚଳରେ ଆଗ୍ନେୟ ଭସ୍ମ ଛାଇଯାଇଛି । ଏହାର ପ୍ରଭାବରେ ରାଜଧାନୀ ଜକାର୍ତ୍ତାର ସୋକାର୍ଣ୍ଣ-ହାଟା ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳ ସାମୟିକ ଭାବେ ବନ୍ଦ କରାଯାଇଛି । ୩୦୦ରୁ ଅଧିକ ବିମାନ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ଜ୍ୱାଳାମୁଖୀରୁ ନିର୍ଗତ ଭସ୍ମ ମେଘ ପ୍ରାୟ ୫୦,୦୦୦ ଫୁଟ୍ ଉଚ୍ଚତାକୁ ଉଠି ବାଣ୍ଟେନ୍, ଲାମ୍ପୁଙ୍ଗ ଓ ବେଙ୍ଗକୁଲୁ ଅଞ୍ଚଳ ଆଡ଼କୁ ପ୍ରସାରିତ ହୋଇଛି । ଭସ୍ମପାତ ଯୋଗୁଁ କେତେକ ବିଦ୍ୟାଳୟର କାର୍ଯ୍ୟକ୍ରମ ବାତିଲ୍ ହୋଇଥିବା ବେଳେ ମତ୍ସ୍ୟଜୀବୀମାନେ ମଧ୍ୟ ସମୁଦ୍ରକୁ ଯିବା ବନ୍ଦ କରିଛନ୍ତି । ଏପର୍ଯ୍ୟନ୍ତ କୌଣସି ମୃତାହତ ଖବର ମିଳିନାହିଁ ଏବଂ ସରକାର ଉଦ୍ଧାର କିମ୍ବା ସ୍ଥାନାନ୍ତରଣ ନିର୍ଦ୍ଦେଶ ଦେଇନାହାନ୍ତି । ▶ପୃଷ୍ଠା-୭

**୩୦୦ରୁ ଅଧିକ ବିମାନ ବାତିଲ୍**




# ମୃତ ଘୋଷଣାର ୧୫ ଦିନ ପରେ ଜେଲ୍‌ରୁ ଜୀବିତ ମିଳିଲେ ଯୁବକ

କପୁରଥଲା,୬ ।୯ (ଏଜେନ୍ସି): ପରିବାର ମୃତ ବୋଲି ଭାବି ଶବ ସଂସ୍କାର କରିଦେଲେ। ହେଲେ ୧୫ ଦିନ ପରେ ଜେଲ୍‌ରୁ ଫୋନ୍ ଆସିଲା– ଯୁବକ ଜୀବିତ ଅଛନ୍ତି! ପଞ୍ଜାବର କପୁରଥଲାରେ ଏଭଳି ଅଜବ ଘଟଣା ସାମ୍ନାକୁ ଆସିଛି। ରବି କୁମାର ଅଗଷ୍ଟ ୫ରେ ଘରୁ ବାହାରି ଆଉ ଫେରିନଥିଲେ। ପରିବାର ଖୋଜାଖୋଜି କରିବା ପରେ ଅଗଷ୍ଟ ୧୧ରେ ନିଖୋଜ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ଏକ ଯୁବକଙ୍କ ଜଳିଯାଇଥିବା ମୃତଦେହ ମିଳିଥିବା ଖବର ଦେଇଥିଲା। ପରିବାରକୁ ମୃତଦେହର ଫଟୋ ଦେଖାଯାଇଥିଲା। ପରେ ପରିବାର ଓ ଅନ୍ୟମାନେ ଏହାକୁ ରବିଙ୍କ ଶବ ବୋଲି ଚିହ୍ନଟ କରିଥିଲେ। ଏହାପରେ ଅଗଷ୍ଟ ୧୩ରେ ପରିବାର ତାଙ୍କର ଅନ୍ତିମ ସଂସ୍କାର କରିଥିଲେ। କିନ୍ତୁ ସେପ୍ଟେମ୍ବର ୨ରେ କପୁରଥଲା କେନ୍ଦ୍ରୀୟ ଜେଲ୍‌ର ଜଣେ କର୍ମଚାରୀ ପରିବାରକୁ ଫୋନ୍ କରି ରବି କୁମାର ଜେଲ୍‌ରେ ଥିବା ସୂଚନା ଦେଇଥିଲେ। ପରଦିନ ପରିବାର ଜେଲ୍‌ରେ ପହଞ୍ଚି ରବିଙ୍କୁ ଜୀବିତ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସୂଚନା ଅନୁଯାୟୀ, ରବିଙ୍କୁ ପ୍ରାୟ ଏକ ମାସ ପୂର୍ବରୁ ଜଲନ୍ଧର ପୁଲିସ ରାସ୍ତାରେ ସନ୍ଦେହଜନକ ଭାବେ ଘୁରୁଥିବା ମାମଲାରେ ଗିରଫ କରିଥିଲା। ପରେ ତାଙ୍କୁ କପୁରଥଲା କେନ୍ଦ୍ରୀୟ ଜେଲ୍‌ରେ ରଖାଯାଇଥିଲା। ପରିବାର ଭୁଲ୍ ମୃତଦେହ ଚିହ୍ନଟ ଓ ଏହି ସମଗ୍ର ଘଟଣାରେ କିପରି ଏତେ ବଡ଼ ଭୁଲ୍ ହେଲା, ତାହାର ସ୍ପଷ୍ଟତା ଅପେକ୍ଷା କରୁଛନ୍ତି।



# ବାଇକ୍ ରଖି ଫୋନ୍‌ରେ କଥା ହେବା ବେଳେ ପରିବାରକୁ ଚାପିଦେଲା କାର୍; ୩ ମୃତ

ତ୍ରିଶୂର,୬ ।୯ (ଏଜେନ୍ସି): କେରଳର ତ୍ରିଶୂର ଜିଲ୍ଲାରେ ଦ୍ରୁତଗାମୀ କାର୍ ଧକ୍କାରେ ଏକ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩୫ ବର୍ଷୀୟ ମୁନୀର, ତାଙ୍କ ୨୫ ବର୍ଷୀୟ ପତ୍ନୀ ସଫନା ଏବଂ ୩ ବର୍ଷର ପୁଅ ଯାମିଲ ଆଇବାକ୍ ଅଛନ୍ତି। ଶନିବାର ରାତି ପ୍ରାୟ ମଧ୍ୟରାତ୍ରି ପୂର୍ବରୁ ଗୁରୁବାୟୁର-କୁନ୍ନମକୁଲମ ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା। ପରିବାରଟି ଏକ ବିବାହ ସମାରୋହରୁ ଘରକୁ ଫେରୁଥିଲେ। ରାସ୍ତାକଡ଼ରେ ବାଇକ୍ ରଖି ସେମାନେ ଫୋନ୍‌ରେ କଥା ହେଉଥିବା ସମୟରେ ଦ୍ରୁତଗତିରେ ଆସୁଥିବା କାର୍‌ଟି ନିୟନ୍ତ୍ରଣ ହରାଇ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ, ତିନିଜଣ ପ୍ରାୟ ୫୦ ମିଟର ଦୂରକୁ ଛିଟିକି ପଡ଼ିଥିଲେ। ଗୁରୁତର ଆହତ ଅବସ୍ଥାରେ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନା ନିଆଯାଇଥିଲା। ତେବେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସର ସୂଚନା ଅନୁଯାୟୀ, କାର୍ ଚାଳକ କୁନ୍ନମକୁଲମର ଏକ ବାର୍‌ରୁ ଫେରୁଥିବା ଅଭିଯୋଗ ରହିଛି। ଦୁର୍ଘଟଣା ପରେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। କାର୍‌ରେ ଥିବା ଅନ୍ୟ ଦୁଇଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।



# ଜେଲ୍‌ରେ ମୋତେ କ୍ୟାନସର ହୋଇଥିଲା: ସଞ୍ଜୟ ରାଉତ

ମୁମ୍ବଇ,୬ ।୯ (ଏଜେନ୍ସି): ଶିବସେନା (ୟୁବିଟି)ର ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ଦାବି କରିଛନ୍ତି ଯେ, ୨୦୨୨ରେ ଜେଲ୍‌ରେ ଥିବା ସମୟରେ ତାଙ୍କ ଶରୀରରେ କ୍ୟାନସର ରୋଗର ଆରମ୍ଭ ହୋଇଥିଲା। ପାତ୍ରା ଚାଲ୍ ପୁନର୍ବିକାଶ ସମ୍ପର୍କିତ ମାମଲାରେ ସେ ୧୦୧ ଦିନ ମୁମ୍ବଇର ଆର୍ଥର ରୋଡ୍ ଜେଲ୍‌ରେ ରହିଥିଲେ। ଜେଲ୍‌ରେ ଥିବା ସମୟ ସହ ନିଜ କ୍ୟାନସର ରୋଗକୁ ଯୋଡ଼ି ସଞ୍ଜୟ ରାଉତ ଯେଉଁ ଦାବି କରିଛନ୍ତି, ତାହା ରାଜନୈତିକ ମହଲରେ ଚର୍ଚ୍ଚା ସୃଷ୍ଟି କରିଛି। ତେବେ ତାଙ୍କ ଦାବି ଓ ଖାଦ୍ୟରେ ବିଷ ମିଶାଯାଇଥିବା ଅଭିଯୋଗ ନେଇ ସ୍ୱତନ୍ତ୍ର ପ୍ରମାଣ ସାମ୍ନାକୁ ଆସିନାହିଁ। ରାଉତ କହିଛନ୍ତି ଯେ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କୁ ବିଷାକ୍ତ ପଦାର୍ଥ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ। ଜେଲ୍‌ରେ ତାଙ୍କ ଖାଦ୍ୟରେ କୌଣସି ବିଷାକ୍ତ ପଦାର୍ଥ ମିଶାଯାଇଥିଲା କି ନାହିଁ, ତାହା ଜାଣିବା ପାଇଁ ଏଭଳି ପରୀକ୍ଷା କରାଇବାକୁ ରାହୁଲ ପରାମର୍ଶ ଦେଇଥିବା ସେ ଦାବି କରିଛନ୍ତି। ପାତ୍ରା ଚାଲ୍ ପୁନର୍ବିକାଶ ପ୍ରକଳ୍ପ ସହ ଜଡ଼ିତ ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୨୦୨୨ ଅଗଷ୍ଟ ୧ରେ ସଞ୍ଜୟ ରାଉତଙ୍କୁ ଗିରଫ କରିଥିଲା। ସେ ମୁମ୍ବଇର ଆର୍ଥର ରୋଡ୍ ଜେଲ୍‌ରେ ୧୦୧ ଦିନ ରହିବା ପରେ ୨୦୨୨ ନଭେମ୍ବର ୯ରେ ଜାମିନରେ ମୁକ୍ତ ହୋଇଥିଲେ। ରାଉତଙ୍କ କହିବା ଅନୁଯାୟୀ, ୨୦୨୫ ନଭେମ୍ବରରେ, ଦୀପାବଳିର ପ୍ରାୟ ୨ରୁ ୪ ଦିନ ପୂର୍ବରୁ ତାଙ୍କଠାରେ ପେଟ କ୍ୟାନସର ଚିହ୍ନଟ ହୋଇଥିଲା।



# ଜେଏନ୍‌ୟୁରେ ୧୦ ଛାତ୍ରୀଙ୍କୁ ପ୍ରଫେସରଙ୍କ ଯୌନ ନିର୍ଯାତନା!

ନୂଆଦିଲ୍ଲୀ,୬ ।୯ (ଏଜେନ୍ସି): ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଭଳି ଗୁରୁତର ଅଭିଯୋଗ ଆସିଛି। ଅତି କମ୍‌ରେ ୧୦ ଜଣ ଛାତ୍ରୀ-ଛାତ୍ର ପ୍ରଫେସରଙ୍କ ବିରୋଧରେ ଅଭିଯୋଗ କରିଥିବା ବେଳେ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରାୟ ଏକ ମାସ ପୂର୍ବରୁ ଏହି ଅଭିଯୋଗଗୁଡ଼ିକ ଦାଖଲ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ପ୍ରଫେସର ନିଜ କ୍ୟାମ୍ପସ୍ଥିତ ବାସଭବନକୁ କିଛି ଛାତ୍ରୀ-ଛାତ୍ରଙ୍କୁ ବିଭିନ୍ନ ସମୟରେ ଡାକୁଥିଲେ। ସେଠାରେ ସେ ଅସଦାଚରଣ ଓ ଯୌନ ଉତ୍ପୀଡ଼ନ ଅଭିଯୋଗ ହୋଇଛି। କେବଳ ବ୍ୟକ୍ତିଗତ ସାକ୍ଷାତ ସମୟରେ ନୁହେଁ, ଶ୍ରେଣୀଗୃହରେ ମଧ୍ୟ ପ୍ରଫେସର ଅଶ୍ଳୀଳ ଓ ଅଶୋଭନୀୟ ଟିପ୍ପଣୀ କରୁଥିବା ଅଭିଯୋଗ ହୋଇଛି। ପ୍ରଥମ ଅଭିଯୋଗ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ପହଞ୍ଚିବା ପରେ ଅନେକ ବରିଷ୍ଠ ଛାତ୍ରୀ-ଛାତ୍ର ଅଭିଯୋଗକାରୀଙ୍କ ସମର୍ଥନରେ ଆଗକୁ ଆସିଛନ୍ତି। କିଛି ବରିଷ୍ଠ ଛାତ୍ରୀ-ଛାତ୍ର ମଧ୍ୟ ପ୍ରଫେସରଙ୍କ ବ୍ୟବହାର ସମ୍ପର୍କରେ ସମାନ ଧରଣର ଅଭିଯୋଗ ଉଠାଇଥିବା ଜଣାପଡ଼ିଛି। ଏହା ଫଳରେ ମାମଲାଟି ଅଧିକ ଗୁରୁତ୍ୱ ପାଇଛି। ବର୍ତ୍ତମାନ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଭିଯୋଗଗୁଡ଼ିକର ଯାଞ୍ଚ କରୁଛି। ତେବେ ଏହି ମାମଲା ସମ୍ପର୍କରେ ଜେଏନ୍‌ୟୁ ପ୍ରଶାସନ କିମ୍ବା କୁଳପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବିବୃତି ଜାରି ହୋଇନାହିଁ। ଛାତ୍ର ସଂଗଠନ ପକ୍ଷରୁ ମଧ୍ୟ ଘଟଣା ସମ୍ପର୍କରେ କୌଣସି ନୂଆ ସୂଚନା ଦିଆଯାଇନାହିଁ।

# ଆପ୍‌ରେ ଯୋଗଦେଲେ 'ଗ୍ୟାଙ୍ଗଷ୍ଟର' ଗୁର୍‌ପ୍ରୀତ୍ ସିଂହ


ଚଣ୍ଡୀଗଡ଼,୬ ।୯ (ଏଜେନ୍ସି): ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ଏବଂ ନାଭା ଜେଲ୍ ଭାଙ୍ଗିବା ମାମଲାର ମୁଖ୍ୟ ଅଭିଯୁକ୍ତ ଗୁରପ୍ରୀତ ସିଂହ ସେଖୋନ ଆମ୍ ଆଦମୀ ପାର୍ଟିରେ ଯୋଗ ଦେଇଛନ୍ତି। ଜିରାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ସେଖୋନ ଜିରାରୁ ଆପ୍ ପ୍ରାର୍ଥୀ ହୋଇପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ସେ ମାତ୍ର ୧୦ ଦିନ ପୂର୍ବରୁ ଏଠାରେ ନିଜର କାର୍ଯ୍ୟାଳୟ ଖୋଲିଥିଲେ। ୨୦୧୬ ନଭେମ୍ବରରେ ନାଭା ଜେଲ୍ ଭାଙ୍ଗିବା ପରେ ସେଖୋନ ଚର୍ଚ୍ଚାକୁ ଆସିଥିଲେ। ୨୦୧୭ରେ ମୋଗାରୁ ତାଙ୍କୁ ଗିରଫ କରାଯାଇଥିଲା। ପରେ ପଞ୍ଜାବ-ହରିୟାଣା ହାଇକୋର୍ଟଙ୍କ ଆଦେଶରେ ସେ ମୁକ୍ତ ହୋଇଥିଲେ। ଜିରାର ବର୍ତ୍ତମାନର ବିଧାୟକ ନରେଶ କଟାରିଆଙ୍କ ଶିବିରରେ ତାଙ୍କ ଯୋଗଦାନକୁ ନେଇ ଅସନ୍ତୋଷ ଦେଖାଦେଇଥିବା ଚର୍ଚ୍ଚା ହେଉଛି। ଏହି ଆସନ ପାରମ୍ପରିକ ଭାବେ ଅକାଳୀ ଦଳର ଗଡ଼ ଥିଲେ ମଧ୍ୟ ୨୦୧୭ରେ କଂଗ୍ରେସର କୁଲବୀର ସିଂହ ଜିରା ଏବଂ ୨୦୨୨ରେ ଆପ୍‌ର କଟାରିଆ ବିଜୟୀ ହୋଇଥିଲେ।



# ନୂଆ ମାନଚିତ୍ର ନେଇ ଜାତିସଂଘକୁ ଚେତାବନୀ


## ଭାରତ ମାନଚିତ୍ରରେ ଅଦଳବଦଳ ଗ୍ରହଣୀୟ ନୁହେଁ

ନୂଆଦିଲ୍ଲୀ,୬ ।୯ (ଏଜେନ୍ସି): ବିଶ୍ୱ ମାନଚିତ୍ରରେ ଭୂଭାଗର ପ୍ରକୃତ ଆକାରକୁ ଅଧିକ ସଠିକ୍ ଭାବେ ଦର୍ଶାଇବା ଲାଗି ଜାତିସଂଘ ସାଧାରଣ ପରିଷଦରେ ଗୃହୀତ ପ୍ରସ୍ତାବକୁ ଭାରତ ସମର୍ଥନ କରିଛି। ତେବେ ଏହି ସମର୍ଥନ କୌଣସି ନିର୍ଦ୍ଦିଷ୍ଟ ମାନଚିତ୍ର କିମ୍ବା ଦେଶର ସୀମାରେଖାକୁ ସ୍ୱୀକୃତି ଦେବା ନୁହେଁ ବୋଲି ଭାରତ ସ୍ପଷ୍ଟ କରିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ଭାରତ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛି ଏବଂ ଏ ସମ୍ପର୍କରେ ନିଜର ମତ ମଧ୍ୟ ସ୍ପଷ୍ଟ କରିଛି। ସମାନ କ୍ଷେତ୍ରଫଳ ଦର୍ଶାଉଥିବା ମାନଚିତ୍ର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଏହି ପ୍ରସ୍ତାବର ମୂଳ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୪ରେ ଜାତିସଂଘ ସାଧାରଣ ପରିଷଦ 'କରେକ୍ଟ ଦ ମ୍ୟାପ୍' ଶୀର୍ଷକ ପ୍ରସ୍ତାବ ଗୃହୀତ କରିଥିଲା। ଏଥିରେ ଦେଶ ଓ ମହାଦେଶଗୁଡ଼ିକର ପ୍ରକୃତ ଭୂମିକ୍ଷେତ୍ରକୁ ଅଧିକ ସଠିକ୍ ଭାବେ ଦର୍ଶାଇବା ପାଇଁ ସମାନ କ୍ଷେତ୍ରଫଳ ଆଧାରିତ ମାନଚିତ୍ର ପ୍ରକ୍ଷେପଣ ବ୍ୟବହାରକୁ ଉତ୍ସାହିତ କରାଯାଇଛି। ଭାରତ କହିଛି ଯେ ଏହି ପ୍ରସ୍ତାବ କୌଣସି ଏକ ନିର୍ଦ୍ଦିଷ୍ଟ ବିଶ୍ୱ ମାନଚିତ୍ରକୁ ଅନୁମୋଦନ କିମ୍ବା ପ୍ରମାଣିତ କରୁନାହିଁ। ଏହା ରାଜନୈତିକ ସୀମା, ବିବାଦୀୟ ଅଞ୍ଚଳ କିମ୍ବା ସ୍ଥାନର ନାମ ସମ୍ପର୍କିତ ବିଷୟକୁ ମଧ୍ୟ ସ୍ପର୍ଶ କରୁନାହିଁ। ଭାରତ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଦେଶର ସାର୍ବଭୌମ ଅଞ୍ଚଳ, ଯେଉଁଥିରେ ଜମ୍ମୁ-କଶ୍ମୀର ଓ ଲଦାଖ ଅନ୍ତର୍ଭୁକ୍ତ, ଭାରତର ଅଧିକୃତ ମାନଚିତ୍ର ଅନୁଯାୟୀ ଦର୍ଶାଇବାକୁ ପଡ଼ିବ। ଭାରତର ଭୂଖଣ୍ଡକୁ ଭୁଲ କିମ୍ବା ବିଭ୍ରାନ୍ତିକର ଭାବେ ଦର୍ଶାଇବା ଗ୍ରହଣୀୟ ନୁହେଁ ବୋଲି ଜୟସ୍ୱାଲ କହିଛନ୍ତି। ସେ କହିଛନ୍ତି, ଭାରତର ସାର୍ବଭୌମତ୍ୱ ଓ ଭୂଖଣ୍ଡୀୟ ଅଖଣ୍ଡତା ସମ୍ପର୍କିତ ଆଭିମୁଖ୍ୟ ସ୍ପଷ୍ଟ, ନିରନ୍ତର ଏବଂ ଅପରିବର୍ତ୍ତନୀୟ। ପାରମ୍ପରିକ ମର୍କେଟର ମାନଚିତ୍ରରେ ଭୂମଧ୍ୟରେଖାଠାରୁ ଦୂରକୁ ଯିବା ସହ ଅଞ୍ଚଳଗୁଡ଼ିକର ଆକାର ବାସ୍ତବତାଠାରୁ ବଡ଼ ଦେଖାଯାଏ। ଏହି କାରଣରୁ ଆଫ୍ରିକା ଭଳି ମହାଦେଶର ପ୍ରକୃତ ବିଶାଳତା ତୁଳନାମୂଳକ ଭାବେ କମ୍ ଦେଖାଯାଏ। ୨୦୧୮ ରେ ବିକଶିତ 'ଇକ୍ୱାଲ୍ ଆର୍ଥ' ମାନଚିତ୍ର ପ୍ରକ୍ଷେପଣ ଭୂଖଣ୍ଡଗୁଡ଼ିକର ପରସ୍ପର ଆକାରକୁ ଅଧିକ ବାସ୍ତବ ଭାବେ ଦର୍ଶାଇବାକୁ ଚେଷ୍ଟା କରେ। ତେବେ ଜାତିସଂଘର ଏହି ପ୍ରସ୍ତାବ ବାଧ୍ୟତାମୂଳକ ନୁହେଁ। ତେଣୁ ସମସ୍ତ ଦେଶ, ବିଦ୍ୟାଳୟ, ପ୍ରକାଶକ କିମ୍ବା ଡିଜିଟାଲ୍ ମଞ୍ଚ ତୁରନ୍ତ ନୂଆ ମାନଚିତ୍ର ଗ୍ରହଣ କରିବାକୁ ବାଧ୍ୟ ହେବେ ନାହିଁ। ଭୂଖଣ୍ଡର ପ୍ରକୃତ ଆକାରକୁ ଅଧିକ ସଠିକ୍ ଭାବେ ଦର୍ଶାଇବା ଉଦ୍ଦେଶ୍ୟରେ ଜାତିସଂଘର ପ୍ରସ୍ତାବକୁ ଭାରତ ସମର୍ଥନ କରିଥିବା ବେଳେ ଜମ୍ମୁ-କଶ୍ମୀର ଓ ଲଦାଖ ସମେତ ନିଜ ଭୂଖଣ୍ଡର ମାନଚିତ୍ରକୁ ନେଇ ନିଜର ଦୃଢ଼ ଆଭିମୁଖ୍ୟ ପୁଣିଥରେ ସ୍ପଷ୍ଟ କରିଛି।




# ବିବାହ ଉତ୍ସବରେ ଭୟାବହ ଅଗ୍ନିକାଣ୍ଡ; ୨୨ ମୃତ

କିନ୍ସାସା,୬ ।୯ (ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋର ରାଜଧାନୀ କିନ୍ସାସାରେ ଏକ ବିବାହ ଉତ୍ସବ ଚାଲିଥିବା ବେଳେ ଭୟାବହ ଅଗ୍ନିକାଣ୍ଡ ଘଟି ଅତିକମରେ ୨୨ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନେକ ଲୋକ ଆହତ ହୋଇଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ। ଶୁକ୍ରବାର ରାତିରେ କିନ୍ସାସାର ଲିଙ୍ଗୱାଲା ଅଞ୍ଚଳର ଏକ କୋଠାରେ ବିବାହ ସମାରୋହ ଚାଲିଥିବା ସମୟରେ ନିଆଁ ଲାଗିଥିଲା। ନିଆଁ ଶନିବାର ସକାଳ ପର୍ଯ୍ୟନ୍ତ ଜଳିଥିଲା। ନିଆଁ ଲାଗିବା ପରେ ଉପସ୍ଥିତ ଲୋକମାନେ ବାହାରକୁ ଦୌଡ଼ିଥିଲେ। ତେବେ କୋଠାର ସଂକୀର୍ଣ୍ଣ ରାସ୍ତା ଓ ଗଳିରେ ଏକାସାଙ୍ଗରେ ଅନେକ ଲୋକ ବାହାରିବାକୁ ଚେଷ୍ଟା କରିବାରୁ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଧୂଆଁରେ ଅନେକ ଲୋକ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ଘଟଣା ପରେ ଆହତ ଓ ମୃତକଙ୍କୁ ରାସ୍ତାକଡ଼ରେ ରଖି ଲୋକମାନେ ସହାୟତା କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କଙ୍ଗୋର ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ଜାକ୍‌ମେନ୍ ଶାବାନି ଶନିବାର ଘଟଣାସ୍ଥଳ ପରିଦର୍ଶନ କରି ଏହାକୁ ଏକ ଦୁଃଖଦ ବିପର୍ଯ୍ୟୟ ବୋଲି କହିଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସ୍ଥାନୀୟ ଗଣମାଧ୍ୟମ ଅନୁସାରେ, ଘନ ଜନବସତି ଓ ଅବ୍ୟବସ୍ଥିତ ସହରୀକରଣ କାରଣରୁ କିନ୍ସାସାର ବିଭିନ୍ନ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟଣା ବାରମ୍ବାର ଘଟୁଛି। ଅନେକ ସ୍ଥାନରେ ଅଗ୍ନିଶମ ସେବା ଓ ଜରୁରୀକାଳୀନ ବ୍ୟବସ୍ଥା ଅପର୍ଯ୍ୟାପ୍ତ ଥିବାରୁ ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟ ମଧ୍ୟ କଷ୍ଟକର ହେଉଛି।



# ମଧ୍ୟପ୍ରଦେଶରେ ବିଷାକ୍ତ ମଦ ନେଲା ୯ ଜୀବନ

ସାଗର,୬ ।୯ (ଏଜେନ୍ସି): ମଧ୍ୟପ୍ରଦେଶର ସାଗର ଜିଲ୍ଲାରେ ନକଲି ମଦ ପିଇ ୯ ଜଣଙ୍କ ମୃତ୍ୟୁ ଘଟିଛି। ଶନିବାର ରାତିରେ ମଦ ପିଇବା ପରେ ବିଭିନ୍ନ ଗାଁର ଲୋକେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ସେମାନଙ୍କୁ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ୯ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଘୁଘର, ନଉରାଜ, ବରାଜ ଓ ଆଖପାଖ ଅଞ୍ଚଳର କିଛି ଲୋକ ମଦ ପିଇବା ପରେ ଅସୁସ୍ଥ ହୋଇଥିବା ପ୍ରାଥମିକ ସୂଚନା ମିଳିଛି। ନକଲି ମଦ ଯୋଗୁଁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିଲେ ମଧ୍ୟ, ଏହାର ସରକାରୀ ପୁଷ୍ଟି ଏପର୍ଯ୍ୟନ୍ତ ହୋଇନାହିଁ। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ମଧ୍ୟ ରହିଛି। ପ୍ରାଥମିକ ତଦନ୍ତରେ ସାଗର ସୀମା ନିକଟ ଉତ୍ତରପ୍ରଦେଶର ଲଳିତପୁର ଜିଲ୍ଲାରୁ ଅବୈଧ ମଦ ଯୋଗାଣ ହେଉଥିବା ଏକ ସନ୍ଦିଗ୍ଧ ନେଟୱର୍କ ସାମ୍ନାକୁ ଆସିଛି। ଲଳିତପୁର ପୁଲିସର ମେ' ୨୦୨୬ର ଏକ ମାମଲାରେ ନକଲି ମଦ ପ୍ରସ୍ତୁତ କରି ମଧ୍ୟପ୍ରଦେଶର ସୀମାନ୍ତ ଗାଁଗୁଡ଼ିକୁ ପଠାଯାଉଥିବା ଅଭିଯୋଗ ରହିଛି। ତଦନ୍ତ ଅନୁସାରେ, ନକଲି ମଦକୁ ଅସଲି ମଦ ଭଳି ଦେଖାଇବା ପାଇଁ ନକଲି ଲେବଲ୍, ଢାଙ୍କଣା ଏବଂ ନକଲି ଦ୍ରୁତ ପ୍ରତିକ୍ରିୟା କୋଡ୍ ବ୍ୟବହାର କରାଯାଉଥିବା ଅଭିଯୋଗ ରହିଛି। ଗାଡ଼ି ଓ ମୋଟରସାଇକେଲ୍ ଯୋଗେ ଏହି ମଦ ବିଭିନ୍ନ ଅଞ୍ଚଳକୁ ପଠାଯାଉଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି। ସାଗର ଜିଲ୍ଲାର ବାନ୍ଦ୍ରି, ବରୋଡ଼ିଆ, ଘୁଘରା ଖୁର୍ଦ୍ଦ, ନଉରାଜ ଓ ବରାଜ ଭଳି ଅଞ୍ଚଳକୁ ଏହି ନକଲି ମଦ ପହଞ୍ଚୁଥିବା ସନ୍ଦେହ କରାଯାଉଛି। ପୁଲିସ ଏବେ ମଦ କେଉଁଠାରୁ ଆସିଥିଲା, କିଏ ଏହାକୁ ବିତରଣ କରୁଥିଲା ଏବଂ ସ୍ଥାନୀୟ ସ୍ତରରେ କିଏ ସହଯୋଗ କରୁଥିଲା, ସେ ନେଇ ତଦନ୍ତ କରୁଛି। ଘଟଣା ପରେ ସନ୍ଦିଗ୍ଧ ଅବୈଧ ମଦ ବିକ୍ରୟସ୍ଥଳ ଓ ମଦ ଦୋକାନଗୁଡ଼ିକରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ସନ୍ଦିଗ୍ଧ ମଦର ନମୁନା ଯାଞ୍ଚ କରାଯିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଆରମ୍ଭ ହୋଇଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ତୁରନ୍ତ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବାକୁ ସମ୍ପୃକ୍ତ ମନ୍ତ୍ରୀ ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

# ବିହାର ବନ୍ୟା ଘେରରେ ୧୯ ଲକ୍ଷ ଲୋକ



ପାଟନା,୬।୯ (ଏଜେନ୍ସି): ବିହାରରେ ୧୧ଟି ଜିଲ୍ଲାରେ ପ୍ରାୟ ୧୯.୫୭ ଲକ୍ଷରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଗଙ୍ଗା ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ତଳମୁଣ୍ଡରେ ଥିବା ଅଞ୍ଚଳଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସୂଚନା ଅନୁଯାୟୀ, ବନ୍ୟା ଯୋଗୁଁ ପ୍ରାୟ ୩୩୦ଟି ଗ୍ରାମ ପଞ୍ଚାୟତ ଜଳମଗ୍ନ ହୋଇଛି। ପାଟନାର ଗାନ୍ଧୀ ଘାଟଠାରେ ଗଙ୍ଗା ନଦୀର ଜଳସ୍ତର ୫୦.୫୭ ମିଟରରେ ପହଞ୍ଚିଛି। ପାଣ୍ଡାରକଠାରେ ମଧ୍ୟ ଗଙ୍ଗା ନଦୀ ସର୍ବୋଚ୍ଚ ସ୍ତର ଅତିକ୍ରମ କରି ୪୩.୯୨ ମିଟର ଉପରେ ପ୍ରବାହିତ ହେଉଛି। ଗଙ୍ଗା ବ୍ୟତୀତ ଗଣ୍ଡକ, କୋଶୀ, ବୁଢ଼ୀ ଗଙ୍ଗା, ପୁନପୁନ, ବାଗମତୀ ଓ ଘାଘରା ଭଳି ପ୍ରମୁଖ ନଦୀଗୁଡ଼ିକ ମଧ୍ୟ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ ଅନେକ ଜିଲ୍ଲାରେ ସତର୍କତା ବୃଦ୍ଧି କରାଯାଇଛି। ଲୋକଙ୍କୁ ନଦୀ ନିକଟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ପାଟନା-ଗୟା ରେଳ ସେକ୍ସନରେ ପୁନପୁନ ଏବଂ ପାରସା ବଜାର ମଧ୍ୟରେ ଥିବା ବ୍ରିଜ୍ ନମ୍ବର ୨୧ ଉପରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଅନେକ ଟ୍ରେନକୁ ବାତିଲ କରାଯାଇଛି। ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହ ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ୧୧୦ଟି ଗୋଷ୍ଠୀ ରୋଷେଇ ଶାଳ ଚାଲୁ ରହିଛି।

# ଆମେରିକୀୟ ଯୁଦ୍ଧଜାହାଜ ଉପରେ ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼

ତେହରାନ୍,୬ ।୯ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ସାମରିକ ଉତ୍ତେଜନା ଆହୁରି ତୀବ୍ର ହୋଇଛି। ଇରାନର ଇସ୍ଲାମିକ୍ ରିଭଲ୍ୟୁସନାରୀ ଗାର୍ଡ୍ କର୍ପସ୍ (ଆଇଆର୍‌ଜିସି)ର ଏରୋସ୍ପେସ୍ ଫୋର୍ସ ଦାବି କରିଛି ଯେ, ଶନିବାର ଏକ ଆମେରିକୀୟ ବିମାନବାହୀ ଯୁଦ୍ଧଜାହାଜ ଓ ଏକ ଯୁଦ୍ଧଜାହାଜ ଉପରେ ଅନେକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଛି। ଇରାନର ଅଭିଯୋଗ ଅନୁସାରେ, ଏହି ଆମେରିକୀୟ ଜାହାଜଗୁଡ଼ିକ ଇରାନୀ ଜାହାଜକୁ ହଇରାଣ କରିବା ସହ ସମୁଦ୍ର ଅବରୋଧରେ ସାମିଲ ଥିଲେ। ଇରାନୀ ସରକାରୀ ପ୍ରସାରଣ ସଂସ୍ଥା ଆଇଆର୍‌ଆଇବି ମାଧ୍ୟମରେ ପ୍ରକାଶିତ ଆଇଆର୍‌ଜିସି ବିବୃତ୍ତିରେ କୁହାଯାଇଛି ଯେ, ଇରାନୀ ଜାହାଜ ବିରୋଧରେ ଆମେରିକାର କଥିତ ଶତ୍ରୁତାପୂର୍ଣ୍ଣ କାର୍ଯ୍ୟକଳାପର ଜବାବରେ ଏହି ଆକ୍ରମଣ କରାଯାଇଛି। ଆଇଆର୍‌ଜିସି ଦାବି କରିଛି ଯେ, ଆକ୍ରମଣରେ ଆମେରିକାର ଦୁଇଟି ଯୁଦ୍ଧଜାହାଜ କ୍ଷତିଗ୍ରସ୍ତ ହୋଇଥିଲା। ଏହା ପରେ ଅନ୍ୟ ଏକ ଆକ୍ରମଣର ଭୟରେ ସେଗୁଡ଼ିକ ଯୁଦ୍ଧକ୍ଷେତ୍ର ଛାଡ଼ି ପଛକୁ ହଟିଥିବା ଇରାନ କହିଛି। ତେବେ ଇରାନର ଏହି ଦାବିର ସ୍ୱାଧୀନ ଭାବେ ନିଶ୍ଚିତତା ମିଳିନାହିଁ। ଆମେରିକା ପକ୍ଷରୁ ଏହି ଦୁଇ ଜାହାଜ କ୍ଷତିଗ୍ରସ୍ତ ହୋଇଥିବା ଦାବିକୁ ସ୍ୱୀକାର କରାଯାଇନାହିଁ। ଏହି ଘଟଣା ପୂର୍ବରୁ ଇରାନ ଓ ଆମେରିକା ମଧ୍ୟରେ ତେଲ ଟ୍ୟାଙ୍କରକୁ ନେଇ ତୀବ୍ର ବିବାଦ ଦେଖାଦେଇଥିଲା। ଆଇଆର୍‌ଜିସି ନୌସେନାର ଦାବି ଅନୁସାରେ, ଆମେରିକୀୟ ସେନା ଇରାନର ତିନିଟି ତେଲ ଟ୍ୟାଙ୍କର ଉପରେ ଆକ୍ରମଣ କରିଥିଲା। ଏହାର ପ୍ରତିଶୋଧ ଭାବେ ଇରାନ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ତିନିଟି ତେଲ ଟ୍ୟାଙ୍କର ଏବଂ ଆମେରିକା ସହ ସମ୍ପୃକ୍ତ ଆଉ ତିନିଟି ଜାହାଜକୁ ଟାର୍ଗେଟ୍ କରିଥିବା କହିଛି। ବିଶ୍ୱର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ମଧ୍ୟରୁ ହର୍ମୁଜ୍ ପ୍ରଣାଳୀ ଅନ୍ୟତମ।



# ବିପଦରେ ୧୦ ଲକ୍ଷ ଭାରତୀୟ ଭୋଟର

**ଆମେରିକାରେ ଭୋଟର ତାଲିକା ଯାଞ୍ଚ ଆରମ୍ଭ**

ୱାସିଂଟନ,୬ ।୯ (ଏଜେନ୍ସି): ଭାରତରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଭଳି ଆମେରିକାରେ ମଧ୍ୟ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏଥିପାଇଁ ପ୍ରାୟ ୧୨୫ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଥିବା ଖବର ମିଳିଛି। ପ୍ରାୟ ୨୬ ଲକ୍ଷ ଭାରତୀୟ ବଂଶୋଦ୍ଭବ ଭୋଟରଙ୍କ ମଧ୍ୟରୁ ୧୦ ଲକ୍ଷଙ୍କ ନାମ ଯାଞ୍ଚରେ ପଡ଼ିପାରେ ବୋଲି ରିପୋର୍ଟରେ ଦାବି କରାଯାଇଛି। ଟ୍ରମ୍ପ ପ୍ରଶାସନ ଭୋଟର ତଥ୍ୟଭଣ୍ଡାର ଯାଞ୍ଚ ଓ ପରିଚାଳନା ପାଇଁ ଆମେରିକାର ଇମିଗ୍ରେସନ ଏବଂ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ସଂସ୍ଥାକୁ ଦାୟିତ୍ୱ ଦେଇଛି। ୫୦ଟି ରାଜ୍ୟର ଭୋଟର ତାଲିକାକୁ ବିଭିନ୍ନ ସରକାରୀ ରେକର୍ଡ ସହ କମ୍ପ୍ୟୁଟର ମାଧ୍ୟମରେ ମେଳ କରାଯିବ। ଭାରତର ଭଳି ଘର ଘର ବୁଲି ଯାଞ୍ଚ କରାଯିବ ନାହିଁ। ତଥ୍ୟରେ ଅସଙ୍ଗତି ମିଳିଲେ ସମ୍ପୃକ୍ତ ଭୋଟରଙ୍କ ନାମ ଓ ବିବରଣୀ ପୁଣି ଯାଞ୍ଚ ହୋଇପାରେ। ଏହାପରେ ନାମ ବାଦ ପଡ଼ିବାର ଆଶଙ୍କା ରହିଛି। ଆମେରିକାରେ ପ୍ରାୟ ୨୬ ଲକ୍ଷ ଭାରତୀୟ ବଂଶୋଦ୍ଭବ ଭୋଟର ଅଛନ୍ତି। ନ୍ୟୁୟର୍କ, ନ୍ୟୁଜର୍ସି, କାଲିଫର୍ଣ୍ଣିଆ ଓ ଟେକ୍ସାସ ଭଳି ରାଜ୍ୟରେ ସେମାନଙ୍କର ସଂଖ୍ୟା ଓ ରାଜନୈତିକ ପ୍ରଭାବ ଉଲ୍ଲେଖନୀୟ। ତେଣୁ ନୂଆ ଯାଞ୍ଚ ପ୍ରକ୍ରିୟାର ପ୍ରଭାବ ଭାରତୀୟ-ଆମେରିକୀୟ ଭୋଟରଙ୍କ ଉପରେ ମଧ୍ୟ ପଡ଼ିପାରେ। ଭାରତର ନିର୍ବାଚନ ଆୟୋଗ ଭଳି ସମଗ୍ର ଦେଶର ନିର୍ବାଚନ ପରିଚାଳନା କରୁଥିବା ଏକକ କେନ୍ଦ୍ରୀୟ ସଂସ୍ଥା ଆମେରିକାରେ ନାହିଁ। ସେଠାରେ ନିର୍ବାଚନ ମୁଖ୍ୟତଃ ରାଜ୍ୟ ଓ ସ୍ଥାନୀୟ ପ୍ରଶାସନ ପରିଚାଳନା କରନ୍ତି। ଫଳରେ ଭୋଟର ପଞ୍ଜୀକରଣ ଓ ପରିଚୟ ଯାଞ୍ଚ ନିୟମ ମଧ୍ୟ ରାଜ୍ୟ ଅନୁସାରେ ଭିନ୍ନ। ଟେକ୍ସାସରେ ପ୍ରାୟ ୨୪ ହଜାର ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯିବା ପରେ ମାମଲା ଅଦାଲତକୁ ଯାଇଥିଲା। ଏହି ପୃଷ୍ଠଭୂମିରେ ଟ୍ରମ୍ପ ପ୍ରଶାସନର ନୂଆ ଯାଞ୍ଚ ପ୍ରକ୍ରିୟାକୁ ନେଇ ଆଇନଗତ ବିବାଦ ଉଠିବାର ଆଶଙ୍କା ରହିଛି।

# ଉପକାରାଗାରରେ ବିଚାରାଧୀନ କଏଦୀ ମୃତ

## କ୍ଷତିପୂରଣ ଦାବିରେ ପରିବାରବର୍ଗଙ୍କ ଧାରଣା





ପାରଳାଖେମୁଣ୍ଡି,୬।୯(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଉପକାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପରିବାର ଲୋକେ କ୍ଷତିପୂରଣ ଦାବିରେ ଜେଲ୍ ଆଗରେ ଧାରଣା ଦେଇଛନ୍ତି। ମୃତକ ହେଲେ ରାୟଗଡ଼ ବ୍ଲକ ଜିରାଙ୍ଗ ଗ୍ରାମର ରୁନା ବଡ଼ରଇତ। ଏକ ପୋକ୍ସୋ ମାମଲାରେ ପ୍ରାୟ ୪୫ ଦିନ ଧରି ସେ ବିଚାରାଧୀନ କଏଦୀ ଭାବେ ଉପକାରାଗାରରେ ରହୁଥିଲେ। ଜେଲର କମାକ୍ଷୀ ପ୍ରସାଦ ପତିଙ୍କ କହିବାନୁଯାୟୀ, ଗତକାଲି ରାତିରେ ରୁନା ଅନ୍ୟ କଏଦୀଙ୍କ ସହ ରାତ୍ରଭୋଜନ କରିବା ପରେ ବିଶ୍ରାମ ନେଉଥିଲେ। ଏହି ସମୟରେ ସେ ଅସୁସ୍ଥ ଅନୁଭବ କରିଥିଲେ। ଜେଲ ଫାର୍ମାସିଷ୍ଟଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ତାଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଡାକ୍ତର ସେଠାରେ ରୁନାଙ୍କୁ ମୃତ ଘୋଷଣା କରିଥିଲେ। ରୁନାଙ୍କ ଅସୁସ୍ଥତା ସମ୍ପର୍କରେ ପରିବାରକୁ ଜଣାଇ ଦିଆଯାଇଥିବା ସହ ମୃତ୍ୟୁ ପରେ ମଧ୍ୟ ସୂଚନା ଦିଆଯାଇଥିବା ଜେଲର ଶ୍ରୀ ପତି କହିଛନ୍ତି।

ଅନ୍ୟପକ୍ଷରେ, ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ସୂଚନା ଅନୁସାରେ, ଘଟଣା ସମ୍ପର୍କରେ ୧୧/୨୬ ନମ୍ବରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଚାଲିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିପାରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ତେବେ ରୁନାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମୃତକଙ୍କ ସ୍ତ୍ରୀ ଜନାନ ବଡ଼ରଇତଙ୍କ କହିବାନୁଯାୟୀ, ପ୍ରାୟ ୧୫ ଦିନ ତଳେ ସେ ଜେଲରେ ରୁନାଙ୍କୁ ଭେଟିଥିଲେ। ସେତେବେଳେ ରୁନା ସୁସ୍ଥ ଥିଲେ ଏବଂ କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଥିବା ସେ ଜାଣିପାରି ନ ଥିଲେ। ତେଣୁ ଜେଲ ହାଜତରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟଣାର ତଦନ୍ତ କରାଯିବା ସହ ପରିବାରକୁ ନ୍ୟାୟ ପ୍ରଦାନ ସହ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ମୃତକଙ୍କ ଭାଉଜ ବବିତା ବଡ଼ରଇତ, ଭାଇ କୁନା ବଡ଼ରଇତ, ସମ୍ପର୍କୀୟ ରତ୍ନ ବଡ଼ରଇତ ପ୍ରମୁଖ କହିଛନ୍ତି ଯେ ରୁନାଙ୍କ ମୃତ୍ୟୁ ପରେ ପରିବାର ଅସହାୟ ହୋଇପଡ଼ିଛି। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାର କିପରି ଚଳିବ, ସେ ନେଇ ଚିନ୍ତା ବଢ଼ିଛି। ସରକାର ଏହି ପରିବାର ପ୍ରତି ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହା ସହ ରୁନା ଗିରଫ ହେବା ପୂର୍ବରୁ ସୁସ୍ଥ ଥିଲେ। ଜେଲରେ ଥିବା ସମୟରେ ତାଙ୍କ ମୃତ୍ୟୁ ହୋଇଥିବାରୁ ଘଟଣାର ସମ୍ପୂର୍ଣ୍ଣ ସତ୍ୟ ସାମ୍ନାକୁ ଆସିବା ଦରକାର ବୋଲି ଦାବି କରିଛନ୍ତି। ସେହିପରି ଗ୍ରାମବାସୀ କହିଛନ୍ତି ଯେ ରୁନାଙ୍କ ପରିବାରରେ ସ୍ତ୍ରୀ ଓ ଏକ ଛୋଟ ଝିଅ ଥିବା ବେଳେ ତାଙ୍କ ସ୍ତ୍ରୀ ବର୍ତ୍ତମାନ ଗର୍ଭବତୀ ଅଛନ୍ତି। ଏପରି ସ୍ଥିତିରେ ରୁନାଙ୍କ ମୃତ୍ୟୁ ପରିବାର ପାଇଁ ଦୁଃଖ ସହ ଆର୍ଥିକ ସଙ୍କଟ ମଧ୍ୟ ଆଣିଦେଇଛି। ଘଟଣାକୁ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ମୃତକଙ୍କ ପରିବାରଙ୍କୁ ଉଚିତ ନ୍ୟାୟ ମିଳୁ ବୋଲି କହିଛନ୍ତି। ଏପଟେ ମୃତ୍ୟୁର ପ୍ରକୃତ କାରଣ ଏବେ ବି ଅସ୍ପଷ୍ଟ ରହିଛି। ରୁନାଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁରସ୍ଥିତ ବଡ଼ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ପୁଲିସର ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ହିଁ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ କରିବ। ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଠାରେ ଅତିରିକ୍ତ ଏସ୍‌ପି ବିରଞ୍ଚି ବାଗ, ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ସମେତ ଥାନାର ସମସ୍ତ ଏସ୍‌ଆଇ, ଏଏସ୍‌ଆଇଙ୍କ ସମେତ ବହୁ ପୁଲିସ କର୍ମଚାରୀମାନେ ଉପସ୍ଥିତ ରହି ତଦନ୍ତ କରିଥିବା ଜଣାପଡ଼ିଛି।

### ବିଚାରାଧୀନ କଏଦୀଙ୍କ ଅନଶନ

ରୁନା ବଡ଼ରଇତଙ୍କ ମୃତ୍ୟୁ ଖବର ପାଇ ଆଜି ସକାଳୁ ଅନ୍ୟ ବିଚାରାଧୀନ କଏଦୀମାନେ ଅନଶନ କରିଥିଲେ। ଗତ ଦୁଇ ବର୍ଷ ହେଲା ଡାକ୍ତରଙ୍କ ନିଯୁକ୍ତି ଦିଆଯାଇ ନଥିବା ଯୋଗୁଁ ଏହି ପଦବୀ ଖାଲିପଡ଼ିଛି। ଜେଲରେ କାହାରି ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲେ ଜରୁରୀ ପରିସ୍ଥିତିରେ ଫାର୍ମାସିଷ୍ଟଙ୍କୁ ଆଣି କାମ ସାରିଦେଉଛନ୍ତି ବୋଲି ଅଭିଯୋଗ କରି କଏଦୀମାନେ ଏଭଳି ଅନଶନ କରିଥିବା ଜଣାପଡ଼ିଛି। ତେବେ କାମଚଳା ଭାବେ ଚିକିତ୍ସା କରାଇ କିଛି ଔଷଧ ଇନ୍‌ଜେକ୍ସନ ଦେଇ ଉପଚାର କରିଚାଲିଛନ୍ତି। ଯାହାରି ଫଳରେ ରୁନାଙ୍କ ଏପରି ଅବସ୍ଥା ହେଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ମୃତ ରୁନା ବଡରଇତ ଉପକାରାଗାରର ୩ ନମ୍ବର ବ୍ଲକରେ ୧୮ ଜଣ ଅନ୍ୟ ବିଚାରଧୀନ କଏଦିଙ୍କ ସହ ରହୁଥିଲେ।

# ଜେଲ୍ ଗଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

କେନ୍ଦ୍ରାପଡ଼ା,୬।୯(ସମିସ): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ଅନୁପମା ସାହୁ ଜେଲ୍ ଯାଇଛନ୍ତି। ତାଙ୍କଠାରୁ ଗତକାଲି ୩ ଲକ୍ଷ ୧୫ ହଜାର ଟଙ୍କା ଜବତ ହୋଇଥିବାବେଳେ ନୟନବିହାରସ୍ଥ ବାସଭବନରେ ତଲାସୀ ସମୟରେ ଆଉ ୪ ଲକ୍ଷ ଟଙ୍କା ଜବତ କରାଯାଇଛି। ଫଳରେ ମୋଟ ନଗଦ ଜବତ ପରିମାଣ ୭ ଲକ୍ଷ ୧୫ ହଜାର ଟଙ୍କାରେ ପହଞ୍ଚିଛି।



- ମୋଟ ୭.୧୫ ଲକ୍ଷ ଟଙ୍କା ଜବତ
- ଭୁବନେଶ୍ୱରରେ ଗୋଟିଏ ଫ୍ଲାଟ୍, କାମାକ୍ଷାନଗରରେ ଗୋଦାମ ଓ ବଲାଙ୍ଗୀରରେ ଦୋକାନ ସମେତ ୫ ପ୍ଲଟ୍ ଠାବ

ଶନିବାର ରାତି ସାଢ଼େ ୧୧ଟାରେ ଭିଜିଲାନ୍ସ ଟିମ୍ ଅନୁପମାଙ୍କ ଶଶ୍ୱର ଘରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛି। ରବିବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା ଜାରି ରହିଥିଲା। ଏହି ସମୟ ମଧ୍ୟରେ ଅନୁପମାଙ୍କ ଶଶୁରଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଏଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିବା ସୂଚନା ମିଳିଛି। ସେହିପରି ଜିରିଡ଼ାମାଳିରେ ଥିବା ତାଙ୍କ ଶଶୁରଙ୍କ ଦୁଇଟି ଦୋକାନରେ ଭିଜିଲାନ୍ସ ଅଧିକାରୀ ଯାଞ୍ଚ କରିଥିବା ବେଳେ ଅନେକ ବ୍ୟାଙ୍କ ପାସ୍‌ବୁକ୍ ଜବତ କରିଛନ୍ତି।

ଭିଜିଲାନ୍ସ ସୂଚନା ମୁତାବକ, ଶନିବାର ଅନୁପମା ନିଜ କାର୍ଯ୍ୟାଳୟରୁ କେନ୍ଦ୍ରାପଡ଼ା ନୟନବିହାରସ୍ଥ ଘରକୁ ସରକାରୀ ଗାଡ଼ିରେ ଯାଉଥିବା ସମୟରେ ମାର୍ଶାଘାଇ ଛକ ନିକଟ ଜାତୀୟ ରାଜପଥ ୫୩-ଏରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ଗାଡ଼ି ତଲାସୀ ବେଳେ ତାଙ୍କ ନିକଟରୁ ୩ ଲକ୍ଷ ୧୫ ହଜାର ଟଙ୍କା ମିଳିଥିଲା। ଏହି ଟଙ୍କାର ଉତ୍ସ ସମ୍ପର୍କରେ ସନ୍ତୋଷଜନକ ହିସାବ ଦେଇପାରି ନ ଥିଲେ। ପରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଅନୁପମାଙ୍କ ନୟନବିହାରସ୍ଥ ବାସଭବନ ଓ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ୍ କାର୍ଯ୍ୟାଳୟରେ ଏକକାଳୀନ ତଲାସୀ କରାଯାଇଥିଲା। ଘର ତଲାସୀ ସମୟରେ ଆଉ ୪ ଲକ୍ଷ ଟଙ୍କା ମିଳିଥିଲା। ଏହାଛଡ଼ା ତାଙ୍କ ନାମରେ ଭୁବନେଶ୍ୱରରେ ଗୋଟିଏ ଫ୍ଲାଟ୍, ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ଏକ ମାର୍କେଟ୍ କମ୍ପ୍ଲେକ୍ସ, ଏମ୍‌ଏସ୍ ରଡ୍ ଓ ସିମେଣ୍ଟ ଗୋଦାମ, ବଲାଙ୍ଗୀରରେ ଗୋଟିଏ ଦୋକାନ ଓ ମୋଟ ୫ଟି ପ୍ଲଟ୍ ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କୁ ଗିରଫ କରାଯିବା ପରେ ରବିବାର କଟକ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ଅନୁପମା ୨୦୦୩ ଅକ୍ଟୋବର ୨୧ ତାରିଖରେ ଅନୁଗୋଳ ଇରିଗେସନ୍ ଡିଭିଜନ୍‌ରେ କନିଷ୍ଠ ଯନ୍ତ୍ରୀ (ଜେଇ) ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ୨୦୦୯ରେ ତାଙ୍କ ଚାକିରି ନିୟମିତ ହୋଇଥିଲା। ୨୦୧୬ ଡିସେମ୍ବର ୩୧ରେ ସେ ସହକାରୀ ଯନ୍ତ୍ରୀ ପଦକୁ ପଦୋନ୍ନତି ପାଇ ଢେଙ୍କାନାଳ ଡିଜାଇନ୍ ଆଣ୍ଡ ମନିଟରିଂ ୟୁନିଟ୍, ରେଙ୍ଗାଲି ରାଇଟ୍ କେନାଲ୍‌ରେ ନିଯୁକ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୨୫ ଅଗଷ୍ଟ ୧୨ରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ପଦକୁ ପଦୋନ୍ନତି ପାଇଥିଲେ। ୨୦୨୬ ମାର୍ଚ୍ଚ ୨ ତାରିଖରେ ତାଙ୍କର କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ୍‌କୁ ବଦଳି ହୋଇଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କ ମନ୍ତବ୍ୟ ଭ୍ରମାତ୍ମକ, ଦୁର୍ଭାଗ୍ୟଜନକ: ବିଜେଡି

ଭୁବନେଶ୍ୱର,୬।୯(ସମିସ): ୨୦୨୫ରେ ପ୍ରଶ୍ନପତ୍ର ଲିକ୍ ଯୋଗୁ ବାତିଲ ହୋଇଥିବା କମ୍ବାଇନ ପୁଲିସ ସର୍ଭିସ ପରୀକ୍ଷା କେବେ ହେବ ବୋଲି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଶନିବାର ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ତେବେ ଏହି ପ୍ରଶ୍ନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିଯୁକ୍ତି ପାଇଁ ହେଉଥିବା ବିଭିନ୍ନ ପରୀକ୍ଷା ରାଜ୍ୟ ସରକାର କରୁ ନାହାନ୍ତି ଏଥିପାଇଁ ବିଭିନ୍ନ ସଂସ୍ଥା ଦାୟିତ୍ୱରେ ଅଛନ୍ତି ବୋଲି ମନ୍ତବ୍ୟ ଦେଇଥିଲେ। ତେବେ ରାଜସ୍ୱ ମନ୍ତ୍ରୀ ଦେଇଥିବା ଟିପ୍ପଣୀକୁ ଦୁର୍ଭାଗ୍ୟଜନକ ବୋଲି କହିଛି ବିଜେଡି। ପୁଲିସ ନିଯୁକ୍ତି ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ଆୟୋଜନ ହୁଏ, ଯାହା ଗୃହ ବିଭାଗର ଅଧୀନରେ ଅଛି। ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟର ଜଣେ ବରିଷ୍ଠ ମନ୍ତ୍ରୀ ହୋଇ ମଧ୍ୟ ଏତିକି କଥା ଜାଣି ନାହାନ୍ତି ବୋଲି ବିଜେଡି କହିଛି।

- ଓପିଆରବି ରାଜ୍ୟ ସରକାରଙ୍କର ଗୃହ ବିଭାଗର ଏକ ଅଂଶ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅବଗତ ନାହାନ୍ତି
- କିଛି ନକରି ଶ୍ରେୟ ନେବାପାଇଁ ବିଜେପି ସରକାର ଆଗରେ
- ଅଢେଇ ବର୍ଷରେ ମାତ୍ର ୬,୦୦୦ ସରକାରୀ ପଦବୀରେ ଦେଇଛନ୍ତି ନିଯୁକ୍ତି




ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ସରକାରକୁ ଆସିବାର ଅଢେଇ ବର୍ଷ ବିତି ଯାଇଥିଲା ବେଳେ ରାଜ୍ୟ ସରକାର ଏହି ସମୟ ଭିତରେ ୪୫,୦୦୦ ନିଯୁକ୍ତି ପ୍ରଦାନ କରିଛନ୍ତି। କିନ୍ତୁ ଏହି ୪୫,୦୦୦ ନିଯୁକ୍ତି ଭିତରୁ ପ୍ରାୟ ୩୯,୦୦୦ ନିଯୁକ୍ତି ପାଇଁ ବିଜେଡି ସରକାରଙ୍କ ସମୟରେ ବିଜ୍ଞାପନ ହୋଇଥିଲା। ଡ. ମହାନ୍ତି କହିଥିଲେ ଯେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ'ହ୍ୟାଣ୍ଡଲରେ ଗତ ଶୁକ୍ରବାର ଦିନ ଏକ ପୋଷ୍ଟ କରି କହିଥିଲେ, ବିଜେଡି ସମୟରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିବା ୩୩୬ ଜଣ ଏସଆଇ ଅଧିକାରୀ ଦୁଇ ବର୍ଷର ପ୍ରଶିକ୍ଷଣ ସାରିବା ପରେ ସେମାନଙ୍କ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସଲାମୀ ଗ୍ରହଣ କରିଥିଲେ। ରାଜ୍ୟ ବିଜେପି ସରକାର ଶ୍ରେୟ ନେବା ପାଇଁ ସବୁବେଳେ ଆଗରେ। ପ୍ରଥମେ ସରକାର ସ୍ପଷ୍ଟ କରନ୍ତୁ ପ୍ରଶ୍ନପତ୍ର ଲିକ୍ ଯୋଗୁ ୨୦୨୫ରେ ବାତିଲ ହୋଇଥିବା କମ୍ବାଇନଡ ପୁଲିସ ସର୍ଭିସ ପରୀକ୍ଷା କେବେ ହେବ? ନବୀନ ନିଜ ପୋଷ୍ଟରେ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଶ୍ରୀ ପୂଜାରୀ ନିଯୁକ୍ତି ପରୀକ୍ଷା ସରକାର କରୁ ନାହାନ୍ତି, ବିଭିନ୍ନ ସଂସ୍ଥା ମାନେ କରୁଛନ୍ତି ବୋଲି କହିଥଲେ। ଯଦି ସବୁ ଭଲ କାମ କରିଥିଲେ ତାହେଲେ ତାଙ୍କ ଦଳ ନିର୍ବାଚନ ହାରିଲା କାହିଁକି ବୋଲି ଶ୍ରୀ ପୂଜାରୀ ପ୍ରଶ୍ନ କରିଥିଲେ। ଶ୍ରୀ ପୂଜାରୀଙ୍କ ମନ୍ତବ୍ୟ ଉପରେ ଜବାବ ଦେଇ ଡ.ମହାନ୍ତି କହିଥିଲେ, ଶ୍ରୀ ପୂଜାରୀ ବୋଧହୁଏ ଅବଗତ ନାହାନ୍ତି ଯେ ପୁଲିସ ବିଭାଗର ନିଯୁକ୍ତି ପରୀକ୍ଷା ଓପିଆରବି ଦ୍ୱାରା କରାଯାଏ। ଓପିଆରବି ରାଜ୍ୟ ସରକାରଙ୍କର ଗୃହ ବିଭାଗର ଅଧୀନରେ ରହିଛି, ଏହାର ବିଫଳତା ପାଇଁ ସିଧାସଳଖ ରାଜ୍ୟ ସରକାର ଦାୟୀ। ଗତ ନିର୍ବାଚନରେ ବିଜେଡିର ପରାଜୟ ନେଇ, ଡ ମହାନ୍ତି କହିଥିଲେ, ଅବ କି ବାର ଚାରଶୋ ପାର ନାରା ଦେଇଥିବା ବେଳେ ଏନଡିଏ ୨୪୦ରେ ସୀମିତ ହୋଇଗଲା କାହିଁକି। ସେହିପରି ରାମ ମନ୍ଦିର ନିର୍ମାଣ କରି ନିଜ ପିଠି ନିଜେ ଥାପୁଡ଼େଉଥିବା ବିଜେପି ଅଯୋଧାରେ ନିର୍ବାଚନ ହାରିଲା କାହିଁକି। ପୁରୀରେ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ତୁମ୍ବି ତୋଫାନ କରିଥିବା ବିଜେପି ପୁରୀ ବିଧାନସଭା କ୍ଷେତ୍ରରୁ ହାରିଲା କାହିଁକି ବୋଲି ପ୍ରଶ୍ନ କରିଛନ୍ତି।

# ପୋଖରୀରେ ବୁଡ଼ି ଦୁଇ ଭଉଣୀ ମୃତ

ସିନାପାଲି,୬।୯(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ତିଲେଇମାଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ଏକ ପୋଖରୀକୁ ଦୁଇ ଭଉଣୀ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ଦୁଇ ଭଉଣୀ ହେଲେ ତିଲେଇମାଲ ଗ୍ରାମର ନୀଳକଣ୍ଠ ହଂସଙ୍କ ଝିଅ ଯଶୋଦା ହଂସ(୮) ଓ ଗୁପ୍ତେଶ୍ୱରୀ ହଂସ(୫)। ରବିବାର ପୂର୍ବାହ୍ନ ୧୧ଟା ସମୟରେ ଦୁଇ ଭଉଣୀ ମାଆ ଉସାବତି ହଂସଙ୍କ ସହ ଗ୍ରାମର ଦରଲି ପୋଖରୀ ( ବନ୍ଧ)କୁ ଗାଧୋଇବାକୁ ଯାଇଥିଲେ। ମାଆ ଗାଧୋଇ ସାରି ଘରକୁ ଫେରିଥିବାବେଳେ ଦୁଇ ଭଉଣୀ ସେଠାରେ ଗାଧୋଉଥିଲେ। ଦୀର୍ଘ ସମୟ ପରେ ସେମାନେ ନଫେରିବାରୁ ବାପା ନୀଳକଣ୍ଠ ଖୋଜିବାକୁ ଯାଇଥିଲେ। ପୋଖରୀ ହୁଡ଼ାରେ ଦୁଇ ଭଉଣୀଙ୍କ କପଡ଼ା ପଡ଼ିଥିବାବେଳେ ସେମାନଙ୍କୁ ଦେଖି ପାରିନ ଥିଲେ। ସନ୍ଦେହ କରି ପୋଖରୀ ଭତରକୁ ଯାଇ ଖୋଜିବାରୁ ଦୁଇ ଭଉଣୀଙ୍କୁ ଉଦ୍ଧାର କରିଥିଲେ। ଥାନା ଧିକାରୀ ମହେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ଉଭୟ ଭଉଣୀଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଖେଳ ପଡ଼ିଆରେ ବଜ୍ରପାତ; ଜଣେ ମୃତ, ୨ ଗୁରୁତର

ରାଉରକେଲା,୬।୯(ସମିସ): ଫୁଟ୍‌ବଲ୍ ଖେଳ ହେଲା କାଳ। ଖେଳ ଚାଲିଥିବାବେଳେ ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କାଲୋସିରିଆ ପଞ୍ଚାୟତ ଖଡ଼ିଆ ବସ୍ତିରେ। ମୃତକ ହେଲେ ଅମିତ ମିଞ୍ଜ (୧୫)। ଆହତ ଦ୍ୱୟଙ୍କୁ ଚିକିତ୍ସା ପାଇଁ କୁଆଁରମୁଣ୍ଡା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ରବିବାର ଛୁଟି ଥିବାରୁ ଦିନ ପ୍ରାୟ ୩ଟାରେ ଗାଁର ଅନେକ ପିଲା ଫୁଟବଲ୍ ଖେଳୁଥିଲେ। ଏହି ସମୟରେ ଝିପିଝିପି ବର୍ଷା ସହ ଜୋର୍‌ରେ ବଜ୍ରପାତ ହୋଇଥିଲା। ଫୁଟବଲ୍ ଖେଳୁଥିବା ଅମିତ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ। ସେହିପରି କଷ୍ଟୁ ଗଞ୍ଜୁ(୧୫) ଓ ସମୀର ତିର୍କୀ(୧୬) ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ କୁଆଁରମୁଣ୍ଡା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୁଆଁରମୁଣ୍ଡା ଫାଣ୍ଡି ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।



# ପେନ୍‌ସନ୍‌ଭୋଗୀଙ୍କଠାରୁ ୭ ଲକ୍ଷ ନେଇଗଲେ ସାଇବର ଠକ

ସମ୍ବଲପୁର,୬।୯(ସମିସ): ପେନ୍‌ସନ୍ ଭୋଗୀଙ୍କଠାରୁ ସାଇବର ଠକ ନେଇଗଲେ ୭ ଲକ୍ଷ ଟଙ୍କା। ସମ୍ବଲପୁର ସାଇବର ଥାନାରେ ଅଭିଯୋଗ ପରେ ପୁଲିସ ଉତ୍ତରଖଣ୍ଡରୁ ଅଭିଯୁକ୍ତକୁ ଗିରଫ କରି ୨ ଲକ୍ଷ ଟଙ୍କା ଉଦ୍ଧାର କରିଥିବା ସମ୍ବଲପୁର ଏସ୍‌ପି ମୁକେଶ ଭାମ୍ର କହିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଉତ୍ତରାଖଣ୍ଡ ଉଧମ ସିଂହ ନଗର ଜିଲ୍ଲା ବାଜପୁର ଥାନା ଅଧୀନ ଚକରପୁର ଗ୍ରାମର ଆବାସ ଅଲ୍ଲୀ (୩୦)। ଠକେଇ ହୋଇଥିବା ଅର୍ଥ ମଧ୍ୟରୁ ୫ ଲକ୍ଷ ୫୬ ହଜାର ୧୦୫ ଟଙ୍କା ଫ୍ରିଜ କରିଛି। ପୁଲିସ ସୂଚନା ଅନୁସାରେ ଗୋବିନ୍ଦତୋଲା ଅଞ୍ଚଳର ପେନସନଭୋଗୀ ସୁନୀଲ ଫେସବୁକରେ 'ଇଣ୍ଡିଆନ ବ୍ୟାଙ୍କ ପେନସନର୍ସ କ୍ରେଡିଟ୍ କାର୍ଡ' ସମ୍ପର୍କିତ ଏକ ବିଜ୍ଞାପନ ଦେଖି ସେଥିରେ ଯୋଗାଯୋଗ କରିଥିଲେ। ଏହାପରେ ଏକ ଅଜଣା ନମ୍ବରରୁ ତାଙ୍କ ନିକଟକୁ କଲ୍ ଆସିଥିଲା। ଠକେଇ ସନ୍ଦେହ କରି ସେ ନିଜର ମୋବାଇଲ୍ ବ୍ୟାଙ୍କିଙ୍ଗ୍ ସେବା ବନ୍ଦ କରିଦେଇଥିଲେ। ହେଲେ ସାଇବର ଠକମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହ୍ୟାକ୍‌କରି ପ୍ରାୟ ୭ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଡିଜିଟାଲ ଟ୍ରାକିଂ ବେଳେ ଜଣାପଡ଼ିଥିଲା ଯେ ଠକେଇ ଅର୍ଥ ଦୁଇଟି ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହୋଇଛି। ଉକ୍ତ ଠକେଇ ଟଙ୍କା ମାଲେସିଆରେ ରହୁଥିବା ମୁଖ୍ୟ ଅଭିଯୁକ୍ତ ବ୍ୟାଙ୍କ ଖାତାକୁ ଯାଇଥିଲା। ଉକ୍ତ ଟଙ୍କାକୁ ଆବାସ ଉଠାଇ ଅନ୍ୟ ଅଭିଯୁକ୍ତକୁ ପଠାଇଥିଲା। ପୁଲିସ ସିସିଟିଭି ଆଧାରରେ ଆବାସକୁ ଗିରଫ କରି ସ୍ଥାନୀୟ କୋର୍ଟ ଚାଲାଣ କରିଥିଲା। ସେଠାରେ ଅଭିଯୁକ୍ତକୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ତଦନ୍ତ ପାଇଁ ଆସନ୍ତ ୧୫ ତାରିଖରେ ଅଭିଯୁକ୍ତ ସମ୍ବଲପୁର ଆସିବା ନେଇ ଖବର ମିଳିଛି। ଏହି ରାକେଟର ମୁଖ୍ୟ କାର୍ପଟଦାର ମାଲେସିଆରେ ରହୁଥିବା ଜଣାପଡ଼ିଛି। ତାକୁ କାବୁ କରିବା ପାଇଁ ପୁଲିସ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଅଭିଯୁକ୍ତ ନିକଟରୁ ନଗଦ ୨ ଲକ୍ଷ ଟଙ୍କା, ଗୋଟିଏ ମୋବାଇଲ, ସିମ୍ କାର୍ଡ, ବ୍ୟାଙ୍କ ପାସବୁକ୍ ଇତ୍ୟାଦି ଜବତ କରିଛି।

- ଉତ୍ତରାଖଣ୍ଡରୁ ଜଣେ ଗିରଫ, ୨ ଲକ୍ଷ ଟଙ୍କା ଜବତ
- ମୁଖ୍ୟ ଅଭିଯୁକ୍ତ ମାଲେସିଆରୁ କରୁଛି ଅପରେଟ୍



# ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା

ସମ୍ବଲପୁର,୬।୯(ସମିସ): ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ। ହତ୍ୟାପରେ ଟାଉନଥାନାରେ ଆତ୍ମସମର୍ପଣ କରିଛି ଅଭିଯୁକ୍ତ। ପୁଲିସ କୁମ୍ଭାରପଡ଼ାର ସାୟଦ ସାମସଦ ଅଲି(୪୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ମହିଳା ହେଉଛନ୍ତି ଠେଲକୋପଡ଼ାର ହୀନା ବେଗମ(୪୦)। ପରକୀୟ ପ୍ରୀତି ସନ୍ଦେହକୁ ନେଇ ଅଭିଯୁକ୍ତ ସ୍ୱାମୀ ସ୍ତ୍ରକୁ ପ୍ରଥମେ ଛୁରି ଭୁସିବା ପରେ ପେଭର ବ୍ଲକ୍‌ରେ ମୁଣ୍ଡରେ ଆଘାତ ଦେଇ ହତ୍ୟା କରିଥିବା ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁସାରେ ପରକୀୟା ପ୍ରୀତି ସନ୍ଦେହରେ ସବୁବେଳେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଶନିବାର ରାତି ସାଢେ ୧୦ଟା ବେଳେ ହୀନା ସେନପାର୍କ ଗଳି ଆଡ଼କୁ ଯାଇଥିଲେ। ପ୍ରତିଦିନ ଭଳି ରାତ୍ରୀକାଳୀନ ଚାଲିବା ପରି ଦୁଇ ଜଣ ଯାଇଥିଲେ। ପରକୀୟ ପ୍ରୀତିକୁ ନେଇ ଦୁଇ ଜଣକ ମଧ୍ୟରେ ଝଗଡ଼ା ହୋଇଥିଲା। ପୂର୍ବରୁ ଯୋଜନାବଦ୍ଧ ଭାବେ ଅଭିଯୁକ୍ତ ସ୍ୱାମୀ ପାଖରେ ଛୁରି ନେଇ ଯାଇଥିଲା। ଝଗଡ଼ାରେ ଉତ୍ୟକ୍ତ ହୋଇ ପ୍ରଥମେ ହୀନାଙ୍କୁ ଛୁରିରେ ଆକ୍ରମଣ କରିଥିଲା। ହୀନା ଦୌଡିକି ଟିକେ ଦୂର ଯାଇ ତଳେ ପଡ଼ିଯାଇଥିଲେ। ପରେ ପାଖରେ ପଡ଼ିଥିବା ପେଭରବ୍ଲକ ସହାୟତାରେ ହୀନାଙ୍କ ମୁଣ୍ଡରେ ବାରମ୍ବାର ଆକ୍ରମଣ କରିଥିଲା ଅଭିଯୁକ୍ତ। ଘଟଣାସ୍ଥଳରେ ହୀନାଙ୍କ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତ ସେଠାରୁ ଫେରାର ହୋଇ ନିଜ ଘରକୁ ଯାଇଥିଲା। ସେଠାରେ ହତ୍ୟା ସମ୍ପର୍କରେ କହି ଟାଉନ ଥାନାରେ ଆତ୍ମସମର୍ପଣ କରିଥିଲା। ଏହି ଘଟଣାରେ ଏବେ ଯାଏଁ କେବଳ ସ୍ୱାମୀଙ୍କ ସମ୍ପୃକ୍ତି ଥିବା ନେଇ ଜଣାପଡ଼ିଛି। ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଶ୍ରୀ ମିଶ୍ର କହିଛନ୍ତି।



# ୬୨୮ ଫୁଟ୍‌ରେ ପହଞ୍ଚିଲା ହୀରାକୁଦ ଜଳସ୍ତର

ସମ୍ବଲପୁର, ୬।୯ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା ହ୍ରାସ ପାଇବା ଏବଂ ପ୍ରବେଶ ଜଳ ପରିମାଣ କମିବାପରେ ରବିବାର ପୂର୍ବାହ୍ଣ ୧୦ଟା ସମୟରେ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ନଦୀବନ୍ଧର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର ଜଳସ୍ତର ୬୨୮ ଫୁଟ୍ ପହଞ୍ଚିଲାଣି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ରବିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ ଏବଂ ଡାହାଣ ପାଶ୍ୱର୍ର ଗୋଟିଏ ଲେଖାଏଁ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୧୨,୮୦୨ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୮,୩୩୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୨,୫୭୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୧୭୩୬ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩୭୯୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୨,୮୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୨୮,୧୬୯ କ୍ୟୁସେକ୍, ଖଇରମାଳଠାରେ ୧,୨୭,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୬୪,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୨,୧୭,୧୫୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରବିବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୦.୯୧ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୦୧ ମିମି ବର୍ଷା ରେକର୍ଡ କରାଯାଇଛି।

**ସନ୍ଧ୍ୟା ୬ଟାରେ ୨ ଗେଟ୍ ଖୋଲା, ପ୍ରବେଶ କରୁଛି ୧.୧୨ ଲକ୍ଷ କ୍ୟୁସେକ୍ ଜଳ**

# ହତ୍ୟା ମାମଲା: ଆଜି ବ୍ରହ୍ମପୁର କୋର୍ଟରେ ହାଜର ହେବେ ସୋରଡ଼ା ବିଧାୟକ

ବ୍ରହ୍ମପୁର,୬।୯(ସମିସ): ଏକ ହତ୍ୟାକାଣ୍ଡ ମାମଲାରେ ସୋରଡା ବିଜେପି ବିଧାୟକ ନୀଳମଣି ବିଶୋୟୀ ଆସନ୍ତା କାଲି ବ୍ରହ୍ମପୁର ସ୍ୱତନ୍ତ୍ର ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ହାଜର ହେବାକୁ ଦିନ ଧାର୍ଯ୍ୟ ହୋଇଛି। ବିଧାୟକ ନୀଳମଣିଙ୍କ ସମେତ ଏହି ମାମଲାରେ ମୋଟ ୬ଜଣଙ୍କ ନାମରେ ମାମଲା ରହିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ମଧ୍ୟରେ ବିଧାୟକ ନୀଳମଣିଙ୍କ ଭାଇ ବସନ୍ତ ବିଶୋୟୀ ଓ ଭଣଜା ଜିତୁଙ୍କ ନାମ ରହିଛି। ଗତ ୧୮ ତାରିଖରେ ପ୍ରଥମ ଥର ପାଇଁ ଏହି ମାମଲାର ବିଚାରଣା ବ୍ରହ୍ମପୁର ସ୍ୱତନ୍ତ୍ର କୋର୍ଟରେ ହୋଇଥିବା ବେଳେ ଅନ୍ୟତମ ଅଭିଯୁକ୍ତ ବସନ୍ତ ବିଶୋୟୀ କୌଣସି କାରଣରୁ ଅନୁପସ୍ଥିତ ଥିଲେ। କାଲି ମାମଲାର ଦ୍ୱିତୀୟ ବିଚାରଣା ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ବିଧାୟକଙ୍କ ସମେତ ଅନ୍ୟ ସମସ୍ତ ଅଭିଯୁକ୍ତ ହାଜର ହେବାର ସମ୍ଭାବନା ରହିଛି। ସୂଚନା ପ୍ରକାରେ ଗତ ୨୦୦୭ମସିହା ଡିସେମ୍ବର ୩ ତାରିଖ ଦିନ ପୂର୍ବାହ୍ନ ପ୍ରାୟ ସାଢେ ୯ଟା ସମୟରେ ଭଞ୍ଜନଗରରୁ ବାଙ୍କେଶ୍ୱରୀ ବସ ଯୋଗେ ଯାତ୍ରା କରୁଥିବା ବେଳେ ଜାମପଲ୍ଲୀ ଛକ ନିକଟରେ ବସକୁ ଅଟକାଇ ସୀତାପତି ନାୟକଙ୍କୁ ବସରୁ ଟାଣି ଆଣି ସଂଘବଦ୍ଧ ଭାବେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ଗୁରୁତର ଅବସ୍ଥାରେ ସୀତାପତିଙ୍କୁ କିଛି ଲୋକ ଉଦ୍ଧାର କରି ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୀତାପତିଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଭଞ୍ଜନଗର ଥାନା ପୁଲିସ ବସନ୍ତ ବିଶୋୟୀ, ନୀଳମଣି ବିଶୋୟୀ, ଜିତେନ୍ଦ୍ର କୁମାର ନାୟକ, ବିଦ୍ୟାଧର ସ୍ୱାଇଁ, ଶିବ ପ୍ରସାଦ ଜେନା ଓ ସୁଶାନ୍ତ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତି ସମୟରେ ହାଇକୋର୍ଟରୁ ସମସ୍ତ ଅଭିଯୁକ୍ତ ଜାମିନରେ ମୁକୁଳିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ' ଗତ ୨୦୦୭ମସିହା ଏପ୍ରିଲ ପହିଲାରେ ସୀତାପତିଙ୍କ ପୁଅ ବସନ୍ତ କୁମାର ନାୟକ ଓ ବନ୍ଧୁ ସୁରେନ୍ଦ୍ର ନାୟକଙ୍କ ଉପରେ କୌଣସି କାରଣରୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଅଭିଯୋଗ ପ୍ରକାରେ ସୀତାପତିଙ୍କ ପୁଅ ବସନ୍ତଙ୍କୁ ଗାଙ୍ଗପୁର ଗ୍ରାମର ନୀଳମଣି ବିଶୋୟୀ, ବସନ୍ତ ବିଶୋୟୀ, ଜିତୁ ନାୟକ ଓ ତାଙ୍କ ସହଯୋଗୀମାନେ ବାଡେଇ ବାଡେଇ ଲଣ୍ଡା କରି ବଜାରରେ ବୁଲାଇଥିଲେ। ସେହିଭଳି ବସନ୍ତଙ୍କ ସାଙ୍ଗ ସୁରେନ୍ଦ୍ରଙ୍କୁ ପିଟିପିଟି ହତ୍ୟାକରି ପରେ ପୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସୀତାପତି ନାୟକଙ୍କ ଅଭିଯୋଗ ପ୍ରକାରେ ଗାଙ୍ଗପୁର ଥାନାରେ କେସ ନଂ ୩୬/୨୦୦୭ରେ ମାମଲା ରୁଜୁ ହୋଇଥିଲା। ଯାହାକୁ କେନ୍ଦ୍ର କରି ଘଟଣା ପରଠାରୁ ଅଭିଯୁକ୍ତମାନେ ସୀତାପତି ଓ ତାଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଗୁରୁତର ସୀତାପତି ମୃତ୍ୟୁକାଳୀନ ଜମାନବନ୍ଦୀ ଦେଇଥିଲେ। ମାମଲାଟି ପୂର୍ବରୁ ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ବିଚାରଣା ହେଉଥିଲା। ତେବେ ଏହି ମାମଲରେ ସମ୍ପୃକ୍ତ ନୀଳମଣି ବିଶୋୟୀ ଗତ ୨୦୨୪ ସାଧାରଣ ନିର୍ବାଚନରେ ସୋରଡ଼ାର ବିଧାୟକ ଭାବେ ନିର୍ବାଚିତ ହେବାପରେ ମାମଲାଟି ଇତିମଧ୍ୟରେ ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍(ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟକୁ ସ୍ଥାନାନ୍ତର ହୋଇଛି। ଗତ ଅଗଷ୍ଟ ୧୮ ତାରିଖରେ ମାମଲାର ପ୍ରଥମ ବିଚାରଣା ହୋଇଥିବା ବେଳେ ବିଧାୟକ ନୀଳମଣି ବିଶୋୟୀଙ୍କ ସମେତ ଜିତେନ୍ଦ୍ର କୁମାର ନାୟକ, ବିଦ୍ୟାଧର ସ୍ୱାଇଁ, ଶିବ ପ୍ରସାଦ ଜେନା ଓ ସୁଶାନ୍ତ ବେହେରା କୋର୍ଟରେ ହାଜର ହୋଇଥିଲେ।



- ୧୮ ରେ ସ୍ଥାନୀୟ କୋର୍ଟରେ ହାଜର ହୋଇଥିଲେ ବିଧାୟକଙ୍କ ସମେତ ଅନ୍ୟ ୪ ସହଯୋଗୀ
- ନୀଳମଣିଙ୍କ ଭାଇ ବସନ୍ତ ବିଶୋୟୀ ଅନ୍ୟତମ ଅଭିଯୁକ୍ତ

# ଗଞ୍ଜେଇ ବେପାରୀଙ୍କୁ ଅବକାରୀ ବିଭାଗର ପ୍ରୋତ୍ସାହନ !

- ଆଠମଲ୍ଲିକ ଉପଖଣ୍ଡ ଚୋରାଚାଲାଣ ପାଇଁ ସୁଗମ ପଥ
- ଗଞ୍ଜେଇ ମାଫିଆଙ୍କ ସହ ବିଭାଗୀୟ ବଡ଼ବାବୁଙ୍କ ଡିଲ୍
- ଗଞ୍ଜେଇ ଭର୍ତ୍ତି ଗାଡ଼ି ଜବତ, ଚାଳକ ଫେରାର

ଅନୁଗୋଳ,୬।୯(ସମିସ):




ଅନୁଗୋଳ ଅବକାରୀ ବିଭାଗ ମୁଖିଆଙ୍କ ନିଷ୍କ୍ରିୟତା ଯୋଗୁଁ ଜିଲ୍ଲାରେ ନିଶାଦ୍ରବ୍ୟ ଚୋରାଚାଲାଣ ରୋକାଯାଇ ପାରୁନି। ଚୋରା ମାଦକ ଦ୍ରବ୍ୟ ଚାଲାଣକୁ ଅବକାରୀ ବିଭାଗ ରୋକିବ କ'ଣ ବେପାରୀଙ୍କଠାରୁ ବଟି ଆଦାୟ କରି ସେମାନଙ୍କୁ ଦେଉଛି ସୁରକ୍ଷା। ଗଞ୍ଜେଇ ଚୋରାଚାଲାଣ ପାଇଁ ଅବକାରୀ ବିଭାଗଠାରୁ ମିଳୁଛି ପ୍ରୋତ୍ସାହନ। ଜିଲ୍ଲା ସୀମାନ୍ତ ଆଠମଲ୍ଲିକ ଉପଖଣ୍ଡ ମହାନଦୀ ବ୍ରିଜ ଦେଇ ପଡ଼ୋଶୀ ବୌଦ୍ଧ, ଫୁଲବାଣୀ ଅଞ୍ଚଳରୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଚୋରା ଗଞ୍ଜେଇ, ମଦ ଚାଲାଣ ହେଉଛି। ଚୋରାଚାଲାଣ ପାଇଁ ଏହା ସୁଗମ ଓ ସୁରକ୍ଷିତ ପଥ ପାଲଟିଛି। ଏହି ପଥ ଦେଇ ବହୁଳ ମାତ୍ରାରେ ଗଞ୍ଜେଇ ଚାଲାଣ ହେଉଥିବା ସ୍ଥାନୀୟ ଲୋକେ କହୁଥିବା ବେଳେ ଅବକାରୀ ବିଭାଗ ଅବା ପୁଲିସ ଜାଣି ନ ପାରିବା ବିଡ଼ମ୍ବନା ବୋଲି ମତ ପ୍ରକାଶ ପାଇଛି।

ଚୋରା ଗଞ୍ଜେଇ ଚାଲାଣର ସୁରକ୍ଷିତ ରାସ୍ତାରେ ଶନିବାର ବିଳମ୍ବିତ ରାତିରେ କିଆକଟା ପୁଲିସ ନାକାବନ୍ଦୀ କରି ଗାଡ଼ି ଯାଞ୍ଚ କରୁଥିଲା। ଗଞ୍ଜେଇ ଭର୍ତ୍ତି ଏକ ପିକଅପ ଭ୍ୟାନ୍ (ଓଡି୩୩-ଏବି୬୩୧୬)କୁ ପୁଲିସ ଠାବ କରିଥିଲା। ହେଲେ ଗାଡ଼ି ଚାଳକ ଚମ୍ପଟ ମାରିଥିଲେ। ଗଞ୍ଜେଇ ଗାଡ଼ିକୁ ଏସ୍କର୍ଟ କରୁଥିବା ଗଞ୍ଜେଇ ମାଫିଆଙ୍କ ଗାଡ଼ିରେ ବସି ସେ ଖସିଯାଇଥିଲେ। ତେବେ ଏହି ଗାଡ଼ିରୁ ମାତ୍ର ୭୪ କେଜି ଗଞ୍ଜେଇ ଜବତ ହୋଇଥିବା ପୁଲିସ ସୂଚନା ଦେଇଛି। ବୌଦ୍ଧରୁ ସମ୍ବଲପୁର ଅଭିମୁଖେ ଯାଉଥିଲା ଏହି ଗଞ୍ଜେଇ ଗାଡ଼ି। ହେଲେ ଚାଳକ ଏବଂ ଗଞ୍ଜେଇ ମାଫିଆଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। ପୁଲିସ ମାମଲାକୁ କୋହଳ କରିବାକୁ ଯାଇ ଜବତ ଗଞ୍ଜେଇ ପରିମାଣକୁ ଲୁଚାଉଥିବା ସାଧାରଣରେ ଆଲୋଚନା ହେଉଛି।

ଜିଲ୍ଲା ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ଜିଲ୍ଲାରେ ଯୁବଗୋଷ୍ଠୀ ବିପଥଗାମୀ ହେଉଛନ୍ତି। ଗଞ୍ଜେଇ, ମଦ, ବ୍ରାଉନସୁଗର ଭଳି ମାଦକଦ୍ରବ୍ୟ ଚୋରା କାରବାର ଏବଂ ବହୁଳ ବ୍ୟବହାର ଯୋଗୁଁ ଅନେକ ପରିବାର ଉଜୁଡୁଛି। ଦୁର୍ଘଟଣା ଓ ଅପରାଧ ସବୁ ନିତିଦିନିଆ ଘଟଣା ପାଲଟିଛି। ଜିଲ୍ଲା ଅବକାରୀ ବିଭାଗ ଉପରୁ ଲୋକେ ଆସ୍ଥା ହରେଇଲେଣି। ଏପଟେ କିଛି ଅବକାରୀ ବିଭାଗ କର୍ମଚାରୀ ସରକାରଙ୍କ ପ୍ରାପ୍ୟ ରାଜସ୍ୱକୁ ନିଜ ପକେଟରେ ରଖୁଛନ୍ତି। ରାଜକୀୟ ଠାଣିରେ ଚଳୁଛନ୍ତି। ଆଠମଲ୍ଲିକର ଜଣେ ଅବକାରୀ କନଷ୍ଟେବଳ ୨୫ ଲକ୍ଷର ଗାଡ଼ି ଚଢ଼ନ୍ତି ଆଉ ଆଲିସାନ ଫର୍ମହାଉସରେ ମୌଉଜ ମଜଲିସ କରନ୍ତି। ଏ ସବୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କଲେ ବହୁ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

## ଗଣେଶ ପୂଜା ପାଇଁ ସଜବାଜ

# ଶେଷ ପର୍ଯ୍ୟାୟରେ ବାଉଁଶ ଭିଡ଼ା କାର୍ଯ୍ୟ

ତାଳଚେର,୬।୯(ସମିସ): ଅଗ୍ରପୂଜ୍ୟ ଗଣପତିଙ୍କ ପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହେଉଛି। ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରତ୍ୟେକ ପୂଜାମଣ୍ଡପଗୁଡ଼ିକରେ ଟେଣ୍ଟ ହାଉସ୍ ପକ୍ଷରୁ ବାଉଁଶ ଭିଡ଼ା କାର୍ଯ୍ୟ ଜୋରସୋରରେ ଚାଲିଛି। କିଛି ମଣ୍ଡପରେ ବାଉଁଶ ଭିଡ଼ା କାର୍ଯ୍ୟ ଶେଷହେବା ସହ ଆଲୋକମାଳାରେ ସାରା ସହର ଜସେଇ ହେଲାଣି। ସନ୍ଧ୍ୟାରେ ରଙ୍ଗବେରଙ୍ଗର ଆଲୋକରେ ସହର ଝଲସୁଛି।



ତାଳଚେରର ଗଣପର୍ବ ଗଣେଶ ପୂଜା ପାଇଁ ୧୧ଦିନ ପର୍ଯ୍ୟନ୍ତ ସହର ଚଳଚଞ୍ଚଳ ହୋଇପଡ଼ିବ। ପୂଜାକୁ ଦୃଷ୍ଟିରେ ରଖି ଏବେଠାରୁ ସହରର କିଛି ସ୍ଥାନରେ ଅସ୍ଥାୟୀ ଦୋକାନ ବଜାର ବସିବା ଆରମ୍ଭ ହେଲାଣି। ଚଳିତ ସେପ୍ଟେମ୍ବର ୧୪ତାରିଖ ପୂଜା ଆରମ୍ଭ ହୋଇ ୨୬ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପୂଜା କମିଟି ଓ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ପୂଜାକୁ କିପରି ସରସସୁନ୍ଦର ଓ ଆକର୍ଷଣୀୟ କରିବା ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୂଜା ମାହୋଲରେ ପ୍ରବଳ ଜନସମାଗମ ହେବ ବୋଲି ଆଶା କରାଯାଉଛି। ତେଣୁ ତାଳଚେରର ମୁଖ୍ୟ ରାସ୍ତା ଓ ପୂଜାମଣ୍ଡପଗୁଡ଼ିକ ନିକଟରେ ପୁଲିସ୍ ମୁତୟନ କରାଯାଇ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କଡ଼ାକଡ଼ି କରାଯିବ। ରୋଡ୍ ରୋମିଓମାନଙ୍କ ଗାଡ଼ିଚାଳନା, ମଦ୍ୟପ, ଚୋରି, ଡକାୟତି, ରାହାଜାନି, ଛିନତାଇ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପୁଲିସ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ପାଇଁ କମିଟିଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଗଲାଣି। କେଉଁ ପୂଜା ମଣ୍ଡପ କେତେ ଆକର୍ଷଣୀୟ ସାଜସଜ୍ଜା କରିବେ ସେ ନେଇ ପ୍ରତିଯୋଗିତା ଦେଖିବାକୁ ମିଳିଲାଣି। ପୂର୍ବବର୍ଷ କେତେକ ସ୍ଥାନରେ ଯୁବପିଢ଼ି ପୂଜା ଆୟୋଜନ କରି ଭସାଣିରେ ଡିଜେ ସାଉଣ୍ଡକୁ ନେଇ ପ୍ରତିଯୋଗିତା କରୁଥିଲେ। କିନ୍ତୁ ଉକ୍ତ ଶବ୍ଦକାରୀ ଡିଜେକୁ ଚଳିତବର୍ଷ ନିଷିଦ୍ଧ କରାଯାଇଛି। ପୂଜା ମାହୋଲରେ ବିଭିନ୍ନ କିସମର ଦୋଳି, ମନୋହରି ଦୋକାନ, ଚାଟ୍, ଗୁପଚୁପ୍, ଫାଷ୍ଟଫୁଡ୍ ଆଦି ଦୋକାନଗୁଡ଼ିକରେ ଗହଳି ହୋଇଥାଏ। ଏ ନେଇ ଟ୍ରାଫିକ ସମସ୍ୟା ଏକ ବଡ଼ ସମସ୍ୟା ରୂପେ ଉଭା ହୋଇଥାଏ। ପ୍ରଶାସନ ପକ୍ଷରୁ ଏହାକୁ ନିୟନ୍ତ୍ରଣ କରାଯାଇ ପାରିଲେ ଲୋକେ ଶୃଙ୍ଖଳିତ ଭାବେ ପୂଜାକୁ ଉପଭୋଗ କରିପାରିବେ ବୋଲି ବିଭିନ୍ନ ପୂଜାମଣ୍ଡପଗୁଡ଼ିକ ପକ୍ଷରୁ କୁହାଯାଇଛି। ସନ୍ଧ୍ୟା ସମୟରେ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଇବାକୁ ମତପ୍ରକାଶ ପାଇଛି।

# ବଇଣ୍ଡାରେ ନନ୍ଦ ଉତ୍ସବ ଅନୁଷ୍ଠିତ



ବଇଣ୍ଡା,୬।୯(ସମିସ): ହଣ୍ଡପା ଥାନା ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ଶନିବାର ନନ୍ଦ ଉତ୍ସବ ପାଳିତ ହୋଇଛି। ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ମନ୍ଦିରକୁ ଆକର୍ଷଣୀୟ ସାଜସଜା କରାଯାଇଥିବା ବେଳେ ରାଧାକୃଷ୍ଣ ବେଶରେ ଶିଶୁମାନେ ନୃତ୍ୟ ପରିବେଷଣ କରିଥିଲେ। ପୂଜକ ମଦନ ମୋହନ ମିଶ୍ର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଏଥିସହ ଶ୍ରୀକୃଷ୍ଣଙ୍କୁ ଦୋଳିରେ ଝୁଲାଯାଇ ଦହିହାଣ୍ଡି ଭଙ୍ଗାଯାଇଥିଲା। ମନ୍ଦିର ନିକଟରେ ଭକ୍ତି ଅର୍ଘ୍ୟ ସଂଗଠନ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ନରେନ୍ଦ୍ର କୁମାର ବେହେରା, ରଶ୍ମିତା ମିଶ୍ର, ଅଶୋକ ମହାପାତ୍ର, ଈଶ୍ୱର ଶଙ୍ଖାରୀ, ମହେଶ ସାହା, ପ୍ରଶାନ୍ତ ମହାପାତ୍ର ଭଜନ ପରିବେଷଣ କରିଥିଲେ। ଗ୍ରାମର ରାଜକୁମାର ଅଗ୍ରୱାଲା, ରାଜେନ୍ଦ୍ର ପ୍ରଧାନ, ଗିରୀଶ ବେହେରା, ମାନସ ସାହୁ, ରବୀନ୍ଦ୍ର ସାହୁ, ଜିତେନ୍ଦ୍ର ବେହେରା, ପରୀକ୍ଷିତ ସାହୁ, ଲଛମନ ଦାସ, ପ୍ରମୁଖ ସହଯୋଗ କରିଥିଲେ।

# ଖଣିରୁ ୪ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ

ତାଳଚେର,୬।୯(ସମିସ): ତାଳଚେର କୋଇଲା ଖଣିରେ ଚୋରା କୋଇଲା ବେପାରୀ ସକ୍ରିୟ ହୋଇଛନ୍ତି। କେତେବେଳେ କିଛି ଗାଡ଼ି ଧରାପଡୁଥିବା ବେଳେ ପ୍ରତିଦିନ କୋଇଲା ଚୋରାଚାଲାଣ କରି ବେପାରୀମାନେ ମାଲାମାଲ ହେଉଛନ୍ତି। ଏଥିରେ ବଟି କାରବାର ହେଉଥିବା କୁହାଯାଉଛି। ଶନିବାର ତାଳଚେର ଭୁବନେଶ୍ୱରୀ କୋଇଲା ଖଣିରୁ କୋଇଲା ଚୋରି



ହୋଇଛି। ଶୁକ୍ରବାର ମାଫିଆ ମାନେ ଖଣିରେ ପ୍ରବେଶ କରି କୋଇଲା ଚୋରି କରିବା ଘଟଣାରେ ୪ କୋଇଲା ବୋଝେଇ ଟ୍ରକ ଜବତ କରାଯାଇଛି। ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱରୀ କୋଇଲା ଖଣିର କୋଇଲା ଷ୍ଟକରୁ ୪ଟି ଟ୍ରକ୍ କୋଇଲା ଚୋରି କରିବାକୁ ପ୍ରବେଶ କରିଥିଲେ। ଏଥିମଧ୍ୟରୁ ୩ ଟ୍ରକ୍‌ରେ କୋଇଲା ବୋଝେଇ ହୋଇଥିବା ବେଳେ ଆଉ ଗୋଟିଏ ଖାଲି ଟ୍ରକ୍ ବୋଝେଇ ହେବାକୁ ଥିବା ରହିଥିଲା। ରବିବାର ଉକ୍ତ ଟ୍ରକଗୁଡ଼ିକରେ ଚୋରା କୋଇଲା ଚାଲାଣ ହେଉଥିବା ବେଳେ କୋଲିୟରୀ ଥାନା ପୁଲିସ ୪ ଟ୍ରକ୍ ସହ ଗୋଟିଏ ଲୋଡର ମେସିନ ଜବତ କରିଛି। ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ହେଁସମୂଳ ଏଲ୍ଏନଟି ଛକରେ ଟ୍ରକ୍ ସହ ଲୋଡର ଜବତ କରିଛି। ୩ ଚାଳକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଟ୍ରକର ନମ୍ବର ପ୍ଲେଟ୍ ବଦଳାଇ ଦୀର୍ଘଦିନ ହେବ ଖଣି ଭିତର ଷ୍ଟକୟାର୍ଡରୁ କୋଇଲା ଚୋରି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଖଣିରେ ଅନେକ ସିସିଟିଭି ସାଙ୍ଗକୁ ସୁରକ୍ଷା କର୍ମୀ ରହିଥିବାବେଳେ କିପରି ବିନା ଅନୁମତିପତ୍ରରେ ଗାଡ଼ିଗୁଡ଼ିକ ଖଣି ଭିତରକୁ ପ୍ରବେଶ କରି ପୁଣି କୋଇଲା ବୋଝେଇ କରି ବାହାରକୁ ଆସିପାରୁଛନ୍ତି ତେହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ମତାମତ ପାଇଁ ଭୁବନେଶ୍ୱରୀ କୋଇଲା ଖଣିର ଅଧିକାରୀଙ୍କ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଡେରଜାଙ୍ଗରୁ ୧ କୁଇଣ୍ଟାଲ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ

ଅନୁଗୋଳ,୬।୯(ସମିସ): ଜଳ ହେଉଛି ଜୀବନାମୃତ। ଜଳରୁ ହିଁ ଜୀବନର ଉତ୍ପତ୍ତି ଘଟିଛି। ମାତ୍ର ସାମ୍ପ୍ରତିକ ସମୟରେ ମାନବ ସମାଜର ବ୍ୟାପକ ତଥା ବେଫିକର୍ ବସ୍ତୁବାଦୀ ଚଳଣି ଜଳକୁ ଜୀବନ ପରିବର୍ତ୍ତେ ଜହରରେ ପରିଣତ କରିବାରେ ଲାଗିଛି। ବିଶେଷକରି ଛୋଟ ବଡ଼ ଜଳଭଣ୍ଡାରଗୁଡ଼ିକ ଆଜି କୁଢ଼ କୁଢ଼ ପ୍ଲାଷ୍ଟିକ ଆବର୍ଜନାରେ ବିଷାକ୍ତ ହୋଇଯାଇଛି। ଅନୁଗୋଳ ସହର ନିକଟରେ ଥିବା ଡେରଜାଙ୍ଗ ଜଳଭଣ୍ଡାର ଅନୁଗୋଳ ସହରବାସୀଙ୍କ ପାନୀୟ ଜଳର ପ୍ରଧାନ ଉତ୍ସ ଏବଂ ଜଳ ଜୈବବିବିଧତାରେ ପରିପୂର୍ଣ୍ଣ। ଡେରଜାଙ୍ଗ ପର୍ଯ୍ୟଟନସ୍ଥଳୀକୁ ବର୍ଷତମାମ ଜିଲ୍ଲା ଓ ଜିଲ୍ଲା ବାହାରୁ ପର୍ଯ୍ୟଟକ ଆସି ଏଠାକାର ଶାନ୍ତ ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି। ମାତ୍ର ଏହି ଜଳଭଣ୍ଡାର ଆଜି ପ୍ଲାଷ୍ଟିକ ଆବର୍ଜନାରେ ଜର୍ଜରିତ। ଏହି ଜଳଭଣ୍ଡାରକୁ ପ୍ଲାଷ୍ଟିକ ଆବର୍ଜନାମୁକ୍ତ କରିବା ପାଇଁ ଅନୁଗୋଳର ପରିବେଶଧର୍ମୀ ଅନୁଷ୍ଠାନ ସାଥୀ ପରିବାରା ପକ୍ଷରୁ ୨୦୨୦ରୁ ନିୟମିତ ସଫେଇ କରାଯାଉଛି। ପ୍ରତି ସପ୍ତାହରେ




ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ଡେରଜାଙ୍ଗରୁ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇ ପୁନଃଚକ୍ରଣ ପାଇଁ କବାଡ଼ି କେନ୍ଦ୍ରରେ ଦିଆଯାଉଛି। ଗତ ୬ ବର୍ଷ ମଧ୍ୟରେ ୨ ଟନ୍‌ରୁ ଅଧିକ ଆବର୍ଜନା ଓ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇ ପୁନଃଚକ୍ରଣ ପାଇଁ ଦିଆଯାଇଥିବା ଅନୁଷ୍ଠାନର ସଦସ୍ୟ ସ୍ୱରୂପଦୀପ ସିହ୍ନା ପ୍ରକାଶ କରିଛନ୍ତି। ଏହି କ୍ରମରେ ରବିବାର ସାଥୀ ପରିବାରର ଗୁରୁଦେବ ସାହୁ, ବୁଲୁ ସାହୁ, ସିପୁନ ସାହୁ, ସୌମ୍ୟରଞ୍ଜନ ଥମ୍ବ, ପପୁନ ସାହୁ, ସୁଦର୍ଶନ ପ୍ରଧାନ ଏବଂ ସ୍ୱରୂପଦୀପ ସିହ୍ନା ପ୍ରମୁଖ ମାତ୍ର ୩ ଘଣ୍ଟାରେ ୧ କୁଇଣ୍ଟାଲ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରି କବାଡ଼ିରେ ଜମା ଦେଇଥିଲେ।

## ୬ ବର୍ଷରେ ୨ ଟନ୍ ସଂଗ୍ରହ ହେଲାଣି

ପ୍ରତି ସପ୍ତାହରେ ଏହି କାର୍ଯ୍ୟକ୍ରମ କରାଯିବା ସହ ଜିଲ୍ଲାର ଅନ୍ୟ ଯୁବଗୋଷ୍ଠୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବା ନେଇ ଯୋଜନା କରାଯାଇଛି। ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲ୍ଲା ପ୍ରଶାସନର ସହଯୋଗ ନିଆଯିବା ସହ ସମ୍ପୂର୍ଣ୍ଣ ଡେରଜାଙ୍ଗ ପ୍ଲାଷ୍ଟିକମୁକ୍ତ ନ ହେବା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ସାହାଣୀ କପ୍ ଫୁଟବଲ୍ ପାଇଁ ଖେଳାଳି ଚୟନ



ଅନୁଗୋଳ,୬।୯(ସମିସ): ଆସନ୍ତା ୧୮ ତାରିଖରୁ ମୟୂରଭଞ୍ଜରେ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଅନୁଗୋଳ ଦଳ ଖେଳାଳି ଚୟନ କରାଯାଇଛି। ପିଟିସି ପଡ଼ିଆରେ ଅନୁଗୋଳ ଆଠମଲ୍ଲିକ, ପାଲଲହଡ଼ା ସବଡିଭିଜନର ଖେଳାଳିମାନଙ୍କୁ ନେଇ ଖେଳ ଅନୁଷ୍ଠିତ ହୋଇଥିଲା। ସେଥିରୁ ମୋଟ ୨୦ ଖେଳାଳିଙ୍କୁ ଚୟନ କରାଯାଇଛି। ପରେ ଚୂଡ଼ାନ୍ତ ଦଳ ଚୟନ କରାଯିବ ବୋଲି ଜଣାପଡ଼ିଛି। ଚୟନ ଶିବିରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌର ଗୋବିନ୍ଦ ସାମନ୍ତ, ସଭ୍ୟ ରମେଶ ସାହୁ, ପ୍ରଭାତ ଦାସ, ରୁଚିର କୁମାର ଦାସ, ବସନ୍ତ କୁମାର ଦାସ, ପ୍ରଦୀପ କୁମାର ଦେବତା, ଅଭୟ ନାୟକ, ନୀଳମଣି ଦାସ ପ୍ରମୁଖ ଯୋଗଦେଇଥିଲେ।

# ଶିକ୍ଷାବିତ୍ ପୁରନ୍ଦର ପ୍ରଧାନଙ୍କ ଜୟନ୍ତୀ



କିଶୋରନଗର,୬।୯(ସମିସ): ପୂର୍ବତନ ଶିକ୍ଷାମନ୍ତ୍ରୀ ତଥା କିଶୋରନଗର ବ୍ଲକ ଧଉରାପାଲୀ ଗାଁର ସ୍ୱର୍ଗତ ପୁରନ୍ଦର ପ୍ରଧାନଙ୍କ ୧୨୬ତମ ଜୟନ୍ତୀ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ପୁରନ୍ଦର ପ୍ରଧାନ ସ୍ମୃତି ପରିଷଦ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳ୍ପତରୁ ପକ୍ଷରୁ ପାଳିତ ହୋଇଛି। ସ୍ମୃତି ପରିଷଦର ସଭାପତି କ୍ଷୀରୋଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସର ପ୍ରାଧାପକ ବିଶ୍ୱରଞ୍ଜନ ପ୍ରଧାନ, ଡା. ଅଲେଖ କୁମାର ପ୍ରଧାନ, ପ୍ରଫେସର ନନ୍ଦକିଶୋର ମହାକୁଡ଼, ଅଜିତ ପ୍ରଧାନ, ରାମଚନ୍ଦ୍ର ଦେହୁରୀ, ସୁଧୀର ରଞ୍ଜନ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ରତ୍ନାକର ପ୍ରଧାନ, ଖଗେଶ୍ୱର ସାହୁ, ଡା. ଅରୁଣ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଏବିଇଓ ରମଣୀ ରଞ୍ଜନ ସାହୁ, ଲକ୍ଷ୍ମଣ ଦେହୁରୀ, ସଞ୍ଜୟ ଦାଶ ପ୍ରମୁଖଙ୍କ ସମେତ ପରିଷଦର କର୍ମକର୍ତ୍ତା ଯୋଗଦେଇ ପୁରନ୍ଦରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ସମସ୍ତେ ପ୍ରସ୍ତାବ ଦେଇଥିଲେ। ଖୁବଶୀଘ୍ର ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସମାଜସେବୀ ତଥା ରାଜ୍ୟ ଚଷା ସମାଜ ସଭାପତି ସୁରେନ୍ଦ୍ର ପ୍ରଧାନ ଓ ସମାଜସେବୀ ଡା. ଅଲେଖ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର କୋଷାଧ୍ୟକ୍ଷ ଅଖିଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାର ଟଙ୍କା ମାଗିବାରୁ ଆକ୍ରମଣ, ହତ୍ୟା ଧମକ

କିଶୋରନଗର,୬।୯(ସମିସ): ଧାର ଟଙ୍କା ମାଗିବାରୁ କିଶୋରନଗର ଥାନା ଜାମୁନାଳୀ ଗାଁର ପ୍ରତାପ ବିଶ୍ୱାଳଙ୍କୁ ଡାକୁଆମୁଣ୍ଡା ଗାଁର ଅସିତ ରଞ୍ଜନ ପ୍ରଧାନ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରତାପଙ୍କଠାରୁ ଅସିତ ୧୫୦୦ ଟଙ୍କା ଧାର ନେଇଥିଲେ। ଫୋନ୍ ପେ ମାଧ୍ୟମରେ ୧୦୦୦ଟଙ୍କା ଫେରସ୍ତ କରିଥିଲେ। ଅବଶିଷ୍ଟ ୫୦୦ଟଙ୍କା ମାଗିବାରୁ ମୁଁ ଟଙ୍କା ନ ଦେଲେ ମୋର କ'ଣ କରିବୁ, ମୁଁ ଟାଟା ବିଦ୍ୟୁତ୍ କମ୍ପାନୀରେ ଚାକିରି କରୁଛି, ବିଦ୍ୟୁତ୍ ବାଇପାସ୍ କରୁଛୁ କହି ତତେ ୫୦ ହଜାର ଟଙ୍କା ଫାଇନ୍ କରିଦେବି ବୋଲି ଅସିତ ଧମକ ଦେଇଥିଲେ। ଏ ନେଇ ପ୍ରତାପ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ



ସାତକୋଶିଆ,୬।୯(ସମିସ): ଆଠମଲ୍ଲିକ ବ୍ଲକ ପାଇକସାହି ପିଏମଶ୍ରୀ ରାଧାମାଧବ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ବିଦ୍ୟାଳୟ ପରିସରରେ ରବିବାର ପୁରାତନ ଛାତ୍ର, ଗ୍ରାମବାସୀ ଓ ଶିକ୍ଷକମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଗୁଣ୍ଡିଚାରାଣୀ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ସଭାପତି ସୁଧାକର ପ୍ରଧାନ, ସିଦ୍ଧେଶ୍ୱର ନାୟକ, ରବିନାରାୟଣ ରାଜହଂସ, ପୂର୍ବତନ ପ୍ରଧାନଶିକ୍ଷକ ଶୁକଦେବ ସାହୁ, ସୁଜିତ ଖାଡ଼ିଆ, ମଳୟ କୁମାର ପ୍ରଧାନ, ରବିନାରାୟଣ ସାହୁ, କୈଳାସ ଚନ୍ଦ୍ର ସାହୁ, ସଞ୍ଜୀବ କୁମାର ସାହୁ, ତରଣୀସେନ ସାହୁ, ତ୍ରିଲୋଚନ ସ୍ୱାଇଁ, ଉମାକାନ୍ତ ପ୍ରଧାନ, ନାରାୟଣ ଗଡ଼ନାୟକ, ରଞ୍ଜିତ କୁମାର ସାହୁ, ମଧୁସ୍ମିତା ପ୍ରଧାନ, ପ୍ରବୀର ସାହୁ, ବିବେକାନନ୍ଦ ପ୍ରଧାନଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କିପରି ଉନ୍ନତି ହେବ ସେ ନେଇ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ବିଦ୍ୟାଳୟ ପରିସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ଶିକ୍ଷକ, ପୁରାତନ ଛାତ୍ର ସଂଗଠନ, ଗ୍ରାମବାସୀ ଏକଜୁଟ ହେଲେ କାର୍ଯ୍ୟକ୍ରମ ଶୃଙ୍ଖଳିତ ଓ ଆକର୍ଷଣୀୟ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏ ନେଇ ସୁବର୍ଣ୍ଣ ଜୟନ୍ତୀ କମିଟି ଗଠନ କରାଯାଇଛି। ସଭାପତି ଭାବେ ଶିକ୍ଷାବିତ ଦିଲୀପ କୁମାର ପ୍ରଧାନ, ଉପସଭାପତି ଭାବେ ଜୟକୃଷ୍ଣ ପ୍ରଧାନ, ଲଳିତ କୁମାର ପ୍ରଧାନ, ସମ୍ପାଦକ ନିରୋଜକାନ୍ତ ସାହୁ, ସହସମ୍ପାଦକ ସାରଥି କୁମାର ସାହୁ, ଶ୍ରୀକାନ୍ତ କୁମାର ରାଉତ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପ୍ରଧାନ, ଅକ୍ଷୟ କୁମାର ନାୟକଙ୍କୁ ଚୟନ କରାଯାଇଛି।

## ଶିକ୍ଷକ ଦିବସ ପାଳିତ

# ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ







ଛେଣ୍ଡିପଦା,୬।୯(ସମିସ):

ଛେଣ୍ଡିପଦା ବ୍ଲକ ଛେଣ୍ଡିପଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁଦିବସ ପାଳିତ ହୋଇଛି। ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନ ତଥା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଫୁଲଚନ୍ଦନ ଲଗାଇ ପୂଜାର୍ଚ୍ଚନା ସାଙ୍ଗକୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବିଜେପି ମିଡିଆ ସଂଯୋଜକ ତଥା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ବରିଷ୍ଠ ନେତା ଗୋପବନ୍ଧୁ ଗଡ଼ନାୟକ, ଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ, ଯୁବନେତା ଜଗା ସାହୁ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶିଶିର କୁମାର ଗଡ଼ନାୟକ, ପଣ୍ଡିତ ମୋହନ ଗଡ଼ନାୟକ, କାଳୀଚରଣ ବିଶ୍ୱାଳ, ଭାସ୍କରଚନ୍ଦ୍ର ସାହୁ, ଋଷଭ କୁମାର ସାହୁ, ଭାସ୍କର ଚନ୍ଦ୍ର ପ୍ରଧାନ, ରାଜକିଶୋର ସାହୁଙ୍କ ସମେତ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ତୁକୁଡ଼ା ଗ୍ରାମସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ନୃତ୍ୟ ପରିବେଷଣ କରିଥିଲେ। ଛେଣ୍ଡିପଦା ଯୁବମଞ୍ଚ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।

ସେହିପରି ଛେଣ୍ଡିପଦା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ବାଗଡ଼ିଆ ଉଚ୍ଚ ବିଦ୍ୟାଳୟ, କୋଶଳା ଉଚ୍ଚ ବିଦ୍ୟାଳୟ, ଜରପଡ଼ା ପତିତପାବନ ଉଚ୍ଚ ବିଦ୍ୟାଳୟ, ବାଲିପଟା ଉଚ୍ଚ ବିଦ୍ୟାଳୟ ସମେତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଛି।

**ଅନୁଗୋଳ:** ଅନୁଗୋଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ଏହି ଅବସରରେ ବିଶିଷ୍ଟ ଗୁରୁ, ଦାର୍ଶନିକ ତଥା ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସମାଜରେ ଗୁରୁଙ୍କ ଭୂମିକା ଉପରେ ବର୍ଣ୍ଣନା କରିବା ସହ ସେମାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ସ୍ଥାନୀୟ ବାସନ୍ତୀ ପାଠାଗାରରେ ତାଏକ୍ୱୋଣ୍ଡୋ ସଂଘ ପକ୍ଷରୁ ଗୁରୁଦିବସ ପାଳିତ ହୋଇଛି। ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା ଓ ଦୁଷ୍ୟନ୍ତ କୁମାର ନାଥ ଏଥିରେ ଯୋଗଦେଇଥିଲେ। ଅନୁଗୋଳ ବିଇଓ କାର୍ଯ୍ୟାଳୟରେ ବିଇଓ ଅଶୋକ କୁମାର ପ୍ରଧାନ ଡ. ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭାରତୀୟ ଦର୍ଶନକୁ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

**ଅନୁଗୋଳ:** ସମର୍ପଣ ଏକାଡେମୀ ପକ୍ଷରୁ ସ୍ଥାନୀୟ ସଭାଗୃହରେ ଗୁରୁଦିବସ ପାଳିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷା ବୈଷ୍ଣବୀ ଦେଓ, ପରିଚାଳନା ନିର୍ଦ୍ଦେଶକ ନିରୋଦ କୁମାର ସାହୁ, ସହ ପରିଚାଳନା ନିର୍ଦ୍ଦେଶକ ପାର୍ଥସାରଥି ରାଉତ, ଉପଦେଷ୍ଟା ମଦନ ମୋହନ ଦେଓ ଅତିଥି ଭାବେ ଯୋଗଦେଇ ଡ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରିଥିଲେ। ଗୁରୁଙ୍କ ଶିକ୍ଷା, ଶୃଙ୍ଖଳା ଓ ଆଦର୍ଶ ହିଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ମୁଖ୍ୟ ଆଧାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନେ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀ ତଥା ଅନୁଷ୍ଠାନ ପ୍ରତି ସମର୍ପିତ ଜିତେନ୍ଦ୍ର ଖଟୁଆ ଓ ଦେବସ୍ମିତା ଦେବତାଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। କୋଅର୍ଡିନେଟର ଭବାନୀଶଙ୍କର ସାହୁ, ନୀତୀଶ ଚନ୍ଦ୍ର ବେହେରା, ବୀରେନ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

## ବନ୍ୟା ପାଣିରେ ଭାସିଗଲେ ବୃଦ୍ଧ


ମାଳିପୁର ଛକରେ ମିଳିଲା ମୃତଦେହ

**ପଟ୍ଟାମୁଣ୍ଡାଇ, ୬।୯ (ସମିସ):** ଗତକାଲି ସକାଳୁ ନିଖୋଜ ଥିବା ବୃଦ୍ଧ ହରି ମଲିକ (୭୦)ଙ୍କ ମୃତଦେହ ମାଳିପୁର ଛକ ନିକଟ ଚାଉଳ ମିଲ ସାମ୍ନାରେ ବନ୍ୟା ଜଳରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ହରି ମଲିକ ଗତକାଲି ସକାଳୁ ଲୁଙ୍ଗି ପିନ୍ଧି ଚାଦର ଘୋଡ଼େଇ ହୋଇ ଘରୁ ବାହାରକୁ ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ଫେରି ନ ଥିବାରୁ ପରିବାର ଲୋକେ ଖୋଜାଖୋଜି କରି ଗ୍ରାମାଞ୍ଚଳ ଥାନାରେ ହରିଙ୍କ ନିଖୋଜ ସମ୍ପର୍କରେ ସୂଚନା ଦେଇଥିଲେ। ଆଜି ସକାଳ ପ୍ରାୟ ୯ଟା ସମୟରେ ମାଳିପୁର ଛକ ଚାଉଳ ମିଲ ସାମ୍ନାରେ ବନ୍ୟା ପାଣିରେ ଏକ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକ ତାହା ହରି ମଲିକଙ୍କର ଚିହ୍ନଟ କରିଥିଲେ। ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି। ବୃଦ୍ଧ ଜଣକ ଅସୁସ୍ଥ ଥିବାରୁ ଔଷଧ ଆଣିବା ପାଇଁ ନିକଟସ୍ଥ ଗ୍ରାମକୁ ଯାଉଥିବା ବେଳେ ବନ୍ୟା ପାଣିର ପ୍ରଖର ସ୍ରୋତରେ ଭାସିଯାଇ ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି।

## ବନମାଳୀ ବ୍ରହ୍ମଚାରୀ ଉଚ୍ଚବିଦ୍ୟାଳୟରେ ଗୁରୁଦିବସ

**ଡେରାବିଶ, ୬।୯ (ସମିସ):** ଡେରାବିଶ ଶିକ୍ଷା ସର୍କଲ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲୀସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି।



ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଭାରତରତ୍ନ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ବିଦ୍ୟାଳୟ ପରିସରରେ ଥିବା ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ପୂର୍ବତନ ପ୍ରଧାନଶିକ୍ଷକ ବୈଷ୍ଣବ ପ୍ରଧାନଙ୍କୁ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ବିଦ୍ୟାର୍ଥୀଙ୍କର ସମ୍ପର୍କ ଅଂଶୀଦାର ଓ ନିବିଡ଼ତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୂଜା କରିଥିଲେ।

## ଦଶରଥ ନନ୍ଦନ ସେବା ଟ୍ରଷ୍ଟକୁ ବନ୍ୟା ଯୋଦ୍ଧା ଗୌରବ ସମ୍ମାନ

**ରାଜକନିକା, ୬।୯ (ସମିସ):** ବନ୍ୟା ଭଳି ଦୁର୍ଯୋଗ ସମୟରେ ବିପନ୍ନ ଓ ଅସହାୟ ଲୋକଙ୍କ ପାଖରେ ଠିଆ ହୋଇ ସେବା, ସହଯୋଗ ଓ ମାନବିକତାର ଦୃଷ୍ଟାନ୍ତ ସୃଷ୍ଟି କରିଥିବା ଦଶରଥ ନନ୍ଦନ ସେବା ଟ୍ରଷ୍ଟକୁ ବନ୍ୟା ଯୋଦ୍ଧା ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଟ୍ରଷ୍ଟର ନିଃସ୍ୱାର୍ଥ ସେବା କେବଳ ବିପଦଗ୍ରସ୍ତ ଲୋକଙ୍କୁ ସହାୟତା ଦେଇନାହିଁ, ବରଂ ସେମାନଙ୍କ ଜୀବନରେ ଆଶାର ଦିଶା ଓ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରିଛି।



ସେବାର ଏହି ମହାନ ପରମ୍ପରାକୁ ଉତ୍ସାହିତ କରିବା ସହ ମାନବ ସେବା ହିଁ ମହାନ ସେବା, ବିପଦରେ ସାଥି ମାନସ ରଞ୍ଜନ ମଲ୍ଲିକ, ଦୀପକ କୁମାର ମଲ୍ଲିକ, ଜନ ନାୟକ, ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଆଶାର ଦିଶା ଫାଉଣ୍ଡେସନ ପକ୍ଷରୁ ଏହି ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶ୍ରୀଜଗନ୍ନାଥ ହାଇସ୍କୁଲରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ରାଜନଗର, ୬।୯ (ସମିସ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ଅବସରରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଅନାଦି ଜେନା, କ୍ଷେତ୍ରବାସୀ ରାଉତ, ସଞ୍ଜୟ ମିଶ୍ର, ଗୋପାଳ ରଥ, ଲମ୍ବୋଧର ପରିଡା, ପ୍ରକାଶ ପରିଡା, ଅକ୍ଷୟ ରାଉତ, ବ୍ରହ୍ମାନନ୍ଦ ରାଉତ, ସୁରେଶ ରାଉଳ, ଦର୍ପନାରାୟଣ ନାୟକ, ରଙ୍ଗାଧର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ରଞ୍ଜନ ରାଉଳ, ସୌମ୍ୟ ବେହେରା, ନମିତା ବେହୁରା, ମିନତୀ ମିଶ୍ର ପରିଚାଳନା କରିଥିଲେ।

## ବ୍ଲକ୍ ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ପକ୍ଷରୁ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

**ଡେରାବିଶ, ୬।୯ (ସମିସ):** ଡେରାବିଶ ଶିକ୍ଷା ସର୍କଲ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ଆଜି ଡେରାବିଶ ମଣ୍ଡଳ ଶାରୀରିକ ଶିକ୍ଷା ସଂଗଠନ ଆନୁକୂଲ୍ୟରେ ନୂତନ ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ସ୍ୱାଗତ ଓ ବିଦାୟୀ, ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ




ମଣ୍ଡଳ ଶିକ୍ଷାଧିକାରୀ ମଦନମୋହନ କର ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଅକ୍ଷୟ ଦାସ, ଅରୁଣ ଜେନା, ଗଜେନ୍ଦ୍ର ମହାନ୍ତି ଓ ବାନାମ୍ବର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ନୂତନ ଶିକ୍ଷକଙ୍କୁ ସ୍ୱାଗତ କରିଥିବାବେଳେ ବିଦାୟୀ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶିକ୍ଷକ ଶିବନାରାୟଣ ପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗିରିଶ ସ୍ୱାଇଁ, ନିରଞ୍ଜନ ପରିଡ଼ା, ନାରାୟଣ କାଣ୍ଡି, ମିତାରାଣୀ ମଲିକ, ମଧୁସୂଦନ ଦାସ, ସୁବ୍ରତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଚାନ୍ଦୋଳରେ ଠିପିଖୋଲା ମଦଦୋକାନ ଖୋଲିବାକୁ ମସୁଧା

**ଡେରାବିଶ, ୬।୯ (ସମିସ):** ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ମୌଜାରେ ପ୍ରସ୍ତାବିତ ଠିପିଖୋଲା ମଦ ଦୋକାନ ନିମନ୍ତେ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସ ୨ ତାରିଖରୁ ଜିଲ୍ଲାପାଳଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ଜନସାଧାରଣଙ୍କ ପକ୍ଷରୁ ଯଦି କୌଣସି ଅଭିଯୋଗ ଥାଏ ତେବେ ଚଳିତ ମାସ ୧୬ ତାରିଖ ସୁଦ୍ଧା ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇବେ। ଏହି ବିଜ୍ଞପ୍ତିରେ ଥିବା ନିୟମକୁ ଅବକାରୀ ବିଭାଗ ପାଳନ କରୁ ନ ଥିବା ନେଇ ଅଞ୍ଚଳର କିଛି ବୁଦ୍ଧିଜୀବୀ ଆପତ୍ତି ଉଠାଇଛନ୍ତି। ଏହି ବିଜ୍ଞପ୍ତି ଅନୁଯାୟୀ ଅବକାରୀ ବିଭାଗ ପକ୍ଷରୁ ଦୋକାନ ସ୍ଥାପିତ ହେବାକୁ ଥିବା ପ୍ରସ୍ତାବିତ ଅଞ୍ଚଳରେ ଜନସାଧାରଣଙ୍କ ଅବଗତି ନିମନ୍ତେ ସହଜ ଦୃଶ୍ୟମାନ ସ୍ଥାନରେ ଏହି ବିଜ୍ଞପ୍ତି ଲଗାଯିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏଥିସହିତ ଜନସାଧାରଣଙ୍କ ଅବଗତି ନିମନ୍ତେ ଅଞ୍ଚଳର ବିଭିନ୍ନ ଜନଗହଳି ସ୍ଥାନରେ ଢୋଲ ବଜାଇ କିମ୍ବା ଦରକାର ପଡ଼ିଲେ ବ୍ୟାପକ ପ୍ରଚାର ନିମନ୍ତେ ଯଥାସମ୍ଭବ ଚେଷ୍ଟା କରିବାକୁ ନିର୍ଦ୍ଦେଶ ରହିଛି। ତେବେ ଏହି ନିୟମକୁ ଅନୁସରଣ କରା ନ ଯାଇ ବିଜ୍ଞପ୍ତିକୁ ଅତି ଗୁପ୍ତ ରଖାଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଚାନ୍ଦୋଳ ଭଳି ଗ୍ରାମାଞ୍ଚଳରେ ଏଭଳି ଠିପିଖୋଲା ବିଦେଶୀ ମଦ ଦୋକାନ ଖୋଲିବା ଦ୍ୱାରା ଅଞ୍ଚଳର ଶାନ୍ତ ବାତାବରଣକୁ ଅଶାନ୍ତ କରିବା ସହିତ ଗରିବଙ୍କୁ ସର୍ବସ୍ୱାନ୍ତ କରାଇବ ଓ ସାଧାରଣ ପରିବାରରେ ଅନ୍ୟଥା ଅଶାନ୍ତି ସୃଷ୍ଟି କରିବ ବୋଲି ଅଭିଯୋଗ ହେଉଛି।

### ପାଟକୁରା ପୁଲିସକୁ ଚୋରଙ୍କ ଖୋଲା ଚ୍ୟାଲେଞ୍ଜ

# ୫ଟି ସ୍ଥାନରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ଅଭିଯୋଗ

ପୁଲିସ ପାଟ୍ରୋଲିଂ ଓ ରାତ୍ରି ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

**କେନ୍ଦ୍ରାପଡା/ଗରଦପୁର, ୬।୯ (ସମିସ)**



ପାଟକୁରା ଥାନା ଅଞ୍ଚଳରେ ଲଗାତର ଚୋରି ଘଟଣାକୁ ନେଇ ଏବେ ଚିନ୍ତାରେ ଅଞ୍ଚଳବାସୀ। ଗୋଟିଏ ପରେ ଗୋଟିଏ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଚୋରଙ୍କ ଟାର୍ଗେଟ୍ ହେଉଥିବାବେଳେ ଶନିବାର ବିଳମ୍ବିତ ରାତିରେ ୫ଟି ସ୍ଥାନରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଗହଣା, ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଲଗାତର ଘଟୁଥିବା ଏଭଳି ଘଟଣା ପୁଲିସର ରାତ୍ରିକାଳୀନ ପାଟ୍ରୋଲିଂ ଓ ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି।

ପାଟକୁରା ଥାନା ଅଧୀନ ବ୍ରହ୍ମପୁର ଗ୍ରାମର ଗଜେନ୍ଦ୍ର ସାହୁଙ୍କ ଘରେ ଗତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଘରର ବାହାର ପଟୁ ପ୍ରବେଶ କରି ଘରେ ଥିବା ସୁନା, ରୁପା ଅଳଙ୍କାର, ନଗଦ ଟଙ୍କା ଓ ବିଭିନ୍ନ ସାମଗ୍ରୀ ନେଇ ଯାଇଛନ୍ତି। ଗଜେନ୍ଦ୍ର ଝିଅ ବିବାହ ପାଇଁ ସଞ୍ଚୟ କରି ରଖିଥିବା ଅଳଙ୍କାର ଓ ବାସନକୁସନ ମଧ୍ୟ ଚୋରି ହୋଇଛି। ପରିବାର ପକ୍ଷରୁ ପାଟକୁରା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। କେବଳ ଗଜେନ୍ଦ୍ରଙ୍କ ଘର ନୁହେଁ, ବ୍ରହ୍ମପୁର ଗ୍ରାମର ମଲିକ ସାହି ଓ ବଜ୍ରବାଣ ଅଞ୍ଚଳରେ ମଧ୍ୟ ଚୋରି ହୋଇଛି। ୫ ସ୍ଥାନରୁ ଚୋରିର ପରିମାଣ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ପୂର୍ବରୁ ଗରଦପୁର ବଜାରରେ ଏକ ଦୋକାନ ତାଡ଼ି ଚୋରି ଉଦ୍ୟମ ହୋଇଥିଲା। ଦୋକାନରେ ଲାଗିଥିବା ସିସିଟିଭି ମଧ୍ୟ ତାଡ଼ି ଦିଆଯାଇଥିବା ଅଭିଯୋଗ ହୋଇଥିଲା। କ୍ରମାଗତ ଭାବେ ଏଭଳି ଘଟଣା ସାମ୍ନାକୁ ଆସିବା ପରେ ରାତିରେ ପୁଲିସ ପାଟ୍ରୋଲିଂ କେତେ ସକ୍ରିୟ ରହୁଛି, ସେନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି କହୁଛନ୍ତି ସ୍ଥାନୀୟ ଲୋକେ। କିଛିଦିନ ପୂର୍ବରୁ ମେଳକ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ଝିଅ ବିବାହ ପାଇଁ ରଖାଯାଇଥିବା ସୁନା ଓ ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ଆସିଥିଲା। ସେହି ଘଟଣାରେ ମଧ୍ୟ ଅପରାଧୀଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନଥିବା ନେଇ ସ୍ଥାନୀୟଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏଥିସହିତ ଗରଦପୁର ଅଞ୍ଚଳରେ ନିଶାଦ୍ରବ୍ୟ ଓ ଅବୈଧ ମଦ କାରବାରକୁ ନେଇ ମଧ୍ୟ ବିଭିନ୍ନ ଅଭିଯୋଗ ଉଠୁଛି। ବ୍ରାଉନ୍‌ସୁଗର, ଚୋରା ମଦ ଓ ଗଞ୍ଜେଇ କାରବାର ଉପରେ କଡ଼ା ନଜର ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଲଗାତର ଚୋରି ଅଭିଯୋଗ ପରେ ଏବେ ଅଞ୍ଚଳବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଚୋରିପ୍ରବଣ ଅଞ୍ଚଳରେ ପୁଲିସର ସ୍ୱତନ୍ତ୍ର ନଜରଦାରି ରହିଛି କି? ପୂର୍ବରୁ ଘଟିଥିବା ଚୋରି ଘଟଣାରେ ଅପରାଧୀଙ୍କ ପର୍ଯ୍ୟନ୍ତ ପୁଲିସ କାହିଁକି ପହଞ୍ଚିପାରିନାହିଁ? ବଜାର ଓ ଗ୍ରାମାଞ୍ଚଳର ସିସିଟିଭି ନେଟୱର୍କକୁ ଯାଞ୍ଚ କରାଯାଉଛି କି? ଏସବୁ ପ୍ରଶ୍ନର ଉତ୍ତର ଏବେ ପାଟକୁରାବାସୀ ଚାହୁଁଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାକୁ ପୁଲିସ ଗୁରୁତର ସହ ନେଇଛି। ତଦନ୍ତ ଚାଲୁ ରହିଛି ଓ ଖୁବ୍‌ଶୀଘ୍ର ଚୋରମାନେ ଧରାପଡ଼ିବେ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

## ତାଲୁକ ଆଇନ୍ ସେବା ସମିତିର ସଚେତନତା






**ପଟ୍ଟାମୁଣ୍ଡାଇ, ୬।୯ (ସମିସ):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ୍ ସେବା ସମିତି ପକ୍ଷରୁ ନିଆରା ସଚେତନତା କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହରେ ଅନୁଷ୍ଠିତ ହୋଇଛି। ତାଲୁକ ଆଇନ୍ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି ପୌରୋହିତ୍ୟ କରି ସାମ୍ପ୍ରତିକ ସମୟରେ ଛାତ୍ରୀ, ଯୁବତୀ ଓ ମହିଳାଙ୍କ ଉପରେ ଏସିଡ ଆକ୍ରମଣ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏସିଡ ଆକ୍ରମଣର ଶିକାର ହୋଇ ସେମାନେ ବିକଳାଙ୍ଗ ହେବା ଦେଖାଯାଉଛି। ସରକାର ଏହାର ନିରାକରଣ ପାଇଁ କଠୋର ଆଇନଗତ ବ୍ୟବସ୍ଥା କରିଥିଲେ ମଧ୍ୟ ଏସିଡ ଆକ୍ରମଣ ଘଟଣାକୁ ରୋକାଯାଇପାରିନାହିଁ।

- ଏସିଡ ଆକ୍ରମଣ ସମାଜ ପାଇଁ ଆହ୍ୱାନ
- ସଚେତନତା, ସତର୍କତା ହିଁ ସମାଧାନ

ଆଇନଗତ ସଚେତନତା ଓ ଆବଶ୍ୟକ ସତର୍କତା ଏସିଡ ଆକ୍ରମଣ ଘଟଣା ରୋକିପାରିବ ବୋଲି ଶ୍ରୀ ପୃଷ୍ଟି କହିଥିଲେ। ଏହି ସଭାରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ସରକାରୀ ଓକିଲ ଧିରେନ୍ଦ୍ର ସାହୁ, ଡ. କେଳୁଚରଣ ସ୍ୱାଇଁ, ଗାଳ୍ପିକ ପ୍ରଦୀପ ନାୟକ, ପ୍ରଫେସର ରମେଶ ଜେନା, ପ୍ରଫେସର କୈଳାସ ପାତ୍ର, ପ୍ରଫେସର ପରୀକ୍ଷିତ ପାତ୍ର, ଶିକ୍ଷାବିତ କଣ୍ଠ ଚରଣ ସ୍ୱାଇଁ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଇଂ ତ୍ରିଲୋଚନ ସ୍ୱାଇଁ, ଚତୁର୍ଭୁଜ ରାଉଳ, ଉତ୍ତ ତପନ ପାତ୍ର, ବିଜୟ ରାଉତ, ସୁରେଶ ଜେନା, ସବିତ୍ର ବେହୁରା, ସନ୍ତୋଷ ରାଉତ, ଗଙ୍ଗାଧର ଲେଙ୍କା, ଗୋପାଳ ଖୁଣ୍ଟିଆ, ବଂଶୀଧର ନାୟକ, ଜଗନ୍ନାଥ ନାୟକ, ଖଗେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଏସିଡ ଆକ୍ରମଣ ପ୍ରତିହତ ପାଇଁ ସଚେତନତା ଓ ମଧ୍ୟସ୍ଥତା ମାଧ୍ୟମରେ ବିଭିନ୍ନ ମୋକଦ୍ଦମାର ସମାଧାନ କରି ସୁସ୍ଥ ସମାଜ ଗଠନ କରିବାକୁ ପଟ୍ଟାମୁଣ୍ଡାଇ କଲେଜ ଏନ୍‌ଏସ୍‌ଏସ୍ ଛାତ୍ରଛାତ୍ରୀ, ପଟ୍ଟାମୁଣ୍ଡାଇ ମହିଳା କଲେଜ ଛାତ୍ରୀ ଓ ସଚେତନ ନାଗରିକଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଲିଗାଲଏଡର ଅପର୍ଣ୍ଣା ସାମଲ, ମୋହନ ଦାଶ, ବବିତା ମଲିକ, ରଞ୍ଜିତା ମଲିକ, ସଂଗ୍ରାମ ମଲିକ ପରିଚାଳନା କରିଥିଲେ। ପାବନି ରାଉତ ଧନ୍ୟବାଦ ଦେଇଥିଲେ।



ଜାତୀୟ ଶିକ୍ଷକ ଦିବସ ଅବସରରେ କେନ୍ଦ୍ରାପଡ଼ା ପୌରପାଳିକା ଉର୍ଦ୍ଦୁ ଲାଇବ୍ରେରୀ, ଦୋସ୍ତି ଫାଉଣ୍ଡେସନ ଓ ସଂଖ୍ୟାଲଘୁ ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ଅମୃତମଣୋହୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଭୂୟାଁଙ୍କୁ ଜିଲ୍ଲାସ୍ତରୀୟ ଉତ୍କର୍ଷ ଶିକ୍ଷକ ପୁରସ୍କାର ପ୍ରଦାନ କରାଯାଉଛି

## ମାଟିକାନ୍ଥ ପଡ଼ି ମୃତ ପରିବାରକୁ ଯୁବନେତାଙ୍କ ସହାୟତା

**ମାର୍ଶାଘାଇ/ମହାକାଳପଡ଼ା, ୬।୯ (ସମିସ):** ଚାଳଛପର ଘରେ ଶୋଇଥିବାବେଳେ ମାଟିକାନ୍ଥ ଭୁଶୁଡ଼ି ପଡ଼ିଲା। ଅକାଳରେ ଚାଲିଗଲେ ହୃଷିକେଶ ଜେନା। ସ୍ୱାମୀଙ୍କୁ ହରାଇ ପରିବାର ଅସହାୟ ହୋଇପଡ଼ିଥିବାବେଳେ ଗୁରୁତର ଆହତ ରେଣୁକା ଜେନା ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏଭଳି ଦୁର୍ଦ୍ଦିନରେ ଅସହାୟ ପରିବାର ପାଖରେ ଠିଆ ହୋଇଛନ୍ତି ଯୁବନେତା ତଥା ରାଜ୍ୟ ଯାଦବ ମହାସଭାର



କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ଦାସ। ଚିତ୍ତରଞ୍ଜନ ତୁଳସୀପୁର ଗ୍ରାମରେ ପହଞ୍ଚି ମୃତକ ହୃଷିକେଶଙ୍କ ପରିବାରକୁ ଭେଟିଥିଲେ। ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ଦେବା ସହ ପରିବାରକୁ ପଲିଥିନ ଯୋଗାଇଦେବାର ବ୍ୟବସ୍ଥା କରିଥିଲେ। ଏଥିସହ ଅସହାୟ ନାବାଳକ ପୁଅ ରାହୁଲ ଜେନା ଓ ଝିଅଙ୍କୁ ସାନ୍ତ୍ୱନା ଦେଇ ସେମାନଙ୍କ ଦୁଃଖରେ ନିଜକୁ ସାମିଲ କରିଥିଲେ। ଅନ୍ୟପକ୍ଷରେ ଗୁରୁତର ଆହତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ଚିକିତ୍ସିତ ରେଣୁକା ଜେନାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଚିତ୍ତରଞ୍ଜନ ପଚାରି ବୁଝିଥିଲେ। ପରିବାର ଭୂମିହୀନ ଥିବା ଜାଣିବା ପରେ ଆବାସ ଯୋଜନାରେ ଘର ଯୋଗାଇଦେବା ସହ ଘର ନିର୍ମାଣ ପାଇଁ ସରକାରୀ ଜମି ଯୋଗାଇଦେବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ସମୟରେ ପୂର୍ବତନ ବିଜେପି ମଣ୍ଡଳ ସଭାପତି ଇଂ. ପ୍ରକାଶ ଦାସ, ପ୍ରଫୁଲ୍ଲ ସାହୁ, ଯୁବନେତା ରାଜକୁମାର ବେହେରା, ଅଜୟ ଜେନା, ତାପସ ପଣ୍ଡା, ଅଭୟ ନାୟକ ଓ ଜଗନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ପ୍ରତିଯୋଗିତାରେ ଉଦେଷ୍ଟା ଶ୍ରେଷ୍ଠ

**ଗରଦପୁର, ୬।୯ (ସମିସ):** ପ୍ରତିଭା ପ୍ରଦର୍ଶନ ପାଇଁ ବୟସ କେବେ ବାଧକ ନୁହେଁ। ନିଷ୍ଠା, ଅଧ୍ୟବସାୟ ଓ ଆତ୍ମବିଶ୍ୱାସ ଥିଲେ କୁନି ବୟସରେ ମଧ୍ୟ ସଫଳତାର ଶିଖର ଛୁଇଁହୁଏ। ଏହାର ଏକ ଉଦାହରଣ ପାଲଟିଛନ୍ତି ଗରଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚମ ଶ୍ରେଣୀ ଛାତ୍ରୀ ଉଦେଷ୍ଟା ପ୍ରିୟଦର୍ଶିନୀ ଦାଶ। ଅଧ୍ୟୟନ ସହ ବିଭିନ୍ନ ପ୍ରତିଯୋଗିତାରେ ନିଜ ପ୍ରତିଭାର ପରିଚୟ ଦେଇ ସେ ଲଗାତର ଦୁଇଟି ପ୍ରତିଷ୍ଠିତ ମଞ୍ଚରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗରଦପୁର ବ୍ଲକ୍ ସ୍ତରରେ ସମ୍ବାଦ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଉଦେଷ୍ଟା ପ୍ରଥମ ସ୍ଥାନ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହାପୂର୍ବରୁ ସମାଜ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ମଧ୍ୟ ସେ ପ୍ରଥମ ହୋଇଥିଲେ। ଦୁଇଟି



ପ୍ରତିଯୋଗିତାରେ କ୍ରମାଗତ ସଫଳତା ତାଙ୍କ ପ୍ରତିଭା ସହ ଅଧ୍ୟବସାୟର ଉଜ୍ୱଳ ଦୃଷ୍ଟାନ୍ତ ପାଲଟିଛି। ବିଦ୍ୟାଳୟର ପ୍ରଧାନ ଗୁରୁଜୀ ବଳରାମ ହୋତା, ସହପ୍ରଧାନ ଆଚାର୍ଯ୍ୟା ସୁଚିତ୍ରା ମିଶ୍ର, ପର୍ଯ୍ୟାୟ ପ୍ରମୁଖ ଗୌତମ ସାହୁ, କରୁଣାକର ପଣ୍ଡା, ଦେବେନ୍ଦ୍ର ଶତପଥୀ ଓ ପ୍ରଭାତ ସାମନ୍ତରାୟଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମା ଉଦେଷ୍ଟାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଦେଷ୍ଟାଙ୍କ ଏହି ସଫଳତା ବିଦ୍ୟାଳୟର ଅନ୍ୟ ଛାତ୍ରଛାତ୍ରୀଙ୍କୁ ନିଜ ପ୍ରତିଭା ବିକାଶ ଦିଗରେ ଉତ୍ସାହିତ କରିବ ବୋଲି ବିଦ୍ୟାଳୟ ପରିବାର ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଉଦେଷ୍ଟାଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ବରିଷ୍ଠ ନେତା ଦିଲ୍ଲୀପ ପଣ୍ଡା, ରଞ୍ଜିତ ପଣ୍ଡା ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିଶ୍ୱାମିତ୍ର ମିଶ୍ରଙ୍କ ସମେତ ବହୁ ବ୍ୟକ୍ତି ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ରାଜକନିକା ବ୍ଲକ୍ କଂଗ୍ରେସର ସାଙ୍ଗଠନିକ ବୈଠକ

**ରାଜକନିକା, ୬।୯ (ସମିସ):** ରାଜକନିକା ବ୍ଲକ୍ କଂଗ୍ରେସ କମିଟିର ଆଜି ସାଙ୍ଗଠନିକ କର୍ମୀ ବୈଠକ ଅନୁଷ୍ଠିତ ହୋଇଛି। ଦଳୀୟ ସଂଗଠନକୁ ମଜବୁତ କରିବା ସହ ଏସଆଇଆର ଦ୍ୱାରା ବଞ୍ଚିତ ଭୋଟରଙ୍କ ଭୋଟ ଅଧିକାର ସୁରକ୍ଷା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଛି। ସଭାପତି ପଙ୍କଜ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା, ପିସିସି ସଦସ୍ୟ ବାବୁରାମ ଜେନା, ଦୁର୍ଯ୍ୟୋଧନ ମହାନ୍ତି, ମୁରଲୀଧର ବେହେରା, ବିଦ୍ୟାଧର ବରଜ, ମୁରଲୀଧର ନାୟକ, ଦିବ୍ୟସିଂହ ରାଉତ, କୃତ୍ତିବାସ ଦାସ, ରମାକାନ୍ତ ସାହୁ, ରଞ୍ଜନ ସେଠୀ ପ୍ରମୁଖ କଂଗ୍ରେସ ପ୍ରତି ବଢୁଥିବା ଜନସମର୍ଥନକୁ ସ୍ୱାଗତ କରି ଗାଁ କୁହ ଚାଲ ଅଭିଯାନ ପାଇଁ ଆହ୍ୱାନ ଦେଇଥିଲେ। ରାଜକନିକା ବ୍ଲକ୍‌ର ୨୯ ପଞ୍ଚାୟତ ଓ ୩ ଜିଲ୍ଲା ପରିଷଦ ଜୋନର କଂଗ୍ରେସ ସଭାପତି, ଛାମୁଆ ସଂଗଠକଙ୍କୁ ନେଇ ଅନୁଷ୍ଠିତ ବୈଠକରେ ସଂଗଠନକୁ ମଜବୁତ କରିବା ପାଇଁ ୨୭ ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିବା ବୈଠକରେ ବିଧାନସଭା ନିର୍ବାଚନମଣ୍ଡଳୀ ନେତୃତ୍ୱ ତଥା ଜିଲ୍ଲା ସଭାନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା ଘୋଷଣା କରିଥିଲେ। ଦୁର୍ଯ୍ୟୋଧନ ମହାନ୍ତି, ବିଦ୍ୟାଧର ବରଜ, ମୁରଲୀଧର ନାୟକ, ରମାକାନ୍ତ ସାହୁ, ଅଜୟ ରାଉତ, କୃତ୍ତିବାସ ଦାସ, ବାବୁରାମ ଜେନା, ହରିଚରଣ ପ୍ରଧାନ, ଦିବ୍ୟସିଂହ ରାଉତ, ପ୍ରଫୁଲ୍ଲ କରଣ, ବିଜୟ



ଲେଙ୍କା, ରାମଚନ୍ଦ୍ର ପୃଷ୍ଟି, ରାଜନାରାୟଣ ଜେନା, ମୁରଲୀଧର ବେହେରା, କୃତ୍ତିବାସ ନାୟକ, ଦିଗମ୍ବର ନାୟକ, ସୁବାସ ପରିଡା, ନିମାଇଁ ମଲ୍ଲିକ, କଳ୍ପତରୁ ପରିଡା, ହରେକୃଷ୍ଣ ନାୟକ, ଗଙ୍ଗାଧର ବେହେରା, ପ୍ରଦୀପ୍ତ ପଲାଇ, ଗୋଦାବରୀଶ ଧଳ ପ୍ରମୁଖଙ୍କୁ ସାଙ୍ଗଠନିକ ଦାୟିତ୍ୱ ଦିଆଯାଇଛି।

## ବସୁଧୈବ କୁଟୁମ୍ବକମ ସ୍ୱେଚ୍ଛାସେବୀ ସଙ୍ଗଠନର ବାର୍ଷିକ ଉତ୍ସବ

**ରାଜନଗର, ୬।୯ (ସମିସ):** ରକଣ୍ଡିରା ପଞ୍ଚାୟତ ବଳରାମପୁର ବାତ୍ୟାଶ୍ରୟ ସ୍ଥଳୀରେ ଏ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବସୁଧୈବ କୁଟୁମ୍ବକମର ବାର୍ଷିକ ଉତ୍ସବ




ଅନୁଷ୍ଠିତ ହୋଇଯାଇଛି। ଯୁବ ଆଇନଜୀବୀ ଦେବଦତ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସୈନିକ ସଙ୍ଘର ବ୍ଲକ ସଭାପତି ସୁବେଦାର ମେଜର ଗଗନବିହାରୀ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଶିକ୍ଷକନେତା ମହେଶ୍ୱର ରାଉତ, ସମ୍ମାନିତ ଅତିଥି ଭାବେ ସମାଜସେବୀ କୃପାସିନ୍ଧୁ ସାମଲ, ସଞ୍ଜୟ ବାଗ, ଆଇନଜୀବୀ ରମେଶ ରାଉତ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ, ପ୍ରଧାନଶିକ୍ଷକ ବଳରାମ ବାଗ ଯୋଗଦେଇ ସମାଜସେବା କ୍ଷେତ୍ରରେ କାମ କରିବା ନିମନ୍ତେ ଯୁବକଯୁବତୀ ଆଗେଇ ଆସିବା ସମାଜ ପାଇଁ ଶୁଭ ଖବର ବୋଲି କହିଥିଲେ। ପ୍ରଥମ ବର୍ଷରେ ଏକ ହଜାର ଚାରା ରୋପଣ କରାଯାଇଥିବାରୁ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ସଭାପତି ନିତ୍ୟାନନ୍ଦ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ରାଜେଶ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭ୍ୟ ହଳଧର ସ୍ୱାଇଁ, ପ୍ରକାଶ ସେଠୀ, ସନାତନ ସାହୁ, ମନୋଜ ମଲ୍ଲିକ, ଅନୀତା ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେପି ପକ୍ଷରୁ ରିଲିଫ ବଣ୍ଟନ

**ପଟ୍ଟାମୁଣ୍ଡାଇ, ୬।୯ (ସମିସ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ୭ନଂ ୱାର୍ଡର ତଳବାଲିପଡ଼ା ଓ ୯ନଂ ୱାର୍ଡର ନୂଆଗାଁ ବନ୍ୟା ବିପନ୍ନଙ୍କୁ ବିଜେପି ନାରୀନେତ୍ରୀ ସୁଜାତା ବାରିକଙ୍କ ନେତୃତ୍ୱରେ ଯୁବନେତା ସନ୍ତୋଷ ସ୍ୱାଇଁ, ବରିଷ୍ଠ ବିଜେପି ନେତା ସତ୍ୟରଞ୍ଜନ ସ୍ୱାଇଁ, ଅଶୋକ ସେଠୀ, ସୁଶାନ୍ତ ଦାସ, ଗାଲେଖ ମଲିକ, ଟିଟନ ମଲିକ, ଶମ୍ଭୁ ମଲିକ ପ୍ରମୁଖ ରିଲିଫ ବଣ୍ଟନ କରିଛନ୍ତି। ସେହିପରି ତରଡ଼ିପାଳ ପଞ୍ଚାୟତ ଘାଗରାଡିଆର ବନ୍ୟା ବିପନ୍ନଙ୍କୁ ସୁଜାତା ବାରିକଙ୍କ ନେତୃତ୍ୱରେ ଯୁବନେତା ସନ୍ତୋଷ ସ୍ୱାଇଁ, ନଳିନୀକାନ୍ତ ବିଶ୍ୱାଳ, ଶଶୀକାନ୍ତ ସ୍ୱାଇଁ ପ୍ରମୁଖ ରିଲିଫ ବଣ୍ଟନ କରିଛନ୍ତି।

### ସୌଭାଗ୍ୟଙ୍କ ସାମ୍ବାଦିକ ସମ୍ମିଳନୀ

## ଜାହାଜ ତିଆରି କାରଖାନା ପ୍ରକଳ୍ପକୁ ବାସ୍ତବରୂପ ଦେବାକୁ ପରାମର୍ଶ

**ମହାକାଳପଡ଼ା, ୬।୯ (ସମିସ)**



ମହାକାଳପଡ଼ାରେ ବୃହତ୍ତ ଜାହାଜ ତିଆରି କାରଖାନାକୁ ମଞ୍ଜୁରୀ ମିଳିବା ପରେ ରାଜନୀତି ସରଗରମ ହୋଇଛି। ଆଜି ବିଜେପି ନେତା ଡଃ ସୌଭାଗ୍ୟ ପରିଡା ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ବିଧାୟକଙ୍କୁ ପ୍ରକଳ୍ପ ବାସ୍ତବତା ଦିଗରେ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ସେ ଗଣମାଧ୍ୟମକୁ ଦେଇଥିବା ତଥ୍ୟ ଅନୁଯାୟୀ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ୍ ବତୀଘର ପଞ୍ଚାୟତର ନିପାଣିଆ, ବଡଟୁବି ଓ ସାନଟୁବି ଅଞ୍ଚଳକୁ ନେଇ ବୃହତ ଜାହାଜ ତିଆରି କାରଖାନା ନିର୍ମାଣ କରାଯିବ। ଯାହା ୨୦୨୫ ସେପ୍ଟେମ୍ବର ୧୯ରେ ପାରାଦୀପ ପୋର୍ଟ ଟ୍ରଷ୍ଟ ଅଥରିଟି ଓ ଓଡିଶା ମାରିଟାଇମ ବୋର୍ଡ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରାଳୟ ତରଫରୁ ମଞ୍ଜୁରୀ ମିଳିସାରିଛି। ଏହି ଜାହାଜ ତିଆରି କାରଖାନା ନିର୍ମାଣ ପାଇଁ ୨୪୭୦୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏଥିପାଇଁ ପାଖାପାଖି ୨୦୦୦ ଏକର ଜମି ଆବଶ୍ୟକ। ଏହା କାର୍ଯ୍ୟକାରୀ ହେଲେ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲା ଓ ବିପର୍ଯ୍ୟସ୍ତ ମହାକାଳପଡ଼ା ଅର୍ଥନୀତି ପାଇଁ ଏହା ଏକ ସଞ୍ଜୀବନୀ ରୂପେ କାମ କରିବ ବୋଲି ସୌଭାଗ୍ୟ କହିଛନ୍ତି। ଏଥିପାଇଁ ଜମି ଅଧିଗ୍ରହଣ ହୋଇନଥିବା ବେଳେ ଉକ୍ତ ପଞ୍ଚାୟତରେ ଜଙ୍ଗଲ ଜମି ସମସ୍ୟା ରହିଛି, କେଉଁ କମ୍ପାନୀ ପକ୍ଷରୁ ଏହି କାର୍ଯ୍ୟ କରାଯିବ ତାହା ମଧ୍ୟ ନିରୂପଣ ହୋଇନାହିଁ। କେବଳ ବାହାବା ପ୍ରଚାର ନ କରି ଉକ୍ତ ପ୍ରକଳ୍ପ ପାଇଁ ନୋଡାଲ ଅଫିସର ନିଯୁକ୍ତି, ବ୍ୟାପକ ଜନସଚେତନତା, ପ୍ରକଳ୍ପକୁ କିପରି ତ୍ୱରିତ ଆଗକୁ ନେଇହେବ, ତାହା ଉପରେ ବାସ୍ତବବାଦୀ ପଦକ୍ଷେପ ନେବାକୁ ସେ ବିଧାୟକ ଓ ସାଂସଦଙ୍କୁ ପରାମର୍ଶ ଦେଇଛନ୍ତି।

## ୫ ଦିନ ହେଲା ଯୁବକ ନିଖୋଜ

**ରାଜନଗର, ୬।୯ (ସମିସ):** ରାଜପୁର ଗ୍ରାମର ଯୁବକ ପ୍ରଦୀପ ଦାସ ୫ ଦିନ ହେଲା ନିଖୋଜ ହୋଇଯାଇଛନ୍ତି। ପ୍ରଦୀପ ୨ ତାରିଖ ଦିନ ବାପାଙ୍କ ପାଖକୁ ଯାଉଛି କହି ଘରୁ ଯାଇଥିଲେ। ବାପା ଚେନ୍ନାଇରେ କାମ



କରନ୍ତି। ୫ ଦିନ ହେଲା ପ୍ରଦୀପଙ୍କ ଫୋନ ରିଙ୍ଗ ହେଉଥିଲେ ମଧ୍ୟ ଫୋନ ଉଠାଉନାହାନ୍ତି। ବାପାଙ୍କ ପାଖକୁ ମଧ୍ୟ ଯାଇନାହାନ୍ତି। ଏ ନେଇ ପ୍ରଦୀପଙ୍କ ମାଆ ଗୌରୀ ଦାସ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି।

THE SAKALA
ସକାଳ

# ଯାତ୍ରୀ ସୁରକ୍ଷା ସର୍ବୋପରି

ଫୁକେଟ୍‌ରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ଗତ ଅଗଷ୍ଟ ୪ ତାରିଖରେ ଆକାଶମାର୍ଗରେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୩୦୦ ଫୁଟ୍ ଉପରୁ ଓଡ଼ିଶା ଭୂମି ଉପରେ ଖସି ପଡ଼ିଥିଲା। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କାହାର ଜୀବନ ହାନି ହୋଇ ନ ଥିଲେ ମଧ୍ୟ ଅନେକ ଆହତ ହୋଇଥିଲେ। ତଦନ୍ତ ପରେ ବିମାନର ମୁଖ୍ୟ ଚାଳକ(ପାଇଲଟ୍ ଇନ କମାଣ୍ଡ) ନିଶାସେବନ(ଗଞ୍ଜେଇ) କରିଥିବା ଜଣାପଡ଼ିଛି ଏବଂ ତାଙ୍କ ଚାକିରିରୁ ବହିଷ୍କାର କରାଯାଇଛି। ଭାରତରେ ଘଟୁଥିବା ଦୁର୍ଘଟଣାମାନଙ୍କ ମଧ୍ୟରୁ ଅଧିକାଂଶ ନିଶାସକ୍ତ ଗାଡ଼ିଚାଳନା ଯୋଗୁଁ ହେଉଥିବା ବିଭିନ୍ନ ରିପୋର୍ଟରେ ନିୟମିତ ପ୍ରକାଶ ପାଉଛି। ଏଥିରେ ଗାଡ଼ିଚାଳକଙ୍କ କିଛି ଯାଉ ନ ଯାଉ ଯାତ୍ରୀମାନଙ୍କର ଅଶେଷ କ୍ଷତିସାଧନ ହେଉଛି। ତେଣୁ ସମ୍ପୃକ୍ତ ପାଇଲଟ୍‌ଙ୍କୁ ଯେଉଁଭଳି ଆଉ କୌଣସି ବିମାନ ଚଳାଇବା ପାଇଁ ଅନୁମତି ନ ମିଳିବ ସେ ବ୍ୟବସ୍ଥା ବେସାମରିକ ବିମାନ ଚଳାଚଳ ସଂସ୍ଥା କରିବା ଉଚିତ।

ସମ୍ପୃକ୍ତ ପାଇଲଟ୍‌ଙ୍କ ଆଚରଣ ଅକ୍ଷମଣୀୟ। କିନ୍ତୁ ଏଠାରେ ଆଉ ଏକ ପ୍ରଶ୍ନ ଉଠୁଛି। ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିବା ପଛରେ କ'ଣ କେବଳ ପାଇଲଟ୍‌ଙ୍କ ନିଶାସେବନ ଏକମାତ୍ର କାରଣ? ଏ ପ୍ରଶ୍ନ କଲା ବେଳେ ଗତବର୍ଷ ଜୁନ୍ ମାସରେ ୨୬୦ ଜଣ ଯାତ୍ରୀଙ୍କ ଜୀବନ ନେଇଥିବା ଅହମ୍ମଦାବାଦ୍ ବୋଇଂ ବିମାନ ଦୁର୍ଘଟଣାର ମର୍ମନ୍ତୁଦ ଦୃଶ୍ୟ ମନେ ପଡ଼ିଯାଉଛି। ଦୁର୍ଘଟଣାର ତଦନ୍ତ ଏ ପର୍ଯ୍ୟନ୍ତ ଚାଲିଛି। ତଦନ୍ତର ଯେଉଁ ପ୍ରାଥମିକ ରିପୋର୍ଟ ସାର୍ବଜନିନ ହୋଇଥିଲା ସେଥିରେ ମଧ୍ୟ ପାଇଲଟ୍‌ମାନଙ୍କୁ ଆରୋପିତ କରାଯାଇଥିଲା। କିନ୍ତୁ ରିପୋର୍ଟକୁ ନେଇ ପାଇଲଟ୍ ସଂଘ ଆପତ୍ତି ଉଠାଇଥିଲେ ଏବଂ ବିମାନର ନିୟମିତ ଯାଞ୍ଚର ଅଭାବ, ଯାନ୍ତ୍ରିକ ତ୍ରୁଟି, ପରିଚାଳନାରେ ଅନିୟମିତତା ଆଦି ସମ୍ପର୍କରେ ଅଭିଯୋଗମାନ ହୋଇଥିଲା। ସେ ଅଭିଯୋଗର ସନ୍ତୋଷଜନକ ଉତ୍ତର ବୋଇଂ କମ୍ପାନୀ ଦେଇ ନାହିଁ କି ଦୋଷ ନିଜ ଉପରକୁ ନେବାର କୌଣସି ସମ୍ଭାବନା ଦେଖାଯାଉନାହିଁ। ତେଣୁ ସଦ୍ୟତମ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପାଇଁ କେବଳ ପାଇଲଟ୍‌ଙ୍କ ଉପରେ ଦୋଷ ଦେଲେ ହେବ ନାହିଁ କି ବିମାନରେ ଯାନ୍ତ୍ରିକ ତ୍ରୁଟିକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ। ଏହି ଘଟଣାର ତଦନ୍ତ ଜାରି ରହିଥିବାରୁ ରିପୋର୍ଟ ସାର୍ବଜନିନ ନ ହେବା ପର୍ଯ୍ୟନ୍ତ ପ୍ରକୃତ ଦୋଷୀ କିଏ ତାହାର ନିଷ୍କର୍ଷରେ ଏତେଶୀଘ୍ର ପହଞ୍ଚିବା ଉଚିତ ହେବ ନାହିଁ। କିନ୍ତୁ ଅହମ୍ମଦାବାଦ ଦୁର୍ଘଟଣାରେ ବୋଇଂ କମ୍ପାନୀ ତା'ର ବିମାନର ତ୍ରୁଟିକୁ ଅସ୍ୱୀକାର କରିବା ଭଳି ଯଦି ଟାଟା କମ୍ପାନୀ ବିମାନର ଯାନ୍ତ୍ରିକ ତ୍ରୁଟିକୁ ଚପାଇ ଦେବାର ଉଦ୍ୟମ କରେ ତେବେ ଏହା ଏକ ଖରାପ ପରମ୍ପରା ସୃଷ୍ଟି କରିବ ଏବଂ ପାଇଲଟ୍‌ମାନଙ୍କୁ ହତୋତ୍ସାହିତ କରିବ।

ଅଟୋ ରିକ୍ସାଠାରୁ ଆରମ୍ଭ କରି ବସ୍, ଟ୍ରେନ୍ ଓ ବିମାନ ପର୍ଯ୍ୟନ୍ତ ନିଶା ସେବନ କରି ଚଳାଇବା ଦୋଷାବହ ନିଶ୍ଚୟ। କିନ୍ତୁ ଯାତ୍ରୀମାନଙ୍କ ସୁରକ୍ଷା ଦାୟିତ୍ୱ କେବଳ ଚାଳକଙ୍କ ମୁଣ୍ଡରେ ଲଦି ଦେଇ ଦାୟିତ୍ୱରୁ ଓହରିଯିବା ଅନୁଚିତ। ଦୁର୍ଘଟଣା ଯେଉଁଠାରେ, ଯାହାଦ୍ୱାରା ଏବଂ ଯେଉଁପ୍ରକାର ଘଟୁ ନା କାହିଁକି ଉତ୍ତରଦାୟିତ୍ୱରୁ ଯେଉଁଭଳି କେହି ଓହରି ପାରିବେ ନାହିଁ ସେଭଳି ନିୟମ କରାଯିବା ଆବଶ୍ୟକ। କାରଣ ଏକ ଜନମଙ୍ଗଳ ରାଷ୍ଟ୍ରରେ ଯାତ୍ରୀଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଦାୟିତ୍ୱ ସର୍ବୋପରି।

# ଭଗବାନଙ୍କ ଉଚ୍ଚତା!

ବିଘ୍ନବିନାଶନ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନାରୁ ଆରମ୍ଭ ହେବାକୁ ଯାଉଥିବା ପାର୍ବଣ ଋତୁର ପ୍ରସ୍ତୁତିପର୍ବ ତ୍ୱରାନ୍ୱିତ ହୋଇଛି। ପୁଲିସ ପ୍ରଶାସନର ବାରଣ ସତ୍ତ୍ୱେ ଚାନ୍ଦା ଆଦାୟ ଚାଲିଥିବା ବେଳେ ତୋରଣ ନିର୍ମାଣ ଓ ମୂର୍ତ୍ତି ନିର୍ମାଣ କାର୍ଯ୍ୟରେ କର୍ମକର୍ତ୍ତା, କାରିଗର ଓ ଶିଳ୍ପୀମାନେ ବ୍ୟସ୍ତ। ବିଶେଷକରି ଗଜାନନଙ୍କ ମୂର୍ତ୍ତି ନିର୍ମାଣ ପର୍ବ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଛି। ନିଜ ନିଜର ପୂଜା ଆୟୋଜନକୁ ସ୍ୱତନ୍ତ୍ର ବୋଲି ଦର୍ଶାଇବା ପାଇଁ ପ୍ରତିବର୍ଷ କେଉଁଠି ନା କେଉଁଠି ଗଜାନନଙ୍କ ମୂର୍ତ୍ତିକୁ ଅସ୍ୱାଭାବିକ କରୁଥିବାର ବିବାଦ ଉଠୁଛି; ବିସର୍ଜନ ପର୍ବ ସହିତ ସେହି ବିବାଦର ଅନ୍ତ ମଧ୍ୟ ଘଟୁଛି। ପୁଣି ନିଜ ନିଜର ଗଣେଶଙ୍କୁ ଅନ୍ୟଠାରୁ ଶ୍ରେଷ୍ଠ ଓ ଉତ୍କୃଷ୍ଟ କରିବାର ଅବାଞ୍ଛିତ ପ୍ରତିଯୋଗିତାରେ ମୂର୍ତ୍ତିଗୁଡ଼ିକର ଉଚ୍ଚତା ବଢ଼ିଚାଲିଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ପ୍ରାପ୍ତ ଖବର ଅନୁଯାୟୀ ରାଜଧାନୀର ଏକ ଗଣେଶମୂର୍ତ୍ତିର ଉଚ୍ଚତା ନଅ ମହଲା କୋଠାର ଉଚ୍ଚତାଠାରୁ ଅଧିକ ହୋଇଛି।

ଏହି ମାନବୀୟ ଆସ୍ପର୍ଦ୍ଧାରେ କାହାର ଲାଭ ହେଉଛି ସେ ହିସାବକିତାବ ଭିନ୍ନ କଥା। କିନ୍ତୁ ପରିବେଶର ଯେ ଅଶେଷ କ୍ଷତିସାଧନ ହେଉଛି ତାହା ଅନସ୍ୱୀକାର୍ଯ୍ୟ। ମୂର୍ତ୍ତି ଯେତେ ଅଧିକ ବଡ଼ ହେବ ସେଥିରେ ରସାୟନିକ ପ୍ରଲେପ ଓ ଅନ୍ୟାନ୍ୟ ସାମଗ୍ରୀର ବର୍ଜ୍ୟ ସେତେ ଅଧିକ ପରିବେଶ ପ୍ରଦୂଷଣ ସୃଷ୍ଟି କରିବ। ଏବେ ଜୈବିକ ପ୍ରଲେପ ଓ କୃତ୍ରିମ ବିସର୍ଜନ କୁଣ୍ଡ ନିର୍ମାଣ କରୁଥିବାର ଦେଖାଯାଉଛି। ତାହା କେବଳ ସାମୟିକ ବା ଧର୍ମକୁ ଆଖିଠାର ଭଳି। କୃତ୍ରିମ ପୋଖରୀରୁ ବର୍ଜ୍ୟ ମାତ୍ର କିଛିଦିନ ପରେ ସାରା ପରିବେଶରେ ବିକ୍ଷିପ୍ତ ହୋଇପଡ଼ୁଛି - ଏହା ସମସ୍ତଙ୍କୁ ଜଣା। ଏହାଛଡ଼ା ମୂର୍ତ୍ତିକୁ ଚାହିଁ ତୋରଣର ସାଜସଜ୍ଜା ଏବଂ ତଦ୍‌ଜନିତ ବର୍ଜ୍ୟର ହିସାବ ବା କିଏ ରଖୁଛି? ସବୁଠାରୁ ବଳି ପଡ଼ୁଛି ଶବ୍ଦ ପ୍ରଦୂଷଣର କଷ୍ଟ।

ପୂଜା, ଆରାଧନା ଓ ଭକ୍ତିର ପରାକାଷ୍ଠା ଭାବନାରେ ଥାଏ, ପ୍ରଦର୍ଶନରେ ନୁହେଁ। ସୃଷ୍ଟି ବା ମନୁଷ୍ୟ ଯେତେବେଳେ ସୃଷ୍ଟିକର୍ତ୍ତା ବା ସ୍ରଷ୍ଟାର ଉଚ୍ଚତା, ଶକ୍ତି ଓ ସାମର୍ଥ୍ୟ ନିର୍ଦ୍ଧାରଣ କରିବାର ଆସ୍ପର୍ଦ୍ଧା କରେ ସେତେବେଳେ ତାହା ହାସ୍ୟାସ୍ପଦ ପଦବାଚ୍ୟ ହୁଏ। କିନ୍ତୁ ଏ ଦିଗରେ ସଚେତନ କରିବ କିଏ? ଏକଦା କଟକରେ ଦୁର୍ଗାପୂଜାରେ ମୂର୍ତ୍ତି ଉଚ୍ଚତାକୁ ତିନିଫୁଟରେ ସୀମିତ ରଖିବାକୁ ନିର୍ଦ୍ଦେଶନାମା ଜାରି ହେବା ପରେ କୋର୍ଟକଚେରି ପର୍ଯ୍ୟନ୍ତ କଥା ଯାଇଥିଲା। ଭକ୍ତି ଭାବନା ସର୍ବୋପରି; କିନ୍ତୁ ତାହା ସାମାଜିକ ସୁସ୍ଥତା ଓ ଶାନ୍ତିର ବିରୁଦ୍ଧାଚରଣ କରିବା ଉଚିତ ନୁହେଁ। ସଂଗୃହୀତ ଓ ଦାନାର୍ଥେ ମିଳିଥିବା ଅର୍ଥରାଶିକୁ ଭଗବାନଙ୍କ ଉଚ୍ଚତା ନିର୍ଦ୍ଧାରଣରେ ଖର୍ଚ୍ଚ ନ କରି ବରଂ ଅସହାୟଙ୍କ ସହାୟତାରେ ବିନିଯୋଗ କଲେ ସୃଷ୍ଟିର ଶ୍ରେଷ୍ଠତା ପ୍ରତିପାଦିତ ହେବ; ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ହେବ ଏବଂ ସ୍ରଷ୍ଟା ଅଧିକ ଆନନ୍ଦିତ ହେବେ। ମନୁଷ୍ୟ ଦେହେ ଦିବ୍ୟଜ୍ଞାନ ଦେଖି ସନ୍ତୁଷ୍ଟ ଭଗବାନ - ଭାଗବତ ବାଣୀର ଏହି ଆପ୍ତ ବାକ୍ୟ ସିଦ୍ଧ ହେବ।



## ସମ୍ପାଦକୀୟ



ସମାଜ ଉପରେ ସାମାଜିକ ଗଣମାଧ୍ୟମର ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିବା ପାଇଁ ଖୁବ୍‌ଶୀଘ୍ର ପ୍ରଭାବଶାଳୀ ନିୟାମକ ଆସିବା ଆବଶ୍ୟକ।
-ଏଲନ୍ ମସ୍କ

# ଇନ୍ଧନ ଓ ଖାଦ୍ୟ ସୁରକ୍ଷାର ଦ୍ୱନ୍ଦ୍ୱ

**ସମୀର ବିଶ୍ୱାଳ**

ଇଥାନଲ୍ ଏକ ସମ୍ଭାବନାମୟ ବିକଳ୍ପ ଇନ୍ଧନ। ଏହି ପରିପ୍ରେକ୍ଷୀରେ ଜୈବଇନ୍ଧନ ବା ବାୟୋଫୁଏଲ ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ଭାବେ ଉଭା ହୋଇଛି। ଇଥାନଲ୍ ମିଶ୍ରଣର ଉଦ୍ଦେଶ୍ୟ ନିଶ୍ଚିତ ଭାବେ ପେଟ୍ରୋଲିୟମ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ, କୃଷିଜାତ ଉତ୍ପାଦର ମୂଲ୍ୟ ବୃଦ୍ଧି କରିବ, ଚାଷୀଙ୍କୁ ଅତିରିକ୍ତ ବଜାର ସୁବିଧା ଦେବା ସହ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବିସର୍ଜନ କମାଇବ। ଅପରପକ୍ଷରେ ଇଥାନଲ୍ ଉତ୍ପାଦନ ପାଇଁ ଅତ୍ୟଧିକ ପାଣି ଖର୍ଚ୍ଚ କରୁଥିବା ଫସଲକୁ ଅଧିକ ପ୍ରୋତ୍ସାହନ ଦିଆଯାଉଥିବାରୁ ଆଜିର ଇନ୍ଧନ ସମସ୍ୟାର ସମାଧାନ କରିବାକୁ ଯାଇ ଏହାଦ୍ୱାରା ଭବିଷ୍ୟତର ଜଳ ଓ ଖାଦ୍ୟ ସୁରକ୍ଷା ସଙ୍କଟ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି। ତେଣୁ ଇଥାନଲ୍ ନୀତିର ରୂପରେଖ, କାର୍ଯ୍ୟାନ୍ୱୟନ, ଆର୍ଥିକ ପ୍ରୋତ୍ସାହନ ଓ ଦୀର୍ଘମିଆଦୀ ପରିଣାମକୁ ଠିକ୍ ଭାବେ ବିଚାର କରିବାକୁ ପଡ଼ିବ।

ଇଥାନଲ୍ ହେଉଛି ଏକପ୍ରକାର ଆଲକୋହଲ୍, ଯାହା ଆଖୁ, ମକା, ଧାନ ଓ ଅନ୍ୟାନ୍ୟ ଜୈବିକ ଉତ୍ସରୁ ଉତ୍ପାଦନ କରାଯାଇପାରେ। ଏହାକୁ ପେଟ୍ରୋଲ୍‌ରେ ମିଶାଇ ଇନ୍ଧନ ଭାବେ ବ୍ୟବହାର କରାଯାଏ। ଇଥାନଲ୍ ମିଶ୍ରଣର ପରିମାଣକୁ ସାଧାରଣତଃ ଇ୧୦, ଇ୨୦, ଇ୮୫ ଭଳି ନାମରେ ବୁଝାଯାଏ। ଇ୨୦ର ଅର୍ଥ ହେଉଛି ପେଟ୍ରୋଲ୍‌ରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ। ଭାରତ ଧୀରେ ଧୀରେ ଅଧିକ ଇଥାନଲ୍ ମିଶ୍ରଣ ଦିଗକୁ ଗତି କରୁଛି। ଇ୨୦ ପରେ ଫ୍ଲେକ୍ସ-ଫ୍ୟୁଏଲ୍ ଯାନରେ ଇ୮୫ ଓ ଇ୧୦୦ ଭଳି ଅଧିକ ଇଥାନଲ୍ ମିଶ୍ରଣ ବ୍ୟବହାର କରିବାର ସମ୍ଭାବନା ମଧ୍ୟ ଆଲୋଚନାକୁ ଆସିଛି।

ସରକାର ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମ ଏବଂ ଦୀର୍ଘମିଆଦରେ କୃଷି, ଖାଦ୍ୟ ବ୍ୟବସ୍ଥା ଓ ବୃହତ୍ ଅର୍ଥନୀତି ଉପରେ ଏହାର ପ୍ରଭାବକୁ ତିନୋଟି କାରଣରୁ ସମୀକ୍ଷା କରିବା ଆବଶ୍ୟକ। ପ୍ରଥମତଃ, ୨୦୧୮ର ଜାତୀୟ ଜୈବ ଇନ୍ଧନ ନୀତି ଅଧୀନରେ ଆରମ୍ଭ ହୋଇଥିବା ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମ ବର୍ତ୍ତମାନ ଉଚ୍ଚମିଶ୍ରଣ ପର୍ଯ୍ୟାୟରେ ପହଞ୍ଚିଛି। ଗତ ଜୁନ୍ ମାସରେ ସରକାରୀ ତୈଳ ବିପଣନ କମ୍ପାନୀମାନଙ୍କ ୪୮ଟି ଖୁଚୁରା ବିକ୍ରୟକେନ୍ଦ୍ର ଫ୍ଲେକ୍ସ-ଫ୍ୟୁଏଲ୍ ଯାନ ପାଇଁ ଇ୮୫ ବିକ୍ରି ଆରମ୍ଭ କରିଥିଲେ। ଏହାପରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ୨୭ ଏପ୍ରିଲ୍ ୨୦୨୬ରେ ଏକ ଖସଡ଼ା ବିଜ୍ଞପ୍ତି ଜାରି କରି ଇ୮୫ ଓ ଇ୧୦୦ରେ ଚାଲିପାରୁଥିବା ଫ୍ଲେକ୍ସ-ଫ୍ୟୁଏଲ୍ ଯାନକୁ ଅନୁମତି ଦେଇଛି। କିନ୍ତୁ ଇଥାନଲ୍ ମୂଲ୍ୟଶୃଙ୍ଖଳରେ ଏପରି ହଠାତ୍ ବୃଦ୍ଧି କାହିଁକି କରାଯାଉଛି, ତାହାର ଯଥେଷ୍ଟ ସାର୍ବଜନୀନ ତଥ୍ୟ କିମ୍ବା ଯୁକ୍ତି ଉପଲବ୍ଧ ନାହିଁ। ଦ୍ୱିତୀୟତଃ, ଅଧିକ ପେଟ୍ରୋଲ୍ ମିଶ୍ରଣ 'ଜାତୀୟ ଜୈବ ଇନ୍ଧନ ନୀତି ୨୦୧୮ (୨୦୨୨ରେ ସଂଶୋଧିତ)'ର ପରିସର ବାହାରେ ରହିଛି। ସରକାରଙ୍କ ୧୫ ଜୁନ୍ ୨୦୨୨ର ଗେଜେଟ୍ ବିଜ୍ଞପ୍ତି ଜୈବ ଇନ୍ଧନ ନୀତିରେ ସଂଶୋଧନ କରି ୨୦୨୫-୨୬ ଇଥାନଲ୍ ଯୋଗାଣ ବର୍ଷ ସୁଦ୍ଧା ପେଟ୍ରୋଲ୍‌ରେ ଇ୨୦ ଏବଂ ୨୦୩୦ ସୁଦ୍ଧା ବାୟୋଡିଜେଲ୍ ୫% ମିଶ୍ରଣର ଲକ୍ଷ୍ୟ ରଖିଥିଲା। ଏଠାରେ ଧ୍ୟାନ ଦେବା କଥା ଯେ, ୨୭ ଏପ୍ରିଲ୍‌ରେ ଖସଡ଼ା ଗେଜେଟ୍ ବିଜ୍ଞପ୍ତିରେ ଇ୮୫ ଓ ଇ୧୦୦ର ପ୍ରସ୍ତାବ ସେଣ୍ଟ୍ରାଲ୍ ମୋଟର ଭେହିକିଲ୍ ନିୟମ-୧୯୮୯ ସମ୍ପର୍କିତ। ଏହା ଜୈବ ଇନ୍ଧନ କାର୍ଯ୍ୟକ୍ରମକୁ ନିଜେ ସଂଶୋଧନ କରୁନାହିଁ। ତୃତୀୟତଃ, ଜୈବ ଇନ୍ଧନ କାର୍ଯ୍ୟକ୍ରମର ସମୀକ୍ଷା ଆବଶ୍ୟକ। କାରଣ ଅଧିକ ମିଶ୍ରଣ ସ୍ତରରେ ଏକ ନୂତନ ଖର୍ଚ୍ଚ-ଲାଭ ବିଶ୍ଳେଷଣ ଆବଶ୍ୟକ। ବିଶେଷକରି ଗତ ୭ ବର୍ଷର ତଥ୍ୟ ଏଥିପାଇଁ ଉପଯୋଗ କରାଯିବା ଦରକାର।

ଏଠାରେ ଏକ ମୌଳିକ ପ୍ରଶ୍ନ ଉଠେ ଯେ ଆମର କୃଷି, ଜଳସମ୍ପଦ ଓ ଖାଦ୍ୟ ବ୍ୟବସ୍ଥା ଏତେ ଅଧିକ ଇଥାନଲ୍ ଚାହିଦା ପୂରଣ କରିବାକୁ ପ୍ରସ୍ତୁତ କି? ଏହି ପ୍ରଶ୍ନର ଉତ୍ତର କେବଳ ଇଥାନଲ୍ ଉତ୍ପାଦନ କ୍ଷମତା ଦେଖି ଦିଆଯାଇପାରିବ ନାହିଁ। କେଉଁ ଫସଲରୁ ଇଥାନଲ୍ ଆସୁଛି, ସେହି ଫସଲ ପାଇଁ କେତେ ପାଣି ଲାଗୁଛି, ସେହି ଫସଲ ଖାଦ୍ୟ ଭାବେ କେତେ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଚାଷୀଙ୍କ ଜମି ବ୍ୟବହାର ଉପରେ କି ପ୍ରଭାବ ପକାଉଛି - ସେ ସବୁକୁ ଏକାଠି ବିଚାର କରିବାକୁ ପଡ଼ିବ। ଇଥାନଲ୍ ନୀତିର ସବୁଠାରୁ ବଡ଼ ଚିନ୍ତା ହେଉଛି ଆଖୁ ଓ ଧାନ ଭଳି ଅଧିକ ପାଣି ଆବଶ୍ୟକ କରୁଥିବା ଫସଲକୁ ଅତ୍ୟଧିକ ପ୍ରୋତ୍ସାହନ। ଆଖୁ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ନଗଦ ଫସଲ। ଏହା ଚାଷୀଙ୍କୁ ଆୟ ଦିଏ ଏବଂ ଚିନି ଶିଳ୍ପ ସହ ଲକ୍ଷ ଲକ୍ଷ ଚାଷୀ ଓ ଶ୍ରମିକଙ୍କ ଜୀବିକା ଜଡ଼ିତ। କିନ୍ତୁ ଆଖୁ ଚାଷ ପାଇଁ ଅଧିକ ପାଣି ଆବଶ୍ୟକ। ଯେଉଁ ଅଞ୍ଚଳରେ ଭୂତଳ ଜଳ ଉପରେ ଅଧିକ ଚାପ ରହିଛି, ସେଠାରେ ଆଖୁ ଚାଷର ବିସ୍ତାର ଦୀର୍ଘମିଆଦୀ ଜଳ ସଙ୍କଟକୁ ଆହୁରି ଗଭୀର କରିପାରେ। ଧାନ ମଧ୍ୟ ଭାରତର ଖାଦ୍ୟ ବ୍ୟବସ୍ଥାର ମୂଳ ଫସଲ। ସରକାରୀ ଗୋଦାମ୍‌ରେ ଥିବା ଚାଉଳକୁ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରିବାର ନୀତି ଯଦି ବ୍ୟାପକ ହୁଏ, ତେବେ ଖାଦ୍ୟ ଓ ଇନ୍ଧନ ମଧ୍ୟରେ ଏକ ନୂଆ ପ୍ରତିସ୍ପର୍ଦ୍ଧା ଉତ୍ପନ୍ନ ହୋଇପାରେ। ଇଥାନଲ୍ ଉତ୍ପାଦନରେ ମକା ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ହୋଇପାରେ। କିନ୍ତୁ ଭାରତରେ ଏହାର ଉତ୍ପାଦନକ୍ଷମତା ହେକ୍ଟର ପିଛା ପ୍ରାୟ ୪ ଟନ୍, ଯେଉଁଠି ଆମେରିକାରେ ଏହା ୧୩-୧୪ ଟନ୍। ତେଣୁ ଇଥାନଲ୍‌ର ଅଧିକ ଚାହିଦା ପୂରଣ ପାଇଁ ମକା ଉପରେ ନିର୍ଭର କରିବା ସହଜ ନୁହେଁ। ଆମେରିକା ଓ ବ୍ରାଜିଲ୍ ଭଳି ବଡ଼ ଇଥାନଲ୍ ଉତ୍ପାଦକ ଦେଶଗୁଡ଼ିକ ମୁଖ୍ୟତଃ ମକା ଉପରେ ଅଧିକ ନିର୍ଭରଶୀଳ। କିନ୍ତୁ ଭାରତର ଉତ୍ପାଦନ କ୍ଷମତା ତୁଳନାତ୍ମକ ଭାବେ ବହୁତ କମ୍।

ଦେଶରେ ଗରିବ ଓ ନିମ୍ନ ଆୟବର୍ଗର ଲୋକଙ୍କ ପାଇଁ ସରକାରଙ୍କ ଖାଦ୍ୟ ସୁରକ୍ଷା ଏକ ବଡ଼ ଦାୟିତ୍ୱ। ତେଣୁ ଖାଦ୍ୟଶସ୍ୟର କେତେ ପ୍ରତିଶତ ଅଂଶକୁ ଇନ୍ଧନ ପାଇଁ ବ୍ୟବହାର କରିବା ଯୁକ୍ତିସଙ୍ଗତ ବୋଲି ପ୍ରଶ୍ନ ଉଠେ। ବିଶ୍ୱରେ ଜୈବ ଇନ୍ଧନକୁ ନେଇ 'ଖାଦ୍ୟ ବନାମ ଇନ୍ଧନ' ବିତର୍କ ବହୁ ପୁରୁଣା। ଯଦି ଖାଦ୍ୟ ଉତ୍ପାଦନ ପାଇଁ ବ୍ୟବହୃତ ଜମି, ପାଣି ଓ ଫସଲକୁ ବହୁ ପରିମାଣରେ ଇନ୍ଧନ ଉତ୍ପାଦନ ଦିଗକୁ ନିଆଯାଏ, ତେବେ ଖାଦ୍ୟ ଯୋଗାଣ ଉପରେ ଚାପ ପଡ଼ିପାରେ। କିନ୍ତୁ ଅତିରିକ୍ତ ଉତ୍ପାଦନ, ଅନୁପଯୋଗୀ କିମ୍ବା ଅବଶିଷ୍ଟ କୃଷିଜ ଉତ୍ପାଦକୁ ଇଥାନଲ୍ ପାଇଁ ବ୍ୟବହାର କରାଯାଏ; ତେବେ ଏହା ଏକ ଉପଯୋଗୀ ପଦକ୍ଷେପ ହୋଇପାରେ। ଆଖୁ ଚାଷୀ ଓ ଚିନି ଶିଳ୍ପ ପାଇଁ ଏକ ବିକଳ୍ପ ବଜାର ସୃଷ୍ଟି କରିପାରେ। ଚିନି ଶିଳ୍ପରେ ଅତିରିକ୍ତ ଚିନି ଉତ୍ପାଦନ ହେଲେ ତାହାର କିଛି ଅଂଶକୁ ଇଥାନଲ୍ ଉତ୍ପାଦନ ଦିଗରେ ନେବାର ସୁଯୋଗ ସୃଷ୍ଟି ହୋଇପାରିବ। ଇଥାନଲ୍ ନୀତିର ଏକ ବଡ଼ ସକାରାତ୍ମକ ପକ୍ଷ ହେଉଛି ଚାଷୀଙ୍କ ପାଇଁ ବଜାର ବୃଦ୍ଧି। ଯେଉଁ ଫସଲର ଚାହିଦା ବଢ଼ିବ, ତାହାର ମୂଲ୍ୟ ଓ ଚାଷୀଙ୍କ ଆୟ ବଢ଼ିପାରେ। କିନ୍ତୁ ଚାଷୀଙ୍କୁ କେବଳ ବଜାର ଦର ଦେଖାଇଲେ ହେବ ନାହିଁ। ଫସଲ ବାଛିବା ସମୟରେ ପାଣି, ମାଟିର ଉର୍ବରତା, ଜଳବାୟୁ, ବଜାର ମୂଲ୍ୟ ଓ ଦୀର୍ଘମିଆଦୀ ଉତ୍ପାଦନ କ୍ଷମତାକୁ ମଧ୍ୟ ବିଚାର କରିବାକୁ ପଡ଼ିବ ଏବଂ ସରକାର ସଚେତନ ମାଧ୍ୟମରେ ଚାଷୀଙ୍କୁ ଏକମାତ୍ର ଫସଲ ଉପରେ ନିର୍ଭରଶୀଳ ନକରି ଫସଲ ବିବିଧୀକରଣକୁ ପ୍ରୋତ୍ସାହନ କରିବାକୁ ହେବ।

ଜଳବାୟୁ ପରିବର୍ତ୍ତନ ଫଳରେ ବର୍ଷାର ଧାରା ବଦଳୁଛି। କେଉଁଠି ଅତ୍ୟଧିକ ବର୍ଷା ତ କେଉଁଠି ଖରା - ଏପରି ପରିସ୍ଥିତି ବଢ଼ୁଛି। ଭୂତଳ ଜଳ ଅନେକ ଅଞ୍ଚଳରେ ଦ୍ରୁତ ହ୍ରାସ ପାଉଛି। ଏପରି ସମୟରେ ଅଧିକ ପାଣି ଆବଶ୍ୟକ କରୁଥିବା ଫସଲକୁ ଇନ୍ଧନ ନୀତି ମାଧ୍ୟମରେ ଅତିରିକ୍ତ ପ୍ରୋତ୍ସାହନ ଦେବା ପୂର୍ବରୁ ଜଳର ମୂଲ୍ୟ ଓ ଜଳର ଉପଲବ୍ଧତାକୁ ବିଚାର କରିବା ଦରକାର। ଆଜି ଯେଉଁ ଅଞ୍ଚଳରେ ପାଣି ପର୍ଯ୍ୟାପ୍ତ ଅଛି, ଆସନ୍ତା ୨୦-୩୦ ବର୍ଷରେ ସେଠାରେ ଜଳ ସଙ୍କଟ ହୋଇପାରେ। ତେଣୁ ଇଥାନଲ୍ ନୀତିକୁ କେବଳ ଆଜିର ପେଟ୍ରୋଲ୍ ଚାହିଦା ଆଧାରରେ ନୁହେଁ, ଆଗାମୀ ପିଢ଼ିର ଜଳ ଆବଶ୍ୟକତା ଆଧାରରେ ମଧ୍ୟ ମୂଲ୍ୟାଙ୍କନ କରିବା ଦରକାର।

ଭାରତର ଇଥାନଲ୍ ନୀତିକୁ ଆହୁରି ସନ୍ତୁଳିତ କରିବା ପାଇଁ କିଛି ମୂଳ ନୀତି ଗ୍ରହଣ କରାଯିବା ଦରକାର। ଫସଲ ଆଧାରିତ ନୁହେଁ, ସମ୍ପଦ ଆଧାରିତ ପ୍ରୋତ୍ସାହନ ଦେବା ଦରକାର। ଅର୍ଥାତ୍ କେବଳ ଆଖୁ କିମ୍ବା ଧାନରୁ ଇଥାନଲ୍ ଉତ୍ପାଦନକୁ ପ୍ରୋତ୍ସାହନ ନଦେଇ କୃଷି ଅବଶିଷ୍ଟ, ଫସଲ ଅବଶେଷ ଓ ଅନ୍ୟାନ୍ୟ ସ୍ଥାୟୀ ଉତ୍ସରୁ ଇଥାନଲ୍ ଉତ୍ପାଦନକୁ ଅଧିକ ପ୍ରାଥମିକତା ଦେବା ଦରକାର। ଜଳ ବ୍ୟବହାରକୁ ନୀତିର ମାନଦଣ୍ଡ କରିବା ଦରକାର। ଯେଉଁ ଅଞ୍ଚଳରେ ଜଳସଙ୍କଟ ଅଧିକ, ସେଠାରେ ଅଧିକ ପାଣି ଆବଶ୍ୟକ କରୁଥିବା ଫସଲକୁ ଅତିରିକ୍ତ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ସେହିପରି ଦେଶର ଖାଦ୍ୟ ଭଣ୍ଡାର, ଗରିବଙ୍କ ଖାଦ୍ୟ ଅଧିକାର ଓ ବଜାର ଦରକୁ ବିଚାର କରି ଖାଦ୍ୟଶସ୍ୟକୁ ଇନ୍ଧନ ପାଇଁ ବ୍ୟବହାରର ସୀମା ନିର୍ଦ୍ଧାରଣ କରିବା ଦରକାର। ପ୍ରତି ୩-୫ ବର୍ଷରେ ନୀତିର ସ୍ୱାଧୀନ ଖର୍ଚ୍ଚ ଲାଭ ବିଶ୍ଳେଷଣ କରାଯିବା ଉଚିତ। ଏଥିରେ କେବଳ ଇଥାନଲ୍ ଉତ୍ପାଦନ କିମ୍ବା ବିଦେଶୀ ମୁଦ୍ରା ସଞ୍ଚୟକୁ ଦେଖିଲେ ହେବ ନାହିଁ। ପାଣି, ମାଟି, ଖାଦ୍ୟ ମୂଲ୍ୟ, ଚାଷୀଙ୍କ ଆୟ, ସରକାରୀ ରିହାତି ଓ ପରିବେଶୀୟ ପ୍ରଭାବକୁ ମଧ୍ୟ ହିସାବରେ ନେବାକୁ ପଡ଼ିବ। ଏହି ସନ୍ତୁଳନ ହିଁ ଭାରତର ଜୈବ ଇନ୍ଧନ ଭବିଷ୍ୟତକୁ ସଫଳ ଓ ସ୍ଥାୟୀ କରିପାରିବ।

ମହିମୁଣ୍ଡା(ବଲାଙ୍ଗୀର),
ମୋ: ୯୪୩୭୫୪୨୮୮୫

# ଅପମିଶ୍ରଣମୁକ୍ତ ଭାରତ କେବେ?

**ରାଜେଶ କୁମାର ତ୍ରିପାଠୀ**

ଆମେ ଖାଦ୍ୟ କିଣୁ ଜୀବନ ପାଇଁ, ଆମ ଖୁସି ପାଇଁ, ପାଟିର ସ୍ୱାଦ ପାଇଁ। କିନ୍ତୁ ମନ ବିଚଳିତ ହେଉଛି ଯେତେବେଳେ ସେହି ଖାଦ୍ୟ ଆମ ଜୀବନ ପାଇଁ ବିପଦ ନେଇ ଆସୁଛି। ମିଠାକୁ ଆଉ ଟିକେ ଲାଲ୍ ଦେଖାଇବାକୁ କେଉଁ ଗ୍ରାହକ କହିଛି? ପନିରକୁ ଅଧିକ ଧଳା ଓ ନରମ ଦେଖାଇବା ପାଇଁ ସେଥିରେ କିଛି ମିଶାଇବାକୁ କେଉଁ ଗ୍ରାହକ ଅନୁମତି ଦେଇଛି? ହଳଦୀ ଆଉ ଟିକେ ହଳଦିଆ, ଲଙ୍କାଗୁଣ୍ଡ ଆହୁରି ଲାଲ୍, ମିଠା ଆଉ ଚକଚକିଆ ହେଉ- ଏ ଦାବି କେବେ ଆମେ କରିଛନ୍ତି କି? ତଥାପି ଆମ ଥାଳିରେ ରଙ୍ଗ, ରାସାୟନିକ ପଦାର୍ଥ ପଡ଼ୁଛି, ଭେଜାଲ ହେଉଛି। କେଉଁଠି ଲାଭ ବଢ଼ାଇବା ପାଇଁ, କେଉଁଠି ଓଜନ ବଢ଼ାଇବା ପାଇଁ, କେଉଁଠି ପୁରୁଣା ଜିନିଷକୁ ସତେଜ ଦେଖାଇବା ପାଇଁ, ଆଉ କେଉଁଠି କେବଳ ଆମ ଆଖିକୁ ଲୋଭେଇବା ପାଇଁ। ଅର୍ଥାତ୍ ଗ୍ରାହକ ଯାହା ଚାହିଁନାହିଁ, ବଜାର ତାହା ତା'ର ଖାଦ୍ୟରେ ମିଶାଇଦେଉଛି।

ଏହା କେବଳ ଖାଦ୍ୟର ଭେଜାଲ ନୁହେଁ, ଆମ ସମୟର ଏକ ଅଦୃଶ୍ୟ ଖାଦ୍ୟ ପ୍ରଦୂଷଣ। ଆମେ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମାଟି ପ୍ରଦୂଷଣ ନେଇ ଚିନ୍ତିତ ଅଛୁ। କିନ୍ତୁ ଯେଉଁ ପ୍ରଦୂଷଣ ପ୍ରତିଦିନ ଆମ ଥାଳି ଦେଇ ସିଧାସଳଖ ଶରୀର ଭିତରକୁ ପ୍ରବେଶ କରୁଛି, ତାହାକୁ ନେଇ ଆମର ସାମୂହିକ କ୍ରୋଧ ଏତେ କମ୍ କାହିଁକି? ଖାଦ୍ୟ ଅପମିଶ୍ରଣକୁ ଛୋଟମୋଟ ବ୍ୟବସାୟିକ ଅନିୟମ ଭାବେ ଦେଖିବାର ସମୟ ଶେଷ ହେବା ଉଚିତ। ଏହା କେବଳ ଠକେଇ ନୁହେଁ; ମଣିଷର ଜୀବନ ସହ କରାଯାଉଥିବା ବ୍ୟବସାୟ। ଖାଦ୍ୟ ଅପମିଶ୍ରଣ ଆଉ କାଁ ଭାଁ ଘଟୁଥିବା ଠକେଇର ଘଟଣା ହୋଇ ରହିନାହିଁ। କିଛିଦିନ ତଳେ ବିପୁଳ ପରିମାଣର ନକଲି ପନିର ଜବତ ହେବା ଖବର ପୁଣି ଥରେ ଆମ ଖାଦ୍ୟଥାଳିର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି। ଦୋକାନରୁ ଗୋଟିଏ କିଲୋ ମିଠା କିଣି ଘରକୁ ନେଲା ବେଳେ ପରୀକ୍ଷାଗାରକୁ ନେଇ ତାହା ଯାଞ୍ଚ କରାଯାଏ ନାହିଁ। ଘର ପାଇଁ କ୍ଷୀର ନେବା ପୂର୍ବରୁ ତାହାର ରାସାୟନିକ ପରୀକ୍ଷା ଆମେ କରିପାରିବା ନାହିଁ। କଥା ହେଉଛି ବିଶ୍ୱାସର। ଆମେ ଟଙ୍କା ଦିଅନ୍ତି ଏବଂ ବିଶ୍ୱାସ କରନ୍ତି। ସେହି ବିଶ୍ୱାସକୁ ବିଷାକ୍ତ କରିବା ଖାଦ୍ୟ ଅପମିଶ୍ରଣର ସବୁଠାରୁ ବଡ଼ ଅପରାଧ।

ଖାଦ୍ୟରେ ଅପମିଶ୍ରଣ ଅନ୍ୟ ସାଧାରଣ ବ୍ୟବସାୟିକ ଠକେଇ ପରି ନୁହେଁ। କେହି ନକଲି କପଡ଼ା ବିକିଲେ ଗ୍ରାହକ ଆର୍ଥିକ କ୍ଷତି ସହିପାରେ। ନିମ୍ନମାନର ଜୋତା ବିକିଲେ ତାହା ଶୀଘ୍ର ନଷ୍ଟ ହୋଇପାରେ। କିନ୍ତୁ ଖାଦ୍ୟରେ କ୍ଷତିକାରକ ପଦାର୍ଥ ମିଶାଇଲେ ତାହା ସିଧାସଳଖ ମଣିଷର ଶରୀର ଭିତରକୁ ଯାଏ। ତେଣୁ ପ୍ରଶ୍ନ ଉଠେ- ଏହାକୁ ଆମେ କେବଳ 'ଅପମିଶ୍ରଣ' କହି ଛୋଟ କରିଦେଉଛୁ କି? ଯଦି ଜଣେ ବ୍ୟକ୍ତି ଜାଣିଶୁଣି ଏପରି ପଦାର୍ଥ ଖାଦ୍ୟରେ ମିଶାଏ ଯାହା ମଣିଷର ଶରୀର ପାଇଁ କ୍ଷତିକାରକ, ତେବେ ଏହା କେବଳ ବ୍ୟବସାୟିକ ଅନିୟମିତତା ନୁହେଁ। ଏହା ଜନସ୍ୱାସ୍ଥ୍ୟ ବିରୋଧରେ ଏକ ଗମ୍ଭୀର ଅପରାଧ।

ଆମ ଦଣ୍ଡ ବ୍ୟବସ୍ଥା ଓ ତାହାର କାର୍ଯ୍ୟକାରିତାକୁ ନେଇ ମଧ୍ୟ ଆଲୋଚନା ହେବା ଦରକାର। କେବଳ ଚଢ଼ଉ ହେଲା, ସାମଗ୍ରୀ ଜବତ ହେଲା, ନଷ୍ଟ କରାଗଲା, କିଛି ଜରିମାନା ହେଲା- ଏତିକିରେ ଯଦି ଘଟଣାର ସାମାଜିକ ସ୍ମୃତି ଶେଷ ହୋଇଯାଏ ତେବେ ଭୟ କେଉଁଠୁ ଆସିବ? ଯିଏ ଲାଭ ପାଇଁ ଜାଣିଶୁଣି ମଣିଷର ଥାଳିରେ କ୍ଷତିକାରକ ପଦାର୍ଥ ପହଞ୍ଚାଉଛି, ତା' ପାଇଁ ଦଣ୍ଡ ଏପରି ହେବା ଦରକାର ଯେ ପରବର୍ତ୍ତୀ ବ୍ୟକ୍ତି ଏହି ଅପରାଧ କରିବା ପୂର୍ବରୁ ଦଶଥର ଭାବିବ। ଖାଦ୍ୟ ସୁରକ୍ଷାକୁ ଚଢ଼ଉକୈନ୍ଦ୍ରିକ ବ୍ୟବସ୍ଥାରୁ ବାହାର କରି ନିୟମିତ ନିରୀକ୍ଷଣର ସଂସ୍କୃତିରେ ପରିଣତ କରିବାକୁ ହେବ। ପର୍ବପର୍ବାଣି ଆସିଲେ ମିଠା ଦୋକାନରୁ ନମୁନା ସଂଗ୍ରହ କରିବା କିମ୍ବା କୌଣସି ଅଭିଯୋଗ ଆସିଲେ ଚଢ଼ଉ କରିବା ଯଥେଷ୍ଟ ନୁହେଁ। ଦୁଧ, ପନିର, ଛେନା, ମିଠା, ଖାଇବା ତେଲ, ମସଲା, ଶିଶୁଖାଦ୍ୟ, ରାସ୍ତାକଡ଼ ଖାଦ୍ୟ-ଯେଉଁ ସବୁ ସାମଗ୍ରୀ ଲକ୍ଷ ଲକ୍ଷ ଲୋକ ପ୍ରତିଦିନ ଖାଉଛନ୍ତି, ସେଗୁଡ଼ିକର ନିୟମିତ ଓ ଅଘୋଷିତ ଯାଞ୍ଚ ହେବା ଦରକାର। ପ୍ରତ୍ୟେକ ଜିଲ୍ଲାରେ ପର୍ଯ୍ୟାପ୍ତ ଖାଦ୍ୟ ସୁରକ୍ଷା କର୍ମଚାରୀ, ଦ୍ରୁତ ପରୀକ୍ଷା ବ୍ୟବସ୍ଥା, ସମୟବଦ୍ଧ ନମୁନା ପରୀକ୍ଷଣ ଓ ଅପରାଧୀଙ୍କ ବିରୋଧରେ ତ୍ୱରିତ ଆଇନଗତ ପଦକ୍ଷେପ ଦରକାର। ପୁନଃପୁନଃ ଅପରାଧ କରୁଥିବା ବ୍ୟବସାୟୀଙ୍କ ଅନୁମତି ସ୍ଥାୟୀ ଭାବେ ବାତିଲ୍ କରିବା ପର୍ଯ୍ୟନ୍ତ ବ୍ୟବସ୍ଥା କଠୋର ଭାବେ ପ୍ରୟୋଗ ହେବା ଉଚିତ। ଆଇନଗତ ପ୍ରକ୍ରିୟା ଶେଷ ହୋଇ ଅପରାଧ ପ୍ରମାଣିତ ହେବା ପରେ ଖାଦ୍ୟ ସୁରକ୍ଷା ଉଲ୍ଲଂଘନକାରୀଙ୍କ ତଥ୍ୟ ସାର୍ବଜନୀନ ହେବା ଉଚିତ। ଜଣେ ଗ୍ରାହକଙ୍କର ଜାଣିବାର ଅଧିକାର ଅଛି-ଯେଉଁ ଦୋକାନରୁ ସେ ନିଜ ପିଲା ପାଇଁ ଖାଦ୍ୟ କିଣୁଛି, ସେହି ବ୍ୟବସାୟର ଖାଦ୍ୟ ସୁରକ୍ଷା ଇତିହାସ କ'ଣ।

ଖାଦ୍ୟ ଅଧିକାରର ସୁରକ୍ଷା ଏବେ ପ୍ରାସଙ୍ଗିକ ହୋଇପଡ଼ିଛି। ଏଥିପାଇଁ ଦରକାର ଯୋଜନା, ନୀତି ଓ ନୀତିନିଷ୍ଠ ପ୍ରକ୍ରିୟା। ଚଢ଼ଉ ଗୋଟିଏ ଘଟଣା; ଆମକୁ ଦରକାର ବ୍ୟବସ୍ଥା। ଜୋରିମାନା ଗୋଟିଏ ଦଣ୍ଡ; ଆମକୁ ଦରକାର ପ୍ରତିରୋଧ। ସଚେତନତା ଦରକାର; କିନ୍ତୁ ତା'ଠାରୁ ଅଧିକ ଦରକାର ଉତ୍ତରଦାୟିତ୍ୱ। ଭାରତ ଯେତେବେଳେ ସ୍ୱଚ୍ଛତା, ପରିବେଶ, ଡିଜିଟାଲ୍ ବ୍ୟବସ୍ଥା ଓ ଅନେକ ଜାତୀୟ ଲକ୍ଷ୍ୟକୁ ଜନଆନ୍ଦୋଳନର ରୂପ ଦେଇପାରିଛି, ସେତେବେଳେ 'ଅପମିଶ୍ରଣମୁକ୍ତ ଭାରତ' କାହିଁକି ଏକ ଜାତୀୟ ସଂକଳ୍ପ ହେବନାହିଁ? ଲକ୍ଷ୍ୟଟି କଠିନ ହୋଇପାରେ। କିନ୍ତୁ ଏ ଲକ୍ଷ୍ୟ ଆମକୁ ହାସଲ କରିବାକୁ ହେବ।

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ନଡ଼ିଆ
(Coconut-Cocos nucifera)

**ସୌଭାଗ୍ୟସୁନ୍ଦର**

*ପୂର୍ବ ପ୍ରକାଶିତ ଉତ୍ତାରୁ...*

ମିଠା ନଡ଼ିଆ ରସକୁ ପାନୀୟରେ ତିଆରି କରାଯାଇପାରିବ କିମ୍ବା ପାମ୍ ୱାଇନ୍ କିମ୍ବା ନଡ଼ିଆ ଭିନେଗାରରେ କିଣ୍ୱନ କରାଯାଇପାରିବ। ନଡ଼ିଆ ତେଲ ରୋଷେଇରେ ଏବଂ ଦେହରେ ବୋଳି ହେବା ପାଇଁ ବ୍ୟବହାର କରାଯାଏ। ଏହାକୁ ଅନ୍ୟ ଉଦ୍ଭିଦ ତେଲ ପରି ତରଳ ରୂପରେ କିମ୍ବା ବଟର କିମ୍ବା ଘିଅ ଭଳି କଠିନ ରୂପରେ ବ୍ୟବହାର କରାଯାଇପାରିବ। ନଡ଼ିଆ ତେଲ ଏବଂ ନଡ଼ିଆ କ୍ଷୀର ଉତ୍ପାଦନରୁ ବଳକା ଫାଇବର, ନଡ଼ିଆ ଖାଦ୍ୟ, ପଶୁପାଳନ ଖାଦ୍ୟ ଭାବରେ ବ୍ୟବହୃତ ହୁଏ।

ଗଛଗୁଡ଼ିକ ପ୍ରତିବର୍ଷ ୭୫ ଟି ପର୍ଯ୍ୟନ୍ତ ଫଳ ଦେଇପାରେ, ଯଦିଓ ୩୦ ରୁ କମ୍ ଫଳ ସାଧାରଣତଃ ହୋଇନଥାଏ। ଭାରତରେ ପ୍ରତିବର୍ଷ ପ୍ରତି ହେକ୍ଟରରେ ହାରାହାରି ୮,୦୦୦ ନଡ଼ିଆ ଉତ୍ପାଦନ ହୁଏ। ଉଚ୍ଚ କିସମଗୁଡ଼ିକ ୬ ରୁ ୧୦ ବର୍ଷ ମଧ୍ୟରେ ସେମାନଙ୍କର ପ୍ରଥମ ଫଳ ଦେଇଥାଏ ଏବଂ ୬୦ ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ; ବାମନ ବା କମ ଉଚ୍ଚତା ବିଶିଷ୍ଟ କିସମଗୁଡ଼ିକ ଶୀଘ୍ର ଉତ୍ପାଦନକ୍ଷମ ହୋଇଥା'ନ୍ତି, କିନ୍ତୁ ସେଗୁଡ଼ିକର ଜୀବନକାଳ କମ୍ ହୋଇଥାଏ। ୨୦୨୪ ରେ ବିଶ୍ୱ ନଡ଼ିଆ ଉତ୍ପାଦନ ୬୫.୫ ନିୟୁତ ଟନ୍ ଥିଲା, ଯାହା ଇଣ୍ଡୋନେସିଆ, ଭାରତ ଏବଂ ଫିଲିପାଇନ୍ସ ଦ୍ୱାରା ଉତ୍ପାଦିତ ମୋଟର ୭୩% ଥିଲା।

ଅଷ୍ଟ୍ରୋନେସିଆନ ଲୋକଙ୍କ ପାଇଁ ନଡ଼ିଆର ସାଂସ୍କୃତିକ ଏବଂ ଧାର୍ମିକ ଗୁରୁତ୍ୱ ଅଛି, ଯାହା ସେମାନଙ୍କ ପୌରାଣିକ କାହାଣୀ, ଗୀତ ଏବଂ ମୌଖିକ ପରମ୍ପରାରେ ଦେଖିବାକୁ ମିଳେ। ଦକ୍ଷିଣ-ଏସୀୟ ସଂସ୍କୃତିରେ ଏହାର ଧାର୍ମିକ ଗୁରୁତ୍ୱ ବହୁତ ରହିଛି। ବିବାହ ଏବଂ ପୂଜା ସମେତ ହିନ୍ଦୁ ରୀତିନୀତିରେ ନଡ଼ିଆର ବ୍ୟବହାର ପ୍ରମୁଖ ସ୍ଥାନ ଅଧିକାର କରେ। ନଡ଼ିଆକୁ ସଂସ୍କୃତ ଭାଷାରେ ନାରିକେଳ କୁହାଯାଏ। ଏହା ହିନ୍ଦୁ ଦେବାଦେବୀଙ୍କୁ ପୂଜା ସମୟରେ ଅର୍ପଣ କରାଯାଏ। ହିନ୍ଦୁମାନେ ପ୍ରାୟତଃ ଦେବତାଙ୍କ ଆଶୀର୍ବାଦ ସୁନିଶ୍ଚିତ କରିବା ପାଇଁ ନଡ଼ିଆ ଭାଙ୍ଗି ଯେକୌଣସି ନୂତନ କାର୍ଯ୍ୟକଳାପ ଆରମ୍ଭ କରନ୍ତି। ମଙ୍ଗଳ ଏବଂ ଧନର ହିନ୍ଦୁ ଦେବୀ ଲକ୍ଷ୍ମୀଙ୍କୁ ପ୍ରାୟତଃ ଏକ ନଡ଼ିଆ ଧରିଥିବା ଦେଖାଯାଏ। ଏଗୁଡ଼ିକୁ ହିନ୍ଦୁ ବିବାହରେ ସମୃଦ୍ଧିର ପ୍ରତୀକ ଭାବରେ ବ୍ୟବହାର କରାଯାଏ। ବିବାହ ସମୟରେ କନ୍ୟା ହାତରେ ନଡ଼ିଆ ଧରନ୍ତି। ଯଜ୍ଞ, ପୂଜା ବିଧି ସ୍ଥାନରେ ମାଟି ଗରା ବା ସୁରାଇ ଉପରେ ପଇଡ଼ ବା ନଡ଼ିଆ ସଜା ହୋଇ ରଖାଯାଏ। ଗ୍ରାମାଞ୍ଚଳରେ ଶିଶୁମାନେ ସ୍କୁଲରେ ନାମ ଲେଖାଇବା ବେଳେ ସରସ୍ୱତୀ ପୂଜା ଶ୍ରୀପଞ୍ଚମୀ ଦିନ ହାତରେ ନଡ଼ିଆକୁ ଶ୍ରୀଫଳ ନାମରେ ଧରନ୍ତି।

ନଡ଼ିଆ ଗଛ ବାଲିଆ ମାଟିରେ ବଢ଼ିଥାଏ ଏବଂ ଲବଣାକ୍ତତା ପ୍ରତି ଅତ୍ୟନ୍ତ ସହ୍ୟଶୀଳ ଅଟେ। ଏହା ଥଣ୍ଡା ପ୍ରତି ଅସହିଷ୍ଣୁ ଏବଂ ପ୍ରଚୁର ବର୍ଷା ଏବଂ ପୂର୍ଣ୍ଣ ସୂର୍ଯ୍ୟ କିରଣ ପସନ୍ଦ କରେ। ବାର୍ଷିକ ୧୫୦୦ ମିମି ରୁ ୨୫୦୦ ମିମି ମଧ୍ୟରେ ନିୟମିତ ବର୍ଷା ଏବଂ ୭୦% ରୁ ଅଧିକ ଆର୍ଦ୍ରତା ନଡ଼ିଆ ଫସଲକୁ ସୁହାଇଥାଏ। ଏହା ଜଳବନ୍ଦୀ ସହ୍ୟ କରିପାରେ ନାହିଁ। ୫.୫ ରୁ ୭ ପିଏଚ ବା ଅମ୍ଳତା ଥିବା ମାଟି ଏହା ପାଇଁ ଉତ୍କୃଷ୍ଟ। ଏହାର ମୂଳ ମାଟିରେ ଦୃଢ଼ ଭାବରେ ସ୍ଥାନିତ ଥାଏ, ତେଣୁ ବାତ୍ୟା, ଝଡ଼ି ପବନ ଇତ୍ୟାଦିକୁ ପ୍ରତିରୋଧ କରିପାରେ। ଜଙ୍ଗଲୀ ନଡ଼ିଆ ବାଲିଆ, ଲୁଣିଆ ମାଟିରେ ଉପକୂଳବର୍ତ୍ତୀ ଅଞ୍ଚଳରେ ସୀମିତ। ଭଲ ଭାବରେ ବଢ଼ିବା ଏବଂ ଫଳ ଦେବା ପାଇଁ ଏଗୁଡିକୁ ବର୍ଷସାରା ଉଷ୍ଣତା ଏବଂ ଆର୍ଦ୍ରତା ଆବଶ୍ୟକ ହୁଏ। ନଡ଼ିଆର ଅନେକ ବାଣିଜ୍ୟିକ ଏବଂ ପାରମ୍ପରିକ ଉପଜାତି ଅଛି।

ନଡ଼ିଆ ଫାଇଟୋପ୍ଲାଜ୍ମା ରୋଗ, ଘାତକ ହଳଦିଆ ରୋଗ ପ୍ରତି ସମ୍ବେଦନଶୀଳ। ନଡ଼ିଆ ଗଛ ଅନେକ ଲେପିଡୋପ୍ଟେରା (ପ୍ରଜାପତି ଏବଂ ମଥ) ଜାତୀୟ ଲାର୍ଭା ଦ୍ୱାରା କ୍ଷତିଗ୍ରସ୍ତ ହୁଏ। ନଡ଼ିଆ ପତ୍ର ବିଟଲ୍ ବ୍ରୋଣ୍ଟିସ୍ପା ଲଙ୍ଗିସିମା କଅଁଳ ପତ୍ର ଖାଇଥାଏ ଏବଂ ଚାରା ଏବଂ ପରିପକ୍ୱ ନଡ଼ିଆ ଉଭୟକୁ କ୍ଷତି ପହଞ୍ଚାଇଥାଏ। ଫଳଟି ଏରିଓଫାଇଡ୍ ନଡ଼ିଆ ମାଇଟ୍ ଦ୍ୱାରା କ୍ଷତିଗ୍ରସ୍ତ ହୋଇପାରେ। ଦୁଇଟି ସବୁଠାରୁ ସାଧାରଣ ଅମଳ ପଦ୍ଧତି ହେଉଛି ଗଛ ଚଢ଼ିବା ଏବଂ ପୋଲ ବା ଲମ୍ବା ବାଉଁଶ କିମ୍ବା କାଠ ବ୍ୟବହାର କରିବା। ଚଢ଼ିବା ଅଧିକ ବିପଜ୍ଜନକ ଏବଂ ଏହା କୁଶଳୀ ତୋଳାଳୀ ଶ୍ରମିକ ମାନେ ହିଁ କରି ପାରିବେ। ଆଧୁନିକ ପଦ୍ଧତିରେ ଟ୍ରାକ୍ଟର କିମ୍ବା ସିଡ଼ିରେ ଲଗାଯାଇଥିବା ହାଇଡ୍ରୋଲିକ୍ ଲିଫ୍ଟ ବ୍ୟବହାର କରାଯାଏ, ଯାହା ଏକ ନିରାପଦ ଏବଂ ସହଜ ଉପାୟ। ଭାରତ, ଶ୍ରୀଲଙ୍କା ଏବଂ ମାଲେସିଆରେ ଯାନ୍ତ୍ରିକ ନଡ଼ିଆ ଚଢ଼ିବା ଉପକରଣ ଏବଂ ରୋବୋଟ୍ ବ୍ୟବହାର କରାଯାଏ।(ସମାପ୍ତ)

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏମଏମଡିଆର ଆଇନ ରଦ୍ଦ ଦାବି ତେଜିଲା

# ସେପ୍ଟେମ୍ବର ୮ ରେ ଓଜେସିର ଅର୍ଥନୈତିକ ଅବରୋଧ

ଭୁବନେଶ୍ୱର,୬।୯(ସମିସ): ନିକଟରେ ସଂସଦରେ ପାରିତ ହୋଇଥିବା ଏମଏମଡିଆର ଆଇନ୍ ୨୦୨୬ ଏବଂ ଏହି ଆଇନର ବିଭିନ୍ନ ପ୍ରାବଧାନ ଯୋଗୁଁ ଓଡ଼ିଶାର ଲକ୍ଷଲକ୍ଷ କୋଟିର ରାଜସ୍ୱ କ୍ଷତି ହେବ। ଏହି ସମୟରେ ଡବଲ ଇଂଜିନ୍ ସରକାର ରହସ୍ୟମୟ ନିରବତା ଅବଲମ୍ବନ କରୁଥିବା ନିଷ୍ପତି ବିରୋଧରେ




### ଚଣ୍ଡିଖୋଲରେ ପାର୍ଟି କରିବ ବିଶାଳ ପ୍ରତିବାଦ ସଭା

ଆସନ୍ତା ୮ ତାରିଖ ମଙ୍ଗଳବାର ଦିନ ଯାଜପୁର ଜିଲ୍ଲା ଚଣ୍ଡିଖୋଲଠାରେ ଏକ ବିଶାଳ ପ୍ରତିବାଦ ସଭା ଏବଂ ଅର୍ଥନୈତିକ ଅବରୋଧ କରିବାକୁ ଓଜେସି ଘୋଷଣା କରିଛି। ପାର୍ଟି ସଭାପତି ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଦଳର ହଜାର ହଜାର କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତି ହୋଇଛି ବୋଲି ରବିବାର ସାମ୍ବାଦିକ ସମ୍ମିଳନୀରେ ପାର୍ଟିର ମିଡିଆ ସେଲ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ ଶୂଚନା ଦେଇଛନ୍ତି।

ସେ କହିଛନ୍ତି, ଏଭଳି ଏକ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ କଳା କାନୁନ୍ ଯୋଗୁଁ ଓଡ଼ିଶା ଭଳି ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟ ଲକ୍ଷ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଇ କେନ୍ଦ୍ର ପାଖରେ ହାତ ପତାଇବାକୁ ଆଦୌ ଗ୍ରହଣ କରାଯିବ ନାହିଁ। ନୂଆ ଆଇନରେ ଯୋଗ କରାଯାଇଥିବା ଧାରା ୯ ଡି ଦ୍ୱାରା ଓଡ଼ିଶା ତାର ପୁରୁଣା ବକେୟା ରାଶି ଯାହା ଏକ ଲକ୍ଷ କୋଟିରୁ ଅଧିକା, ତାକୁ ହରାଇବା ସହିତ କୌଣସି ପ୍ରକାର ଟ୍ୟାକ୍ସ, ସେସ୍, ରୟାଲଟି ଆଦି ଆଦାୟ କରିପାରିବ ନାହିଁ। ଖଣିଜ ସମ୍ପଦ ଥିବା ଜମି ଉପରେ ରାଜ୍ୟର ଆଜି ପର୍ଯ୍ୟନ୍ତ ଥିବା ବିଶେଷ ଅଧିକାର, ଏହି ଆଇନ ବଳରେ ଗୋଟିଏ ଝଟକାରେ ଶେଷ କରିଦିଆଯାଇଛି। ସୁପ୍ରିମକୋର୍ଟଙ୍କର ୨୦୨୪ ମସିହାରେ ଆସିଥିବା ରାୟ ପରିପ୍ରେକ୍ଷୀରେ ଓଡ଼ିଶା ଭଳି ରାଜ୍ୟ ଗୁଡିକ ସ୍ୱତନ୍ତ ଭାବରେ ଟାକ୍ସ ଆଦାୟ କରିବାର ଅଧିକାର ପାଇବା ସହିତ ପୁରୁଣା ବକେୟା ରାଶିକୁ ୧୨ ବର୍ଷ ଭିତରେ କିସ୍ତି ଆକାରରେ ପାଇଥାନ୍ତେ। କିନ୍ତୁ ପରିତାପର ବିଷୟ ଏଭଳି କଳା ଆଇନ ଦ୍ୱାରା ଏ ସମସ୍ତ ଟ୍ୟାକ୍ସ ଆଦାୟ କରିବାର ଅଧିକାର ରାଜ୍ୟ ଠାରୁ ଛଡାଇ ନିଆଗଲା। କିନ୍ତୁ ରାଜ୍ୟର ୨୦ଜଣ ବିଜେପି ସାଂସଦ ଲୋକସଭାରେ ଏହା ବିରୋଧରେ ପାଟି ଖୋଲିଲେ ନାହିଁ। ଆଗ ମାଟି, ପଛେ ପାର୍ଟିର ନାରା ଦେଉଥିବା ବିଜେପି ଆଜି ମା, ମାଟିର କ୍ଷତି ହେଉଥିବା କଳା କାନୁନ୍ ବିରୋଧରେ ପ୍ରତିବାଦ କଲାନାହିଁ।

ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ବିଜେପିର ତମାମ ନେତାଗଣ ୨୦୦୪ ମସିହାରେ ବିଜେପି-ବିଜେଡ଼ି ମିଳିତ ସରକାରରେ ଓରିସେଡ୍ ଆଇନ୍‌ର ସମର୍ଥନରେ ବିଧାନସଭାରେ ନିଜର ମତବ୍ୟକ୍ତ କରିବା ସହିତ ଆଇନକୁ ପାରିତ କରାଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେହି ସମୟରେ ବିଧାନସଭାରେ ବିଧାୟିକା ଥିବା ବେଳେ ଓଡ଼ିଶାର ଖଣିଜ ସମ୍ପଦ ଉପରେ ଟିକସ ବସାଇବାର ସ୍ୱତନ୍ତ ଅଧିକାର ସପକ୍ଷରେ ମତ ରଖିଥିଲେ ଏବଂ ସମର୍ଥନ କରିଥିଲେ। କିନ୍ତୁ ଆଜି ଉଭୟ ଦେଶର ଓ ରାଜ୍ୟର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିଥିବା ବେଳେ ରାଜ୍ୟର ସାର୍ଥ ପାଇଁ ମୁହଁ ନଖୋଲିବା ଅତ୍ୟନ୍ତ କଷ୍ଟ ଦାୟକ ବୋଲି ପାର୍ଟି କହିଛି।

## ପୁଲିସ କନଷ୍ଟେବଲ ନିଯୁକ୍ତି ପ୍ରକ୍ରିୟା ଖୁବ୍‌ଶୀଘ୍ର

ଭୁବନେଶ୍ୱର, ୬।୯(ସମିସ): ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓୟୁଏସ୍ଏସ୍ଏସ୍ ସି) ପକ୍ଷରୁ ଓଡ଼ିଶା ପୁଲିସରେ କନଷ୍ଟେବଲ ସ୍ତରୀୟ ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବିସ୍ତୃତ ବିଜ୍ଞାପନ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି କମିଶନ ପକ୍ଷରୁ ଏକ ପ୍ରେସ୍ ନୋଟ୍ ଜାରି କରି ସୂଚନା ଦିଆଯାଇଛି। ବିଜ୍ଞାପନରେ ଖାଲି ପଦବୀ ସଂଖ୍ୟା, ଯୋଗ୍ୟତା, ଚୟନ ପ୍ରକ୍ରିୟା ଓ ଅନ୍ୟାନ୍ୟ ନିୟମ ସମ୍ପର୍କରେ ବିସ୍ତୃତ ତଥ୍ୟ ରହିବ ବୋଲି କୁହାଯାଇଛି। ଅପରପକ୍ଷରେ, ପୂର୍ବରୁ ଆବେଦନ ଗ୍ରହଣ କରାଯାଇଥିବା ସିପିଏସ୍ଇ-୨୦୨୪ ବା ପୁଲିସ ଏସ୍ଆଇ ପରୀକ୍ଷା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କମିଶନ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ନେଉଥିବା କୁହାଯାଇଛି। ପରୀକ୍ଷାରେ ଅବ୍ୟବସ୍ଥା ଓ ବିଳମ୍ବକୁ ନେଇ ପ୍ରାର୍ଥୀଙ୍କ ମଧ୍ୟରେ ଥିବା ଆଶଙ୍କାକୁ ଦୂର କରିବା ସହ ପରୀକ୍ଷାକୁ ନିରପେକ୍ଷ, ସ୍ୱଚ୍ଛ ଓ ସୁରକ୍ଷିତ ଭାବେ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ପରୀକ୍ଷା ତାରିଖ ଓ ଅନ୍ୟାନ୍ୟ ନିର୍ଦ୍ଦେଶନାମା ଚୂଡ଼ାନ୍ତ ହେବା ପରେ କମିଶନର ୱେବସାଇଟ୍‌ରେ ପ୍ରକାଶ ପାଇବ।

■ ଗୋମାଂସ କଟା ଚାଲିଥିବା ବେଳେ ପୁଲିସର ଚଢ଼ଉ

## ୨ କ୍ୱିଣ୍ଟାଲ ମାଂସ ଜବତ; ୪ ଗିରଫ

କୁତ୍ରା, ୬।୯, ୬।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧିନସ୍ଥ ଖତକୁରବାହାଲ ଗ୍ରାମରେ ଗୋ-ମାଂସ କଟା ଚାଲିଥିବା ଖବର ପାଇ ରବିବାର ଭୋର୍‌ରୁ କୁତ୍ରା ଥାନା ପୁଲିସ ଚଢ଼ଉ କରିଥିଲା। ୨ କ୍ୱିଣ୍ଟାଲ ଗୋ-ମାଂସ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏମ୍‌ଡି ଅରମାନ (୩୧), ଏମ୍‌ଡି ସଲମାନ (୨୮), ଏମ୍‌ଡି ଅରବାଜ (୨୬) ଓ ଏମ୍‌ଡି ନୁରିସ (୪୬)। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାସ୍ଥଳରୁ ପୁଲିସ ୩ଟି ଚାରିଚକିଆ ଗାଡ଼ି ମଧ୍ୟ ଜବତ କରିଛି। ଜବତ ମାଂସକୁ ପୁଲିସ ପରେ ନଷ୍ଟ କରିଦେଇଥିବା ଜଣାପଡ଼ିଛି।

**FOR SALE**

1 Number of SCV – TATA INTRA V50, Registration No.- OD-01-AZ-3938, Model- 2024, ENGINE NO -15CR12KVXSA9757, CHASSIS NO - MAT535508 RYK39842, For Details, contact - 94375 77758, 8895997418, SUNDARAM FINANCE LTD., First floor,Choudhury Nivas, SAHADEVKHUNTA, BALASORE,756001, PH. NO- 06782- 266657.

**AVAILABLE FOR SALE**

We have 1 nos repossessed Mahindra Tractor for sale : 1. MAHINDRA 415 SP PLUS WITH TRAILER (OD-23 -T-4254) in it's as is where is condition. Contact: Sundaram Finance Limited, Jharsuguda Branch, Mob no : 9437033112

**AFFIDAVIT**

By Virtue Of an Affidavit SL No 2666 dtd. 17.08.2026 the Executive Magistrate Nayagarh, I Rasmita jena, W/o- Santosh kumar jena, At/Po- Notar, Ps- Itamati, Dist- Nayagarh, Declare that I have changed my name Rasmita jena to Rasmi jena. Henceforth I Shall be known as **Rasmi Jena** for all purposes.

**AFFIDAVIT**

I, SNEHAMAYEE NAYAK aged about 44 years, W/O- SUDARSAN NAIK, AT- Mundilo, Po-Badamundilo, Ps- Jagatsinghpur, Dist- Jagatsinghpur- 754114, ODISHA, declared by this Affidavit No.285/2026 Dated.04.09.2026, That now onwards I shall Be Known as **SNEHAMAYEE SWAIN** for all future Purposes.

**ବୈଧ ବୀମା ଓ ପିୟୁସିସି ନଥିଲେ ଇ ଚିହ୍ନଟରେ କଟିବ**

## ଚାଲାଣ ବକେୟା ରହିଲେ ହେବନି ପିୟୁସିସି ପରୀକ୍ଷା

କଟକ,୬।୯(ସମିସ): ରାଜ୍ୟରେ ଟ୍ରାଫିକ୍ ବ୍ୟବସ୍ଥା ଓ ସଡ଼କ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଜାରି କରାଯାଇଛି। ମୋଟରଯାନ ଅଧିନିୟମ, ୧୯୮୮ ଏବଂ କେନ୍ଦ୍ରୀୟ ମୋଟରଯାନ ନିୟମାବଳୀ, ୧୯୮୯ ଅନୁଯାୟୀ ଆସନ୍ତା ସେପ୍ଟେମ୍ବର ୧ ଠାରୁ ଇ ଚିହ୍ନଟ ବ୍ୟବସ୍ଥା ମାଧ୍ୟମରେ କଡ଼ାକଡ଼ି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ସର୍ବସାଧାରଣ ରାସ୍ତାରେ ଯାତାୟାତ କରୁଥିବା ଯାନବାହନଗୁଡ଼ିକର ବୈଧ ଦସ୍ତାବିଜ୍, ବିଶେଷ କରି ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ଏବଂ ବୀମା ରହିବା ବାଧ୍ୟତାମୂଳକ। ଯେଉଁ ଗାଡ଼ିଗୁଡ଼ିକର ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବୈଧ ନଥିବ ସେଗୁଡ଼ିକୁ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ଚିହ୍ନଟ କରାଯାଇ ସ୍ୱୟଂଚାଳିତ ଭାବେ ଇ-ଚାଲାଣ ଜାରି କରାଯିବ। ଯଦି ଚାଲାଣ ବକେୟା ରହିଥିବ ତାହେଲେ ପିୟୁସିସି ପରୀକ୍ଷା ହୋଇପାରିବ ନାହିଁ। କେନ୍ଦ୍ରୀୟ ମୋଟରଯାନ ନିୟମାବଳୀର ନିୟମ ୧୬୭ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ଚାଲାଣ ପୈଠ ନକଲେ, ଉକ୍ତ ଯାନକୁ ବାହାନ ପୋର୍ଟାଲରେ ଭାବେ ଚିହ୍ନିତ କରାଯିବ। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳର ସ୍ପଷ୍ଟୀକରଣ ଅନୁଯାୟୀ, ପିୟୁସିସି ପରୀକ୍ଷାକୁ ମଧ୍ୟ ଏକ ଟ୍ରାଂଜାକ୍ସନ ଭାବେ ଗ୍ରହଣ କରାଯାଇଛି। ଫଳରେ, ଯେଉଁ ଗାଡ଼ିଗୁଡ଼ିକର ଇ ଚାଲାଣ ବକେୟା ରହିବ, ସେମାନେ ବାହାନ ଆଧାରିତ ଆପ୍ଲିକେସନ୍‌ରେ ନୂଆ ପିୟୁସିସି ପରୀକ୍ଷା କିମ୍ବା ନବୀକରଣ କରିପାରିବେ ନାହିଁ ବୋଲି କୁହାଯାଇଛି। ପରିବହନ ଆୟୁକ୍ତ ସମସ୍ତ ଯାନ ମାଲିକ ଓ ବ୍ୟବହାରକାରୀଙ୍କୁ ନିଜ ଗାଡ଼ିର ପିୟୁସିସି,ବୀମା ଏବଂ ବକେୟା ଚାଲାଣର ସ୍ଥିତି ଅଧିକୃତ ସରକାରୀ ପୋର୍ଟାଲ ମାଧ୍ୟମରେ ତୁରନ୍ତ ଯାଞ୍ଚ କରିବାକୁ ଅନୁରୋଧ କରିଛନ୍ତି। ରାସ୍ତାକୁ ଗାଡ଼ି ଆଣିବା ପୂର୍ବରୁ ଆବଶ୍ୟକ କାଗଜପତ୍ର ନବୀକରଣ କରିବା ସହ ଅନୁପାଳନ ସୁନିଶ୍ଚିତ କରିବାକୁ ପରିବହନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦିଲ୍ଲୀରେ ଭୁଶୁଡ଼ିଲା...

କଲେଜ ଛାତ୍ରମାନେ ରହୁଥିଲେ। ଧ୍ୱଂସାବଶେଷ ତଳେ ପ୍ରକୃତରେ କେତେ ଜଣ ଫସିଛନ୍ତି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ୪୦ରୁ ୫୦ ଛାତ୍ର ଫସିରହିଥିବା ଆଶଙ୍କା କରାଯାଉଛି। ଛାତ୍ର ଆବାସର ପଞ୍ଜୀକରଣ ତାଲିକା ଯାଞ୍ଚ ପରେ ଫସିଥିବା ଛାତ୍ରଙ୍କ ସଂଖ୍ୟା ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଅତ୍ୟନ୍ତ ସତର୍କତାର ସହ ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ହଟାଇ ଲୋକଙ୍କୁ ବାହାର କରିବାରେ ଲାଗିଛନ୍ତି। ସତ୍ୟ ନିକେତନ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦକ୍ଷିଣ ପରିସର ନିକଟରେ ଅବସ୍ଥିତ। ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ଛାତ୍ର ରହୁଥିବା ଛାତ୍ରାବାସ ଓ ପିଜି ରହଣି ବ୍ୟବସ୍ଥା ରହିଛି। ସୁରକ୍ଷା ଦୃଷ୍ଟିରୁ ନିକଟସ୍ଥ ଆଉ ଏକ କୋଠାକୁ ଖାଲି କରାଯାଇଛି।। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି।

### ସୁଭଦ୍ରା ଟଙ୍କା...

ଯେତେ କହିଲେ ମଧ୍ୟ ଦିଗମ୍ବର କବାଟ ଖୋଲିନଥିଲେ। ପରେ ଜଗତସିଂହପୁର ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଝରକା ଭାଙ୍ଗି ପୁଷ୍ପାଞ୍ଜଳିଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦିଗମ୍ବରକୁ ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଥିବା ସଦର ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ରକୁ ପୁଲିସ ଜବତ କରିବା ସହିତ ପୁଷ୍ପାଞ୍ଜଳିଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ପରେ ପୁଷ୍ପାଞ୍ଜଳିଙ୍କ ଏକମାତ୍ର ୬ ବର୍ଷର ପୁଅ ଓ ବୃଦ୍ଧା ଶାଶୂ ଶୋକାକୁଳ ପରିବେଶରେ ଘରେ ରହିଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

### ୫୦ ହଜାର ଫୁଟ୍...

ତେବେ ଜ୍ୱାଳାମୁଖୀର ସକ୍ରିୟ ମୁଖଠାରୁ ଅତିକମରେ ୩ କିଲୋମିଟର ଦୂରରେ ରହିବାକୁ ଲୋକଙ୍କୁ ସତର୍କ କରାଯାଇଛି। ପ୍ରଶାସନ ଭସ୍ମପାତ ଅଞ୍ଚଳର ଲୋକଙ୍କୁ ମାସ୍କ ଓ ଚକ୍ଷୁ ସୁରକ୍ଷା ବ୍ୟବହାର କରିବା ସହ ବାହାରକୁ ଯିବା କମାଇବାକୁ ପରାମର୍ଶ ଦେଇଛି। ଆନାକ୍ କ୍ରାକାଟାଓର ପୂର୍ବ ଇତିହାସ ଓ ୨୦୧୮ ର ଭୟାବହ ସୁନାମିକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି।

### ପାଗ ଭିଡ଼ିଲେଣି...

କାର୍ଯ୍ୟକର୍ତ୍ତା ବିଜେଡିର ଅସଲ ଶକ୍ତି । ତେଣୁ ଏହାକୁ ପଞ୍ଚାୟତ ନିର୍ବାଚନରେ ବିଜେଡି ଆୟୁଧ କରିବ । ଅପରପକ୍ଷରେ ନିୟମିତ ବ୍ୟବଧାନରେ ନବୀନ ଦଳ ବରିଷ୍ଠ ନେତାମାନଙ୍କ ସହ ବୈଠକରେ ଆଗାମୀ ଦିନ ପାଇଁ ରଣନୀତି ପ୍ରସ୍ତୁତି ଚଳାଇଥିବାବେଳ ବିଭିନ୍ନ ନିର୍ବାଚନମଣ୍ଡଳୀର ନେତାମାନଙ୍କ ସହ ମଧ୍ୟ ସଂଗଠନ ସମ୍ପର୍କରେ ଆଲୋଚନା କରୁଥିବା ଦେଖାଯାଉଛି । ଦଳର ରାଜ୍ୟସ୍ତରର କମିଟି ଗଠନ ସରିଛି, ଅଗଷ୍ଟ ମାସ ସୁଦ୍ଧା ପଞ୍ଚାୟତ ଓ ପୌର ନିର୍ବାଚନ ସକାଶେ ତୃଣମୂଳସ୍ତରରେ ସାଂଗଠନିକ ପୁନର୍ବିନ୍ୟାସ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି ଓ ଅନେକସ୍ଥାନରେ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେ ।ପ୍ଟେମ୍ବର ଶେଷ ସୁଦ୍ଧା ସବୁ କମିଟି ଗଠନ ପ୍ରକ୍ରିୟା ସମାପ୍ତ ହେବ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ବିଭିନ୍ନ ଜନକେନ୍ଦ୍ରୀକ ସମସ୍ୟା, ସରକାରୀ ଅବ୍ୟବସ୍ଥା ଆଦିକୁ ଦଳ ତୃଣମୂଳସ୍ତରରେ ଶାଣିତ ଭାବେ ଉପସ୍ଥାପନ କରୁଥିବା ବେଳେ ନବୀନ ନିଜେ ଏହାର ନିରୀକ୍ଷଣ କରୁଛନ୍ତି ଓ ୨୦୨୨ ସଫଳତା ଦୋହରାଇବାକୁ ଦଳ ଲକ୍ଷ୍ୟ ରଖିଛି ।

ଅପରପକ୍ଷରେ ୨୦୨୪ ନିର୍ବାଚନରେ ବିଜେପି ପାଇଥିବା ସଫଳତା ଯେ ଅପ୍ରତ୍ୟାଶିତ ବା ଆକସ୍ମିକ ନୁହେଁ; ତାହାକୁ ପ୍ରମାଣ କରିବା ପାଇଁ ବିଜେପି ପାଇଁ ୨୦୨୭ ପଞ୍ଚାୟତ ନିର୍ବାଚନ ଏକ ସୁଯୋଗ ବୋଲି କୁହାଯାଉଛି। ସେଥିପାଇଁ ଦଳ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ଓ ଆଜି ଶେଷ ହୋଇଥିବା କାର୍ଯ୍ୟକାରିଣୀରେ ମଧ୍ୟ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ତେବେ ଏଯାବତ୍ ବିଜେପି ରାଜ୍ୟବ୍ୟାପୀ ତୃଣମୂଳସ୍ତରରେ ନିଜର ଉପସ୍ଥିତି ଜାହିର୍ କରିବାରେ ସଫଳ ହୋଇପାରି ନ ଥିବାରୁ ଆମଦାନୀ ଉପରେ ଦଳ ଅଧିକ ନିର୍ଭର କରିଛି। ଯେନତେନ ପ୍ରକାର ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ଆଖିଦୃଶିଆ ସଫଳତା ହାସଲ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ କଟକରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏଥିପାଇଁ ନେତାମାନଙ୍କୁ ବିଭିନ୍ନ ଟାସ୍କ ଦିଆଯାଇଛି। ଏହା ସହିତ ଦଳର ନେତାମାନଙ୍କୁ ଖୁସି କରିବାକୁ ଖୁବ୍ ଶୀଘ୍ର ନିଗମ ଓ ବୋର୍ଡ଼ଗୁଡ଼ିକରେ ଥଇଥାନ କରାଯିବାକୁ ମଧ୍ୟ ଯୋଜନା ହୋଇଛି। ତେବେ ନୂଆ-ପୁରୁଣା କଳି ସହ ଦଳୀୟ ଅନ୍ତଃକନ୍ଦଳ ଦଳ ପାଇଁ ଚିନ୍ତାର କାରଣ ସାଜିଛି।

ଅପରପକ୍ଷେ ରାଜ୍ୟରେ କ୍ରମାଗତ ଖରାପ ପ୍ରଦର୍ଶନ କରି ଚାଲିଥିବା କଂଗ୍ରେସ ପାଇଁ ଆଗାମୀ ପଞ୍ଚାୟତ ନିର୍ବାଚନ ସବୁଠାରୁ ବେଶୀ ଆହ୍ୱାନପୂର୍ଣ୍ଣ । ଲୋକମାନଙ୍କ ମନରେ ଦଳ ପ୍ରତି ବିଶ୍ୱାସ ସ୍ଥାପନ ଓ ସେମାନଙ୍କର ସମର୍ଥନ ପାଇବା ପାଇଁ ଏକମନ-ଏକପ୍ରାଣ ହୋଇ ଦଳୀୟ ନେତାମାନେ କାର୍ଯ୍ୟ କରିବା କଂଗ୍ରେସ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ପଞ୍ଚାୟତ ଓ ପୌର ସ୍ତରରେ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କର ଅଭାବ ଥିବାବେଳେ ପିସିସି ମୁଖିଆ ଦାୟିତ୍ୱ ନେବା ପରେ ଭକ୍ତଚରଣ ଦାସ ସଂଗଠନ ବୃଦ୍ଧିକୁ ଗୁରୁତ୍ୱ ଦେଉଛନ୍ତି। କଂଗ୍ରେସ ପକ୍ଷରୁ ବ୍ଲକ କମିଟି ଗଠନ ସରିଥିବା ବେଳେ ପ୍ରତି ବୁଥରେ ଯେପରି ୫୦ ଜଣ ସମର୍ଥକ ଦଳର ନେତୃତ୍ୱ ନେବେ ସେଥିପାଇଁ ଭକ୍ତ ଗୁରୁତ୍ୱାରୋପ କରୁଛନ୍ତି। ଗତ ଜୁଲାଇରେ ଦଳର ରାଜ୍ୟ ପ୍ରଭାରୀ ଲାଲ୍‌ଜୀ ଦେଶାଇ ଜିଲ୍ଲା ସଭାପତିଙ୍କ ସହ ବୈଠକ କରି ସଂଗଠନ ଶକ୍ତି ବୃଦ୍ଧି ନେଇ ଆବଶ୍ୟକୀୟ ନିର୍ଦ୍ଦେଶ ମଧ୍ୟ ପ୍ରଦାନ କରିଛନ୍ତି। ତେବେ ଭୋଟର ଏହି ପ୍ରମୁଖ ତିନିଦଳଙ୍କ ଗତିବିଧିକୁ ନିରୀକ୍ଷଣ କରୁଛନ୍ତି। ଭୋଟରଙ୍କ ମୁଡ୍ ଏବେଠାରୁ ପରଖିବା କଷ୍ଟସାଧ୍ୟ ହୋଇଥିବା ବେଳେ ପଞ୍ଚାୟତ ଓ ପୌର ଫଳାଫଳ ରାଜ୍ୟ ରାଜନୀତିକୁ ନିଶ୍ଚିତ ଭାବେ ନୂଆ ମୋଡ଼ ଦେବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

**ଏଫସିଆଇ ଚାଉଳ ନ ଉଠାଇବା ପ୍ରସଙ୍ଗ**

## ସରକାର ଅପାରଗ; ତୁରନ୍ତ ଇସ୍ତଫା ଦିଅନ୍ତୁ ଦୁଇ ମନ୍ତ୍ରୀ

ଭୁବନେଶ୍ୱର,୬।୯(ସମିସ): ଏଫସିଆଇ ରାଜ୍ୟରୁ ଚାଉଳ ଉଠାଉ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ସମବାୟ ମନ୍ତ୍ରୀ ଅଭିଯୋଗ କରିଥିବା ବେଳେ ଏନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ଓଡ଼ିଶାରୁ ଚାଉଳ ନେବାକୁ ଏଫସିଆଇ ମନା କରୁଛି। ତେଣୁ ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ସମବାୟ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦାସ କହିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ମାତ୍ର ରାଜ୍ୟ ଯୋଗାଣ ମନ୍ତ୍ରୀ ଏଫସିଆଇ ଆମ କଥା ଶୁଣୁନି କହିବା ଘୋର ଲଜ୍ଜାଜନକ ବିଷୟ। କେନ୍ଦ୍ରୀୟ ସଂସ୍ଥା ଏଫସିଆଇ ଠିକ୍ ସମୟରେ ଚାଉଳ ନ ଉଠାଇବା ଘଟଣା ନିଶ୍ଚିତଭାବେ ଏକ ଚିନ୍ତାର କାରଣ। ଯଦି ଚାଷୀଙ୍କଠାରୁ ଧାନ କିଣାଯିବା ପରେ ନିର୍ଦ୍ଧାରିତ ସମୟରେ ଚାଉଳ ଯଦି ନ ଉଠିପାରିବ ଏବଂ ଏନେଇ ଯେଉଁ କ୍ଷତି ହେବ ବା ହେଉଛି, ଏଥିପାଇଁ ରାଜ୍ୟ ସରକାର ହିଁ ଦାୟୀ। ତେଣୁ ସ୍ୱତଃଭାବେ ବିଭାଗୀୟ

■ ରାଜ୍ୟ ଯୋଗାଣ ମନ୍ତ୍ରୀ ଓ ସମବାୟ ମନ୍ତ୍ରୀଙ୍କ ବକ୍ତବ୍ୟ ଲଜ୍ଜାର ବିଷୟ

■ ଓଡ଼ିଶାକୁ କେନ୍ଦ୍ରର ବୈମାତୃକ ମନୋଭାବ ୨ ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ

ମନ୍ତ୍ରୀ ଇସ୍ତଫା ଦେଇ ଦିଅନ୍ତୁ। ଚାଉଳ ଉଠାଣ ନ ହେଲେ ଧାନ ସଂଗ୍ରହ ଓ ମିଲିଂ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡ଼ିବ ବୋଲି କଂଗ୍ରେସ ସଭାପତି କହିଛନ୍ତି।

ଶ୍ରୀ ଦାସ କହିଛନ୍ତି, ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ଯଦି ଆ।ମ ରାଜ୍ୟର ମନ୍ତ୍ରୀମାନଙ୍କ ଉତ୍ତର ଏଭଳି ରହିବ, ତା'ହେଲେ ଓଡ଼ିଶାର ଲୋକେ କାହା ଉପରେ ଭରସା କରିବେ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମ ରାଜ୍ୟର ଡବଲ ଇଞ୍ଜିନ ସରକାରରେ ଥିବା ମନ୍ତ୍ରୀମାନଙ୍କର କେନ୍ଦ୍ର ସରକାରଙ୍କ ଉପରେ ଭରସା ନାହିଁ। ଏଥିରୁ ଏହା ସ୍ପଷ୍ଟ ପ୍ରମାଣ ମିଳୁଛି ଯେ କେନ୍ଦ୍ର ସରକାର ଓଡ଼ିଶାକୁ କିଭଳି ଭାବେ ଅଣଦେଖା କରୁଛନ୍ତି। ନିର୍ବାଚନବେଳେ ଚାଷୀଙ୍କର ଉନ୍ନତି କଥା କହି ତଥା ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ପାଇଁ ପ୍ରତିଶ୍ରୁତି ଦେଇ ବିଜେପି ସରକାର ଗଠନ କଲା। ଏବେ ଆମ ରାଜ୍ୟର ଚାଷୀମାନଙ୍କୁ ଧୋକା କାହିଁକି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଏଫସିଆଇର ଏଭଳି ବୈମାତୃକ ମନୋଭାବ କାରଣରୁ ଆମ ଓଡ଼ିଶା ବିଶେଷଭାବେ କ୍ଷତିଗ୍ରସ୍ତ ହେବ ବୋଲି ଶ୍ରୀ ଦାସ ଚେତେଇ ଦେଇଛନ୍ତି।

## ଜୀବନ ଦେଇ ୨ କୁନି ଝିଅଙ୍କୁ ବଞ୍ଚାଇଲେ ମହିଳା

ଖୋର୍ଦ୍ଧା, ୬।୯ (ସମିସ): ବୋଲଗଡ଼ ବ୍ଲକ ଡାବରଧୁଆ ପଞ୍ଚାୟତ କପାସିଆ ଗ୍ରାମରେ ଆଜି ଏକ ଅଘଟଣ ଘଟିଯାଇଛି। ୨ ଜଣ କୁନି ଝିଅଙ୍କୁ ପାଣିରୁ ବଞ୍ଚାଇବାକୁ ଯାଇ ଜଣେ ମହିଳା ନିଜର



ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, କପାସିଆ ଗ୍ରାମର ମଠ ପୋଖରୀକୁ ଗାଧୋଇବାକୁ ଯାଇ ୨ ଛୋଟ ଝିଅ ହଠାତ୍ ପୋଖରୀର ଗଭୀର ପାଣିକୁ ଖସିପଡ଼ିଥିଲେ। ଉଭୟଙ୍କୁ ପହଁରା ଆସିନଥିବାରୁ ସେମାନେ ବୁଡ଼ିଯାଉଥିବା ଦେଖି, ତାଙ୍କ ସହ ଯାଇଥିବା ସସ୍ମିତା ବରାଡ଼ (୪୦) ନିଜ ଜୀବନକୁ ବାଜି ଲଗାଇ ପିଲା ଦୁଇଟିକୁ କୌଣସି ପ୍ରକାରେ ଉଦ୍ଧାର କରିଥିଲେ। ମାତ୍ର ସସ୍ମିତା ନିଜେ ପୋଖରୀ ଗଭୀର ପାଣିରେ ବୁଡ଼ିଯାଇଥିଲେ। ପିଲାମାନଙ୍କ ଚିତ୍କାର ଶୁଣି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସସ୍ମିତାଙ୍କୁ ଖୋଜି ପାଇନଥିଲେ। ପରେ ବୋଲଗଡ଼ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୋଲଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୋରଧା ଠାରେ ଶବ ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ସସ୍ମିତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି ତାଙ୍କ ପରିବାର ଲୋକେ। ମୃତା ସସ୍ମିତା ଅବିବାହିତା ଥିଲେ। ଏହି ଅଭାବନୀୟ ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସସ୍ମିତାଙ୍କ ଏହି ମହାନ ବଳିଦାନ ପାଇଁ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ଏନେଇ ବୋଲଗଡ଼ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

Email: eeplbrb@gmail.com | Tel: 06842-253212

**OFFICE OF THE SUPERINTENDING ENGINEER**
**PHULBANI (R&B) DIVISION, PHULBANI**
34001/753/2627

No. 5159 / | Dated: 29.08.2026

***TENDER CANCELLATION NOTICE***

It is hereby notified for the information of all concerned that the e-Procurement Tender invited vide this Office NIT Letter No. 4019 dated 25.06.2026 under Bid Identification No. SE-R&B-PLB-03/2026-27 (Sl. No. 1) and Tender ID: 2026_EICCL_133886_1 for the work "Construction of Mission Shakti Bhawan at Phulbani providing Compound wall" is hereby **cancelled**.

The tender is cancelled in strict compliance with the Government of Odisha, Works Department Office Memorandum No. 16/W dated 01.01.2015 and the directives laid down by the Hon'ble High Court of Orissa in W.P.(C) No. 22315 of 2016. Upon technical evaluation of the 4 (Four) bids received, 3 (Three) bidders were declared disqualified for non-compliance with DTCN requirements, leaving only 1 (One) bidder as technically responsive. As this constitutes a **"Single Responsive Tender"** on the first call, it is mandated to be cancelled to ensure competitive price bidding.

Accordingly, a fresh tender for the said work will be invited separately in due course.

**Superintending Engineer**
**Phulbani (R&B) Division**

OIPR-34001/34066/1/26-27/0008

19001/243/2627 | E-mail ID: ori-agalpur@nic.in

**GOVERNMENT OF ODISHA**
**OFFICE OF THE PANCHAYAT SAMITI, AGALPUR,**
**AT: DUDUKA, DIST. BALANGIR**
**"e"-Procurement Notice**
**Bid Identification No-PS-AGLP-03 OF 2026-27.**

Letter No. **2025** / | Date 03.09.2026

| | | | |
|---|---|---|---|
| 1. | The Block Development Officer, Agalpur on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of **Installation Works of Manufacturing Unit** as detailed in DTCN. | | |
| 2. | Nature of Works | : | **Installation of Ice Cream Manufacturing Unit at Duduka, Agalpur** |
| 3. | No. of works. | : | 01 (One) Nos |
| 4. | Tender Paper Cost | : | Rs 6,000/- |
| 6. | Availability of bid document in the website | : | From 10:00 A.M. Date-: 07.09.2026 to 05:00 P.M Date-17.09.2026 |
| 7. | Date of opening of Bid | : | 11:00 A.M. On Dt 22.09.2026 |
| 8. | The bidders have to participate in ON-LINE bidding only. Further details can be seen from the website (https://balangir.odisha.gov.in). Any addendum /corrigendum / cancellation of tender can also be seen in the said website only. | | |

**Block Development Officer,**
**Agalpur(Duduka)**

OIPR-19001/19300/1/26-27/0003

**OFFICE OF THE MUNICIPAL COUNCIL: RAYAGADA**
**DIST-RAYAGADA**
**PIN CODE-765001, ODISHA**
**E-mail ID - raygadam.hud@od.gov.in**

13001/1767/2627

*Letter No.* 4329 | *Date:* 02.09.2026

Sealed quotations are invited from the intending Suppliers/Firms/Steel fabricators having its workshop with valid GST and PAN to supply Push Cart to the office of the Rayagada Municipality for the F/Y 2026-27. The Bidder shall submit the application along with financial proposal on or before 11.09.2026 till 1:00 PM by hand/post/courier.

All the Quotations shall be opened on 11.09.2026 at 4:00 PM in presence of bidder or their authorized representatives. The bidder is required to quote their rates Exclusive of all taxes (GST) and transportations. This office is not responsible for absence of any quotationers/bidder during opening of the quotations. The authority reserves the right to reject any or all quotations without assigning any reason thereof.

The applicant should deposit refundable EMD amounting to Rs. 2000/- through Demand draft in favour of Executive Officer, Rayagada Municipality and deposit an amount of Rs. 1,000/- towards non-refundable Tender paper cost in shape of DD/Office Money Receipt/ account Payee Cheque with Prescribed format Annexure I and II.

| Items | Component | Unit/capacity (min.req) |
|---|---|---|
| **Push Cart** | Height | 2 Feet |
| | Width | 2 Feet |
| | Length | 2 Feet |
| | Handle | 15 Inch |
| | Wheel & Accessories | 2 Pcs, Hub - 2 Pcs - Bearing 2 Pcs, Wheel size – 25 Inch |
| | Plate | GI Steel 16gz |

**Executive Officer**
**Rayagada Municipality**

OIPR-13001/13150/1/26-27/0016

13001/1770/2627

**OFFICE OF THE**
**NOTIFIED AREA COUNCIL, DHARAMGARH.**
**(Dt.)-KALAHANDI.**

No. 2220 /DMH | Dated. 02.09.2026

**Tender Call Notice**

| | | |
|---|---|---|
| Name of the work | : | Supply of Manpower Towards Privatization of Sanitation Work in all Wards of Dharamgarh NAC, Kalahandi. |
| No of works | : | 01 No |
| Tender notice no. & Date | : | 2215/DMH, Dt.02.09.2026 |
| Agency | : | As per eligibility |
| Period of Tender | : | 3 Months |
| Available of Documents | : | Dt.03.09.2026 to Dt.22.09.2026 (In Office Hours) at NAC Office Dharamgarh |
| Tender paper Cost | : | Rs.10,000.00 |
| EMD | : | @ 1% of the Estimated Cost |
| Last date of receipt of bid documents | : | Upto 1:00 PM of Dt.22.09.2026 |
| Date of opening of Bid | : | 03:00 PM of Dt.22.09.2026 |
| Name and address of the Officer inviting the notice | : | Executive Officer, NAC, Dharamgarh, Kalahandi |

**Executive Officer,**
**NAC, Dharamgarh**

OIPR-13001/13163/1/26-27/0014

ସକାଳ THE SAKALA

www.sakalaepaper.com

# ଖାଦ୍ୟ ସୁରକ୍ଷା ବିଭାଗ ଚଢ଼ଉକୁ ନେଇ ଉଠିଲା ପ୍ରଶ୍ନ

କାମାକ୍ଷାନଗର, ୬।୯ (ସମିସ)

ଖାଦ୍ୟର ମାନ ଓ ସୁରକ୍ଷା ଯାଞ୍ଚ କରିବା ଉଦ୍ଦେଶ୍ୟରେ କାମାକ୍ଷାନଗର ସହରର ବିଭିନ୍ନ ହୋଟେଲ ଓ ଢାବାରେ ଖାଦ୍ୟ ସୁରକ୍ଷା ବିଭାଗ ଓ ଯୋଗାଣ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ କରାଯାଇଛି। ଢେଙ୍କାନାଳ ଖାଦ୍ୟ ସୁରକ୍ଷା ଟିମ୍ ସହ କାମାକ୍ଷାନଗର ଯୋଗାଣ ବିଭାଗ ଅଧିକାରୀ ଏହି ଅଭିଯାନରେ ସାମିଲ ହୋଇଥିଲେ। ତେବେ ଯାଞ୍ଚ ସମୟ ଓ ପ୍ରକ୍ରିୟାକୁ ନେଇ ସାଧାରଣରେ ବିଭିନ୍ନ ଆଲୋଚନା ହେଉଛି। ଯାଞ୍ଚ ସମୟରେ କେତେକ ସ୍ଥାନରେ ଟିମ୍ ତୁଳନାତ୍ମକ ଭାବେ ଅଧିକ ସମୟ ରହିଥିବା ବେଳେ ଆଉ କେତେକ ସ୍ଥାନରେ ଅଳ୍ପ ସମୟରେ ଯାଞ୍ଚ ଶେଷ



- କେଉଁଠି ଦୀର୍ଘ ସମୟ, କେଉଁଠି ଅଳ୍ପ ସମୟରେ ସରିଲା ଯାଞ୍ଚ
- ନମୁନା ସଂଗ୍ରହ ଓ ପଦକ୍ଷେପ ନେଇ ସ୍ପଷ୍ଟ କରୁନାହାନ୍ତି ଅଧିକାରୀ

କରିଥିବା କେତେକ ବ୍ୟକ୍ତି ପ୍ରକାଶ କରିଛନ୍ତି। କେତେକ ସ୍ଥାନରେ ଯାଞ୍ଚ ପ୍ରାୟ ଦୁଇ ମିନିଟ୍ ମଧ୍ୟରେ ସରିଥିବା ମଧ୍ୟ ଆଲୋଚନା ହେଉଛି। ତେବେ ପ୍ରତ୍ୟେକ ସ୍ଥାନରେ ଯାଞ୍ଚର ସମୟ ଭିନ୍ନ ହେବାର କାରଣ କ'ଣ ଥିଲା ଏବଂ କେଉଁ କେଉଁ ମାନଦଣ୍ଡ ଆଧାରରେ ଯାଞ୍ଚ କରାଗଲା, ସେ ନେଇ ସ୍ପଷ୍ଟୀକରଣ ମିଳିନାହିଁ। ଏହାସହ ଯାଞ୍ଚ ସମୟରେ ଖାଦ୍ୟର ନମୁନା ସଂଗ୍ରହ କରାଯାଇଥିଲା କି ନାହିଁ, କେତୋଟି ସ୍ଥାନରୁ ନମୁନା ନିଆଯାଇଛି ଏବଂ ସେଗୁଡ଼ିକ ପରୀକ୍ଷା ପାଇଁ ପଠାଯାଇଛି କି ନାହିଁ, ତାହା ମଧ୍ୟ ଜାଣିବାକୁ ସାଧାରଣରେ ଆଗ୍ରହ ରହିଛି। ଯଦି ଯାଞ୍ଚ ବେଳେ କୌଣସି ଅନିୟମିତତା ଚିହ୍ନଟ ହୋଇଥାଏ, ତେବେ ସମ୍ପୃକ୍ତ ସଂସ୍ଥା ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ମଧ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯିବା ଆବଶ୍ୟକ। ଖାଦ୍ୟ ସୁରକ୍ଷା ଯାଞ୍ଚ ଏକ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ପ୍ରସଙ୍ଗ ହୋଇଥିବାରୁ ଏଭଳି ଯାଞ୍ଚ ଅଭିଯାନ ନିୟମିତ ହେବା ଆବଶ୍ୟକ। ତେବେ ଯାଞ୍ଚର ଫଳାଫଳ ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିଲେ ଲୋକେ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି। କେବଳ ଲୋକଦେଖାଣିଆ ଯାଞ୍ଚ ହେଲେ ଅନେକ ଜୀବନ ବିପନ୍ନ ହେବା ଆଶଙ୍କା ସୃଷ୍ଟି ହୋଇଛି।

## ଜ୍ୱାଇଁକୁ ହାଣିଦେଲେ ଶଶୁର

- ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

କାମାକ୍ଷାନଗର, ୬।୯ (ସମିସ): କାମାକ୍ଷାନଗର ଥାନା ଜନ୍ତାରିବୋଲ ଗ୍ରାମରେ ଜ୍ୱାଇଁକୁ ହାଣିଦେଲେ ଶଶୁର। ଗୁରୁତର ଅବସ୍ଥାରେ ପାଲଲହଡ଼ା ଅଞ୍ଚଳର ଜ୍ୱାଇଁ ଅଜୁ ବାନରାଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଶନିବାର ଅଜୁ ନିଜ ଶଶୁର ଘର ଜନ୍ତାରିବୋଲ ଆସିଥିଲେ। କୌଣସି କାରଣକୁ ନେଇ



ରବିବାର ଅଜୁ ଓ ତାଙ୍କ ଶଶୁରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶଶୁର ଏକ ମାଂସକଟା ଅସ୍ତ୍ରରେ ଅଜୁଙ୍କ ବେକକୁ ହାଣିଦେଇଥିଲେ। ଏଥିରେ ଅଜୁଙ୍କ ବେକର ଅର୍ଦ୍ଧାଧିକ ଅଂଶ ଝୁଲିପଡ଼ି ମାଂସ ଛିଣ୍ଡିଯାଇଛି। ତେବେ ଆକ୍ରମଣର କାରଣ ଜଣାପଡ଼ିନାହିଁ।

## ପାଇପ ବିଛା କାର୍ଯ୍ୟ ଅଧପନ୍ତରିଆକୁ ନେଇ ଅସନ୍ତୋଷ

ଢେଙ୍କାନାଳ, ୬।୯ (ସମିସ): ପାନୀୟ ଜଳ ଯୋଗାଣ ନିମନ୍ତେ ଠିକାଦାରମାନେ ବିଭିନ୍ନ ସ୍ଥାନରେ ରାସ୍ତାଗୁଡ଼ିକ କାଟି ପାଇପ୍ ବିଛାଇବା କାର୍ଯ୍ୟ ଜାରି ରଖିଛନ୍ତି। ତେବେ ପାଇପଗୁଡ଼ିକ ବିଭିନ୍ନ ଜାଗାରେ ଫାଟିଯାଇଛି। ଏହାକୁ ମରାମତି କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିଭଳି କଟାଯାଇଥିବା ରାସ୍ତାଗୁଡ଼ିକ ମରାମତି କରୁ ନ ଥିବା ଯୋଗୁଁ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥଳେ ପୂର୍ତ୍ତ ଓ ପଞ୍ଚାୟତିରାଜ ବିଭାଗ ଅଧିକାରୀମାନେ ଏ ଦିଗରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିକେଏମ୍‌ୟୁ ଜିଲ୍ଲା ପରିଷଦର ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

## ଭାଗବତଜୀଉଙ୍କ ନନ୍ଦ ଉତ୍ସବ ଓ ନଗର ପରିକ୍ରମା



ଢେଙ୍କାନାଳ, ୬।୯ (ସମିସ): ସ୍ଥାନୀୟ ରଗଡ଼ିସାହିସ୍ଥିତ ଶ୍ରୀ ଶ୍ରୀ ଭଗବତଜୀଉଙ୍କ ନନ୍ଦ ଉତ୍ସବ ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଛି। ନନ୍ଦରାଜା ବେଶରେ ଦେବେନ୍ଦ୍ର ରାଉଳ, ନନ୍ଦରାଣୀ ସତ୍ୟଜିତ୍ ଦଳେଇ, କୃଷ୍ଣ ବେଶରେ ରାଜେଶ ଜେନା, ବଳରାମ ବେଶରେ ହାପି ବାରିକ, ସୁଦାମା ବେଶରେ ଜଗା ପ୍ରମୁଖ ସଜ୍ଜିତ ହୋଇ ସହର ପରିକ୍ରମା କରିବା ପରେ ପୀଠରେ ଦଧିହାଣ୍ଡି ଭଙ୍ଗାଯାଇଥିଲା। ପୂଜକ ଜଗନ୍ନାଥ ତ୍ରିପାଠୀ ନୀତିକାନ୍ତି ସମ୍ପନ୍ନ କରିଥିଲେ। ସଭାପତି ଗୋପୀନାଥ ବାରିକ, ଉପସଭାପତି କଇଁ ମାହୁନ୍ତ, ସମ୍ପାଦକ ପିନୁ ଦଳେଇ, ସଦସ୍ୟ ସତ୍ୟ, ଗୁଡ୍ଡୁ, ବିଜୁ, ଶିବୁ, ଶୁଭମ୍, ସିଟୁ, କାଳିଆ, ରାଜୁ, ସୋନୁ, ଜ୍ଞାନ ଓ ଚିଟୁଆ ପ୍ରମୁଖଙ୍କ ସହିତ ସାହିବାସିନ୍ଦା ସହଯୋଗ କରିଥିଲେ।

## ଡିଏଭି ଗୁରୁକୁଳରେ ନନ୍ଦ ଉତ୍ସବ



ଗଁଦିଆ, ୬।୯ (ସମିସ): ଗଁଦିଆ ବ୍ଲକ ମନ୍ଦାର ପଞ୍ଚାୟତ ଚିତଲପୁର ଗ୍ରାମସ୍ଥିତ ଡିଏଭି ଗୁରୁକୁଳର ଚତୁର୍ଥ ବାର୍ଷିକ ନନ୍ଦୋତ୍ସବ ଅନୁଷ୍ଠାନର ସଭାପତି ସୌମ୍ୟପ୍ରକାଶ ନନ୍ଦ ଓ ଅଧ୍ୟକ୍ଷା ସୁପ୍ରିୟା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ରାଜ୍ୟ, ପ୍ରକୃତିବନ୍ଧୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ ପ୍ରଧାନଶିକ୍ଷକ ହରିହର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସାମନ୍ତ, ପ୍ରାକ୍ତନ ସରପଞ୍ଚ ଦିଲୀପ କୁମାର ସାହୁ, ସମାଜସେବୀ ଆର୍ତ୍ତବନ୍ଧୁ ବେହେରା ଯୋଗଦେଇଥିଲେ। ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଶତାଧିକ ଛାତ୍ରଛାତ୍ରୀ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷା ରଥ ପ୍ରକାଶ କରିଛନ୍ତି। ଶିକ୍ଷୟିତ୍ରୀ ମିନତି ସାହୁ, ପୂର୍ଣ୍ଣିମା ମଲ୍ଲିକ, ମୀରା ମଲ୍ଲିକ, ଶ୍ରାବଣୀ ଦଳେଇ, ଶୁଭଲକ୍ଷ୍ମୀ ବାରିକ, ସୋମ ବିନ୍ଧାଣି ସହଯୋଗ କରିଥିଲେ।

## ବିଜେଡି ଏସସି ସେଲ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଭୁବନ, ୬।୯ (ସମିସ): ଭୁବନ ଏନ୍ଏସି ଅନ୍ତର୍ଗତ ବିଷ୍ଣୁପ୍ରିୟା ଗାଲାକ୍ସି କନଫରେନ୍ସ ହଲରେ ରାଜ୍ୟ ବିଜେଡିର ନବନିଯୁକ୍ତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଭାପତି ପୂର୍ବତନ ସାଂସଦ ମହେଶ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନ ନଗର ବିଜେଡି ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ସାଂସଦ ସାହୁ କହିଥିଲେ ଯେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଦଳୀୟ କର୍ମକର୍ତ୍ତାଙ୍କୁ ସାଥୀରେ ନେଇ ଏସସି ସେଲର ସଂଗଠନକୁ ଅଧିକ ସୁଦୃଢ଼ କରାଯିବ। ଦଳିତ, ନିଷ୍ପେସିତ ଓ ଅବହେଳିତଙ୍କ ଉନ୍ନତି ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ମୂଳଲକ୍ଷ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ନଗର ସଭାନେତ୍ରୀ ତଥା ଉପାଧ୍ୟକ୍ଷା ମାନିନୀ ସାହୁ ଯୋଗଦେଇଥିଲେ। ଏହି ଅବସରରେ ଭୁବନ ଏନ୍ଏସି ଓ ବ୍ଲକରେ ନୂତନ ଭାବେ ନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ



ନେତା ସୁଧାକର ସାହୁ, ଅଜୟ ସେଠୀ, ଅଭିମନ୍ୟୁ ମିଶ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି ଅବସରରେ ବିଜେପିର ଦୃଢ଼ ସଂଗଠକ ଦୀପନ ପୃଷ୍ଟି ବିଜେଡିରେ ସାମିଲ ହୋଇଥିଲେ।

## ଭୁବନ ଜଗନ୍ନାଥ ମନ୍ଦିରରେ ଶାଳଗ୍ରାମ ସ୍ଥାପନ

ଭୁବନ, ୬।୯ (ସମିସ): ଭୁବନ ଜଗନ୍ନାଥ ମନ୍ଦିରରେ ଶନିବାର ଦୁର୍ଲଭ ଶାଳଗ୍ରାମ ସ୍ଥାପନ କରାଯାଇଛି। ଶାଳଗ୍ରାମ ଦର୍ଶନ ନିମନ୍ତେ ମା' କାଳୁଣୀ ଦେବୀ ମନ୍ଦିର ନିକଟରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ



ସମାବେଶ ହୋଇଥିଲା। ମଧ୍ୟାହ୍ନରେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଉପଦେଷ୍ଟା ପଣ୍ଡିତ ମାତୃପ୍ରସାଦ ମିଶ୍ର ଓ ବ୍ରହ୍ମପୁର ସହର ବାସିନ୍ଦା ଗୋପାଳ ରାଓ ବ୍ରହ୍ମପୁର ଚନ୍ଦ୍ରଚୂଡ଼େଶ୍ୱର ମନ୍ଦିରରୁ ଶାଳଗ୍ରାମଙ୍କୁ ସୁସଜ୍ଜିତ ଗାଡ଼ିରେ ଆଣି ପହଞ୍ଚିବା ପରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ଦେଇ ସ୍ୱାଗତ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀ ଓ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ବିରାଟ ଶୋଭାଯାତ୍ରାରେ ଶାଳଗ୍ରାମଙ୍କୁ ସହର ପରିକ୍ରମା କରାଯାଇ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା। ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ତୁଷାରକାନ୍ତି ମିଶ୍ରଙ୍କ ସମେତ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ, ଶ୍ରୀଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ସମ୍ପାଦକ ନିରଞ୍ଜନ ଗୁରୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ହନୁମାନ ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରଭାକର ସାହୁ, ବୁଦ୍ଧେଶ୍ୱର ମନ୍ଦିର ପରିଚାଳନା କମିଟି ସଦସ୍ୟ ସୁରେଶ ସାହୁ, ସମୀର କୁମାର ସାହୁ, ଭୁବନ ନଗର ସଭାପତି ମନୋଜ କୁମାର ସାହୁ, ଦଶହରା ବଳଦ ଯାତ୍ରା କମିଟି ମୁଖ୍ୟ ଅଧ୍ୟାପକ ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୁରଙ୍ଗନା କଳା ନିକେତନର ସାଂସ୍କୃତିକ ମହୋତ୍ସବ ଉଦଯାପିତ





ଢେଙ୍କାନାଳ, ୬।୯ (ସମିସ): ସ୍ଥାନୀୟ ଅଭିନନ୍ଦନ ଗାର୍ଡେନ ପରିସରରେ ସୁରଙ୍ଗନା କଳା ନିକେତନର ପ୍ରତିଭାର ବର୍ଷା, ଶ୍ରାବଣ ସୃଜନୀ, ପ୍ରତିଭା ଅନୁପମ ସମ୍ମାନ ଓ ବର୍ଣ୍ଣାଢ୍ୟ ତୃତୀୟ ବାର୍ଷିକ ସାଂସ୍କୃତିକ ମହୋତ୍ସବ ସଭାପତି ନିରଞ୍ଜନ ଶତପଥୀଙ୍କ ତତ୍ତ୍ୱାବଧାନରେ ଆଶୁତୋଷ ପାଢ଼ୀଙ୍କ ସଂଯୋଜନାରେ ଉଦଯାପିତ ହୋଇଛି। ଉପଜିଲ୍ଲାପାଳ ପଦ୍ମଚରଣ ସହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଓଡ଼ିଶା ସଂସ୍କୃତି ପ୍ରତି ଆଗ୍ରହ ଓ କଳା ପ୍ରତି ଭଲପାଇବା ସାଙ୍ଗକୁ ଶିକ୍ଷାର ସମନ୍ୱୟକୁ ପ୍ରଶଂସା କରିଥିଲେ। କୋଲକାତାରୁ ଆସିଥିବା ନୃତ୍ୟଶିଳ୍ପୀ ସମାଲି ରୟ, ଅତନୁ ଦାସ ଓ କୌଶିକ ସଙ୍କୁ ସ୍ୱାଗତ କରିଥଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମାକୁମାରୀ ଉଷା ଦିଦି ଯୋଗଦେଇ ପିଲାଙ୍କ ମାତାପିତାଙ୍କୁ ଧନ୍ୟବାଦ ଦେଇ ସେମାନଙ୍କ କଳା, ସୃଜନାତ୍ମକ ବିକାଶ ଦିଗରେ ସହଯୋଗକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର, ସଭାପତି ନିରଞ୍ଜନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଜ୍ଞାପ୍ରିୟା ନନ୍ଦ ଓ ଜିତେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଆଶୁତୋଷ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ବେଣୁଧର ବେହେରା, ଅଜୟ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ବସ୍ ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ୫୦ ଯାତ୍ରୀ

ଢେଙ୍କାନାଳ, ୬।୯ (ସମିସ): ୫୫ନଂ ଜାତୀୟ ରାଜପଥର ସହର ଉପକଣ୍ଠ ହରିପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏଥିରେ ଯାତ୍ରା କରୁଥିବା



୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। 'ପୂଜା' ନାମକ ଏହି ଘରୋଇ ବସ ରବିବାର ଭୋର ସମୟରେ ତେଲକୋଇରୁ ଭୁବନେଶ୍ୱର ଯାଉଥିଲା। ହରିପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଭାରସାମ୍ୟ ହରାଇ ରାଜପଥ ତଳକୁ ଖସିଯାଇଥିଲା। ଦୁର୍ଘଟଣାରେ ବସ କଣ୍ଡକ୍ଟର ଆହତ ହୋଇଥବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଦୁର୍ଘଟଣାଗ୍ରସ୍ତ ବସ୍ ମଧ୍ୟରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲା।

## ମହିଳା ସ୍ୱାସ୍ଥ୍ୟ ଓ ପୋଷଣ କାର୍ଯ୍ୟକ୍ରମ

ଢେଙ୍କାନାଳ, ୬।୯ (ସମିସ): ମହିମା ମହାବିଦ୍ୟାଳୟ ଶକ୍ତିଶ୍ରୀ ସଶକ୍ତ ପ୍ରକୋଷ୍ଠ ଆନୁକୂଲ୍ୟରେ ମହିଳା ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରି ମହିଳା ସ୍ୱାସ୍ଥ୍ୟ ସଚେତନତା, ପୋଷଣ ଏବଂ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଧାର ବ୍ୟକ୍ତି ଭାବେ ଯୋଗଦେଇ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଜିତେନ୍ଦ୍ରୀୟ



ଶତପଥୀ ଜନ୍ମରୁ ଆରମ୍ଭକରି ବିଭିନ୍ନ ସୋପାନରେ ହେଉଥିବା ଶାରୀରିକ ପରିବର୍ତ୍ତନ ବିଶେଷ କରି ମହିଳାଙ୍କ କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ଶାରୀରିକ ସମସ୍ୟା ଏବଂ ଏଥି ନିମିତ୍ତ ଆବଶ୍ୟକ ପୋଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ଡ. ଶକୁନ୍ତଳା ଭୂୟାଁ ସ୍ୱାଗତ ଭାଷଣ ଦେବା ସହିତ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## କୁଞ୍ଜକାନ୍ତଜୀଉଙ୍କ ନନ୍ଦୋତ୍ସବ ପାଳିତ

ଢେଙ୍କାନାଳ, ୬।୯ (ସମିସ): ସ୍ଥାନୀୟ କୁଞ୍ଜକାନ୍ତସ୍ଥିତ ଶ୍ରୀକୁଞ୍ଜକାନ୍ତଜୀଉଙ୍କ ନନ୍ଦୋତ୍ସବ ପାଳିତ ହୋଇଛି। ରାଜା କାମାକ୍ଷାପ୍ରସାଦ ସିଂହଦେଓ, ରାଣୀ ସାବିତ୍ରୀ ଦେବୀ ଓ ଯୁବରାଜ ଅମରଜ୍ୟୋତି ସିଂହଦେଓ ଯୋଗଦେଇ ଶ୍ରୀଜୀଉଙ୍କ ମଧ୍ୟାହ୍ନ ଆଳତି କରିଥିଲେ। କୃଷ୍ଣଜନ୍ମ



ଆନନ୍ଦରେ ନନ୍ଦରାଜା ବିଭିନ୍ନ ଖାଦ୍ୟ ସାମଗ୍ରୀର ଷଡ଼ରସରେ ପ୍ରଜାମାନଙ୍କୁ ଆପ୍ୟାୟିତ କରିଥିଲେ। ଏଥିରେ ଅନ୍ନ, ଖେଚୁଡ଼ି, ଖିରି, ଭେଣ୍ଡି ଆମ୍ବୁଲ ଖଟା, ପୁଳି, ଘାଣ୍ଟ ତରକାରି, ଡାଲି, ବଡ଼ି କୋଶଳା ଶାଗ, ଆଳୁ ପୋଟଳ ରସା, ଦହି ପାଚେଡ଼ି ଓ ବିଭିନ୍ନ ପରିବାର ଭଜା ଆଦି ପରିବେଷଣ କରାଯାଇଥିଲା। ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ଉପସଭାପତି ସୁନୀଲ ଦାସ, ସଭ୍ୟ ପରେଶ ମିଶ୍ର, ପ୍ରେମଶଙ୍କର ମିଶ୍ର, ମନୋରଞ୍ଜନ ମିଶ୍ର, ପ୍ରଶାନ୍ତ ସାମଲ, ଜିଲ୍ଲା ଓକିଲ ସଂଘ ଉପସଭାପତି ଦ୍ୱିତୀକୃଷ୍ଣ ବରାଳ, ସମ୍ପାଦକ ଟଙ୍କଧର ବେହେରା, ରାଜକୁମାର ହର୍ଷବର୍ଦ୍ଧନ ସିଂହଦେଓ, ରଣେନ୍ଦ୍ର ପ୍ରତାପ ସିଂହଦେଓ ଓ ଜିତୁ ସିଂହଦେଓ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

- ହାତୀ-ମଣିଷ ସଂଘର୍ଷ ରୋକିବାକୁ ପ୍ରୟାସ

## ମା' ବଡ଼ଶାଳ ପୀଠରେ ଲାଗିଲା ସୋଲାର ଲାଇଟ୍

ଗଁଦିଆ, ୬।୯ (ସମିସ): ହାତୀଙ୍କ ନିୟମିତ ଚଳାପଥକୁ ଦୃଷ୍ଟିରେ ରଖି ଲୋକଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ବନ ବିଭାଗ ପକ୍ଷରୁ ଗଁଦିଆ ବ୍ଲକ ବେଗା ଗ୍ରାମ ନିକଟ ମା' ବଡ଼ଶାଳଙ୍କ ପୀଠ ନିକଟରେ ସୋଲାର ଲାଇଟ୍ ସ୍ଥାପନ କରାଯାଇଛି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର



ପାତ୍ରଙ୍କ ନିର୍ଦ୍ଦେଶ ତଥା ସହଯୋଗରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଆଲୋକୀକରଣ ବ୍ୟବସ୍ଥା ଦ୍ୱାରା ରାତିରେ ଯାତାୟାତ ସୁଗମ ହେବା ସହ ବାରମ୍ବାର ଘଟୁଥିବା ହାତୀ-ମଣିଷ ସଂଘର୍ଷକୁ ଅନେକାଂଶରେ ରୋକାଯାଇପାରିବ ବୋଲି କୁହାଯାଇଛି। ଏହି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ବିଭିନ୍ନ ଅନୁଷ୍ଠାନରେ ଗୁରୁଦିବସ ପାଳିତ








ଢେଙ୍କାନାଳ, ୬।୯ (ସମିସ)

କୁଞ୍ଜକାନ୍ତସ୍ଥିତ ଷ୍ଟଡି ଲାଇଫ୍ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ପରିସରରେ ପବିତ୍ର ଗୁରୁଦିବସ ପାଳିତ ହୋଇଛି। ନାଗିଆପଶି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ମଧୁସୂଦନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଆଶିଷ କୁମାର ପଣ୍ଡା ଶିକ୍ଷକମାନଙ୍କ ନିଷ୍ଠା, ତ୍ୟାଗ ଓ ଅବଦାନକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଏକାଡେମିକ୍ କୋଅର୍ଡିନେଟର ଅବିନାଶ ସାର୍ ମଧ୍ୟ ଛାତ୍ରଛାତ୍ରୀଙ୍କୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଶିକ୍ଷକ ରଞ୍ଜିତ କୁମାର ସାହୁ, ଅଙ୍କିତା ଦାଶ ଓ ପ୍ରିୟଙ୍କା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଉତ୍କର୍ଷତା ପାଇଁ ଛାତ୍ରୀ ଇପ୍ସିତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ପ୍ରତିଯୋଗୀ ମୋନାଲିସା ସାହୁ ଓ କାହ୍ନାଜୀ ମହାରଣାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

**ଢେଙ୍କାନାଳ:** ସ୍ଥାନୀୟ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ ଗୁରୁଛାତ୍ର ସମ୍ପର୍କ ବିଷୟରେ ଉଦବୋଧନ ଦେଇଥିଲେ। ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଳେଇ ବିଦ୍ୟାଳୟର ଅତୀତ ବିଷୟରେ ଧାରଣା ଦେଇଥିଲେ। ଷଷ୍ଠ ଶ୍ରେଣୀ ଛାତ୍ର ବି. ଶ୍ରେୟାଂଶ, ଅଷ୍ଟମ ଶ୍ରେଣୀ ଛାତ୍ରୀ ସାନ୍ଭୀ ତ୍ରିପାଠୀ ପ୍ରମୁଖ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**ଢେଙ୍କାନାଳ:** ପବିତ୍ର ଗୁରୁଦିବସ ପାଳନ ଅବସରେର ରାଜ୍ୟ, ଜାତୀୟ, ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ସେବା ନିବୃତ ପ୍ରଧାନଶିକ୍ଷକ ହରିହର ସାହୁ ତାଙ୍କ ମାତାଙ୍କ ସହ ପ୍ରାଥମିକ ବିଦ୍ୟାଳୟର ଗୁରୁ ପ୍ରମୋଦ ଚନ୍ଦ୍ର ବାରିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟର ଗୁରୁ ବଂଶୀଧର ଦାସଙ୍କ ସହଧର୍ମିଣୀ ତଥା ଗୁରୁମା ପୂଜାର୍ଚ୍ଚନା କରି ଆଶିଷ କାମନା କରିଛନ୍ତି।

**ଗଁଦିଆ:** ଗଁଦିଆ ବ୍ଲକ ନୂଆଗଡ଼ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ କନ୍ୟାକୁମାରୀ ଭୂତିଆଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ପାତ୍ର, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସାମନ୍ତ, ଅନ୍ୟତମ ଅତିଥି ଭାବେ ସମାଜସେବୀ ଲଳିତ ମୋହନ ସାମନ୍ତ, ଅଶୋକ କୁମାର ମହାପାତ୍ର, ପ୍ରଫୁଲ୍ଲ କୁମାର ବାରିକ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ପରିବେଶ କ୍ଲବର ମାର୍ଗଦର୍ଶକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥବା ବେଳେ ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅରୁଣ ଧାରୁଆ, ଅମୂଲ୍ୟ ବେହେରା, ଶିକ୍ଷୟିତ୍ରୀ ଦୀପିକା ପଡ଼ିଆରୀ, ତପସ୍ୱିନୀ ସାହୁ, ପ୍ରଜ୍ଞାସିନୀ ଶତପଥୀ, କର୍ମଚାରୀ ଗୋବର୍ଦ୍ଧନ ବେହେରାଙ୍କ ସହ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ପାତ୍ର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସାମନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଳକା ଆର୍ଟ୍ସ ଏକାଡେମୀରେ ଗୁରୁପୂଜନ



ବାଲିକୁଦା,୬।୯(ସମିସ): ଅଳକା ଆର୍ଟ୍ସ ଏକାଡେମୀ ପକ୍ଷରୁ ଆମ୍ବଶାଳ କଲ୍ୟାଣ ମଣ୍ଡପଠାରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ ଓ ମାଛଗାଁ ସମିତିଭ୍ୟ ନିରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଆସୁଥିବା ନୃତ୍ୟଗୁରୁ ନାରଣ ପରିଡା, ସଙ୍ଗୀତ ଗୁରୁ ରଞ୍ଜନ ନାଥ, ତବଲା ଗୁରୁ ବିନୋଦ ବିହାରୀ ବିଶ୍ୱାଳ ଓ ଚିତ୍ରକଳା ଗୁରୁ ନାରାୟଣ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଅଳକା ଆର୍ଟ୍ସ ଏକାଡେମୀର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ, ତବଲା ଓ ଚିତ୍ରକଳା ସମ୍ପର୍କିତ ବିଭିନ୍ନ କଳା ପରିବେଷଣ କରି ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ମୋହିଥିଲେ। ଏହି କଳା ପରିବେଷଣ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା। ଅଧକ୍ଷ ଅରୁଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଭକ୍ତି ବେଦାନ୍ତ ଆଶ୍ରମରେ ନନ୍ଦ ଉତ୍ସବ

ମଣିଜଙ୍ଗା,୬।୯(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ବାଣୀତୋ ଗ୍ରାମପଞ୍ଚାୟତର ତରଗଡ଼ାଠାରେ ଥିବା ଭକ୍ତି ବେଦାନ୍ତ ଆଶ୍ରମରେ ଭଗବାନ କୃଷ୍ଣଙ୍କର ଜନ୍ମ ଉତ୍ସବ ଓ ନନ୍ଦଉତ୍ସବ ପାଳିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଲୋକ ଏହି ପବିତ୍ର ତିଥିରେ ଯୋଗ ଦେଇଥିଲେ। ଏଥି ସହିତ ସନ୍ଧ୍ୟାରେ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆଶ୍ରମର ପ୍ରତିଷ୍ଠାତା ବାବା ବନମାଳୀ ଦାସଙ୍କ ନିମନ୍ତ୍ରଣ ରକ୍ଷା କରି ବହୁ ସାଧୁସନ୍ଥ, ଇସ୍କନ ଅନୁଷ୍ଠାନର ବହୁ କୃଷ୍ଣ ପ୍ରେମୀ, ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଯୋଗଦେଇଥିଲେ।

## ଅବସର କାଳୀନ ସମ୍ବର୍ଦ୍ଧନା ସଭା



ମଣିଜଙ୍ଗା,୬।୯(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଗ୍ରାମ ପଞ୍ଚାୟତର ସିଆଳୋ ଗ୍ରାମରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାୟାରାଣୀ ବିଶ୍ୱାଳଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଧର୍ମାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଇଓ ଯୋଗଦେଇଥିଲେ। ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ବିଦାୟକାଳୀନ ସମୟରେ ଗୀତାଭାଗବତ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସିଆଳୋ ଗ୍ରାମ ଶିକ୍ଷା କମିଟି ମେମ୍ବର, ଅଙ୍ଗନବାଡି ଦିଦି ପ୍ରିୟଙ୍କା ଦାସ, ପ୍ରଭାତୀ ସେଠୀ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷୟିତ୍ରୀ ସ୍ୱପ୍ନଦିପା ପଟ୍ଟନାୟକ ଧନ୍ୟବାଦ ଜଣାଇଥିଲେ।

## ରାଧାମାଧବ ମନ୍ଦିରରେ ନନ୍ଦ ଉତ୍ସବ




କୁଜଙ୍ଗ,୬।୯(ସମିସ): କୁଜଙ୍ଗ ବ୍ଲକ୍ ଦୁଆଡିଆ ଗ୍ରାମରେ ଥିବା ରାଧା-ମାଧବ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା କରାଯିବା ସହିତ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ସଭାପତି କ୍ଷୀରୋଦ ପଲାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ବିଶିଷ୍ଟ ଶିଳ୍ପପତି ଡ. କୈଳାଶ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରାମର ପାଲା କଳାକାର ଓ ସମାଜସେବୀ ମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ନନ୍ଦ ଉତ୍ସବ ଅବସରରେ ଗ୍ରାମ ପରିକ୍ରମା କରାଯାଇଥିଲା। ଗାୟକ ଧ୍ରୁବଚରଣ ପଣ୍ଡା ଓ ସାଥୀ ମନ୍ଦିର ପରିସରରେ ପାଲା ପରିବେଷଣ କରିଥିଲେ। ରାଧା-ମାଧବ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଅକ୍ଷୟକୁମାର ପଲାଇ, କୋଷାଧ୍ୟକ୍ଷ ନରହରି ଜେନା ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଭାତ ପଲେଇ ମଞ୍ଚ ପରିଚାଳନା କରିଥିଲେ।

## ଗୁରୁଦିବସ ହେଲା କଳା ଦିବସ



ବାଲିକୁଦା,୬।୯(ସମିସ): ବାଲିକୁଦା ମହିଳା ମହାବିଦ୍ୟାଳୟର ପରିଚାଳନା ସମିତି ଦ୍ୱାରା ନିଯୁକ୍ତିପାଇଥିବା ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅଧ୍ୟାପକ /ଅଧ୍ୟାପିକା ଓ କର୍ମଚାରୀମାନେ ସରକାରୀ ଅନୁଦାନ ଦାବିରେ ଗୁରୁଦିବସକୁ କଳା ଦିବସ ରୂପେ ପାଳନ କରିଛନ୍ତି। ଦୀର୍ଘ ଦିନ ଧରି ସଙ୍ଘ ଆନ୍ଦୋଳନ ଜାରି ରଖିଥିଲେ ସୁଧା ରାଜ୍ୟ ସରକାର ଏପର୍ଯ୍ୟନ୍ତ କର୍ଣ୍ଣପାତ କରିନାହାନ୍ତି। ଆଗାମୀ ବିଧାନସଭା ସମୟରେ ସଙ୍ଘ ଜୋରଦାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

# ଜିଲ୍ଲାର ୩ ଶିକ୍ଷୟିତ୍ରୀଙ୍କୁ ବାଣୀକ୍ଷେତ୍ର ଶିକ୍ଷକ ଗୌରବ ସମ୍ମାନ

ଜଗତସିଂହପୁର,୬।୯(ସମିସ)

ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଆନୁକୂଲ୍ୟରେ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଦେଢ଼ଶର ଦେଉଳିଠାରେ ଆୟୋଜିତ ହୋଇଯାଇଛି ୬୫ତମ ରାଷ୍ଟ୍ରୀୟ ଶିକ୍ଷକ ଦିବସ-୨୦୨୬। ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାର ପ୍ରାରମ୍ଭରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ବିଦ୍ୟାର୍ଥୀ ପରିଷଦର ସଭାପତି ଶିକ୍ଷାବିତ୍ ରଞ୍ଜନ କୁମାର ପ୍ରଧାନ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଚନ୍ଦନ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ତଥା ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି। ସମ୍ମାନନୀୟ ଅତିଥିଭାବେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସରିତା ଜେନା, ମୁଖ୍ୟବକ୍ତା ଭାବେ ସମଙ୍ଗସ୍ଥିତ ବଜ୍ରସେହ୍ନା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୁତକୀର୍ତ୍ତି ଦାସ ଯୋଗଦେଇଥିଲେ। ଶିକ୍ଷାଦାନ ସହ ଜୀବନକୁ ମାର୍ଜିତ, ଶୃଙ୍ଖଳିତ ଓ ସୁସଂଗଠିତ କରି ଗଢି ତୋଳିବାରେ ଶିକ୍ଷକମାନଙ୍କର ଅବଦାନ ଅତୁଳନୀୟ ଓ ଚିରସ୍ମରଣୀୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଇନ୍‌ସାଫ ପକ୍ଷରୁ ମଞ୍ଚାସୀନ ସମସ୍ତ ବରେଣ୍ୟ ଅତିଥିଗଣଙ୍କୁ ଫଳଚାରା ଓ




ଉପଢୌକନ ଦିଆଯାଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିରିଡି ବ୍ଲକ ଅନ୍ତର୍ଗତ ଦୁଦୁରାମପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ମହାନ୍ତି ଏବଂ କୁଜଙ୍ଗ ବ୍ଲକ ଅନ୍ତର୍ଗତ ନାରାୟଣ ବୀରବର ସାମନ୍ତ କଲେଜର ଅଧ୍ୟକ୍ଷା ଡ. ବନପ୍ରଭା ପରିଡାଙ୍କୁ ଚଳିତ ବର୍ଷ ପାଇଁ ବାଣୀକ୍ଷେତ୍ର ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ସାମାଜିକକର୍ମୀ ତଥା ପ୍ରକୃତିବନ୍ଧୁ ପୁରସ୍କାର ପାଇଥିବା କନକଲତା ପରିଡା ଗୁରୁମାନଙ୍କ ଉଦ୍ଦେଶ୍ୟରେ ନିଜସ୍ୱ ଲିଖିତ ଗୀତଗାଇଥିଲେ। ପୂର୍ବତନ ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ ଓ ରଞ୍ଜନ କୁମାର ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ମାନସ ରଞ୍ଜନ ଗୋଚ୍ଛାୟତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ମିତା ପଣ୍ଡା, ସୁଚିତ୍ରା ପ୍ରିୟଦର୍ଶିନୀ, ମନସୁନ୍ ମହାପାତ୍ର, କଳ୍ପନା ଭୋଇ, ସୁଚିସ୍ମିତା ପଟ୍ଟନାୟକ, କାମିନୀ ଗୋଛାୟତ ଓ ଶିକ୍ଷକ ବିଭୂତିଭୂଷଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆନ୍ତରିକ ସହଯୋଗ କରିଥିଲେ।

### ପାରାଦୀପ ବନ୍ଦରକୁ ମିଳିଲା ଐତିହାସିକ ସଫଳତା

## ପଶ୍ଚିମ ଡକ୍-୧ରେ ଲାଗିଲା ବୃହତକାୟ ଜାହାଜ



ପାରାଦୀପ,୬।୯(ସମିସ): ପାରାଦୀପ ବନ୍ଦରକୁ ରବିବାର ଐତିହାସିକ ସଫଳତା ମିଳିଛି। ଶନିବାର ଦିନ ୬ଟା ସମୟରେ ୧୬.୫ ମିଟର ଡ୍ରାଫ୍ଟ ବିଶିଷ୍ଟ ଜାହାଜ ନବନିର୍ମିତ ପଶ୍ଚିମ ଡକ୍-୧ରେ ସଫଳତାର ସହିତ ଲାଗିଛି। ୨୯୨ ମିଟର ଲମ୍ବ ଓ ୪୫ ମିଟର ପ୍ରସ୍ଥ ବିଶିଷ୍ଟ ମିନେରାଲ କ୍ୱାଙ୍ଗୟାଙ୍ଗ ନାମକ ଏହି ଜାହାଜ ପାରାଦୀପ ବନ୍ଦର ପଶ୍ଚିମ ଡକ୍-୧ରେ ଲାଗିବା ପ୍ରଥମ ଘଟଣା। ପାରାଦୀପ ବନ୍ଦରର ଭିତ୍ତିଭୂମି ଦ୍ରୁତ ବିକାଶ ହେବାରେ ଲାଗିଛି। ଏହି ବୃହତକାୟ ଜାହାଜରେ ଅଷ୍ଟ୍ରେଲିଆରୁ ୧ଲକ୍ଷ ୫୨ହଜାର ୭୦୨ ମେଟ୍ରିକ୍ ଟନ୍ କୁକିଙ୍ଗ କୋଲ୍ ବୋଝେଇ ହୋଇଆସିଛି। ପାରାଦୀପ ବନ୍ଦର ବୃହତକାୟ ଜାହାଜ ଚଳାଚଳ ପାଇଁ ଉପଯୁକ୍ତ ସ୍ଥାନ ବୋଲି ପ୍ରମାଣିତ ହୋଇଛି। ଏହି ଐତିହାସିକ ସଫଳତା ପାରାଦୀପ ବନ୍ଦର ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବା କହିଛନ୍ତି ପାରାଦୀପ ବନ୍ଦର ଟ୍ରାଫିକ୍ ମ୍ୟାନେଜର ରାଜେନ୍ଦ୍ର କୁମାର ଓ ଜିନ୍ଦଲ ପାରାଦୀପ ପୋର୍ଟ ଲି.ର ଡେପ୍ୟୁଟି ସିଇଓ ସନ୍ଦୀପ ଜୟସ୍ୱାଲ। ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ଜେପିପିଏଲ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ହଜିଯାଇଥିବା ମନିପର୍ସ ପାଇ ଫେରାଇଲେ




ବାଲିକୁଦା,୬।୯(ସମିସ): ସଚ୍ଚୋଟତା ଓ ମାନବିକତା ଆଜି ବି ସମାଜରେ ବଞ୍ଚି ରହିଛି। ଏହାର ଏକ ଉତ୍ତମ ଉଦାହରଣ ପାଲଟିଛନ୍ତି ନାଉଗାଁ ଥାନା ଅନ୍ତର୍ଗତ ଦେପଡ଼ା ଗ୍ରାମର ସନ୍ତୋଷ କୁମାର ରାୟ। ହଜିଯାଇଥିବା ଏକ ମନିପର୍ସ ପାଇ ତାହାକୁ ବାଲିକୁଦା ଥାନାରେ ଜିମା ଦେଇ ନିଜର ସଚ୍ଚୋଟତାର ପରିଚୟ ଦେଇଛନ୍ତି। ସୂଚନା ଅନୁଯାୟୀ, ଆଜି ପ୍ରାୟ ଦିନ ୨ଟା ସମୟରେ ଈଶ୍ୱରପୁର ଗ୍ରାମର ରାଜେନ୍ଦ୍ର ଦାସଙ୍କ ପତ୍ନୀ ଆହ୍ଲୁତି ସ୍ୱାଇଁ ବାଲିକୁଦା ମାର୍କେଟର ହାଟଗଡ଼ା ନିକଟସ୍ଥ ଏକ ଗ୍ରୋସରୀ ଦୋକାନରେ ସାମଗ୍ରୀ କିଣୁଥିବା ବେଳେ ଅସାବଧାନତା ବଶତଃ ତାଙ୍କ ମନିପର୍ସଟି ତଳେ ପଡ଼ିଯାଇଥିଲା। ମନିପର୍ସରେ ପ୍ରାୟ ୫ ହଜାର ଟଙ୍କା, ଏଟିଏମ୍ କାର୍ଡ ସମେତ କିଛି ଜରୁରୀ କାଗଜପତ୍ର ରହିଥିଲା। ଏହି ସମୟରେ ଦୋକାନରେ ସାମଗ୍ରୀ କିଣିବାକୁ ଆସିଥିବା ଦେପଡ଼ା ଗ୍ରାମର ସନ୍ତୋଷ କୁମାର ରାୟ ମନିପର୍ସଟି ପାଇଥିଲେ। ସନ୍ତୋଷ ଈଶ୍ୱରପୁରଠାରେ ଏକ ଚା' ଦୋକାନ କରି ଜୀବିକା ନିର୍ବାହ କରନ୍ତି। ମନିପର୍ସଟି ପାଇ ସେ ଥାନା ଜିମା ଦେଇଥିଲେ। ଥାନା ପକ୍ଷରୁ ମନିପର୍ସର ପ୍ରକୃତ ମାଲିକଙ୍କୁ ଯୋଗାଯୋଗ କରାଯାଇଥିଲା। ଆହ୍ଲୁତି ସ୍ୱାଇଁ ବାଲିକୁଦା ଥାନାରେ ପହଞ୍ଚି ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବା ପରେ ସନ୍ତୋଷ କୁମାର ରାୟଙ୍କ ଉପସ୍ଥିତିରେ ତାଙ୍କ ହଜିଥିବା ମନିପର୍ସ ତାଙ୍କୁ ଫେରାଇ ଦିଆଯାଇଥିଲା।

## ସେପ୍ଟେମ୍ବର ୧୭ରୁ ଏକମାସ ବିଜେପିର ସେବା ସଂକଳ୍ପ ଅଭିଯାନ

ଜଗତସିଂହପୁର,୬।୯(ସମିସ): ଜଗତସିଂହପୁର ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସାର୍ବଜନୀନ ଜୀବନର ଦୀର୍ଘ ୨୫ ବର୍ଷର ସେବା, ସଂକଳ୍ପ, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଦଳ ପକ୍ଷରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତିଙ୍କ ଆବାହକତ୍ୱରେ ଅତିଥିଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ବିଭୂ ପ୍ରସାଦ ତରାଇ, ଜିଲ୍ଲା ଯୋଜନା କମିଟିର ସଭାପତି ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପୂର୍ବତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ସତ୍ୟସାରଥୀ ମହାନ୍ତି, ତିର୍ତ୍ତୋଲ ବିଧାନସଭା କ୍ଷେତ୍ରର ଦଳୀୟ ନେତା ରାଜକିଶୋର ବେହେରା ଏବଂ ଜିଲ୍ଲା କୋର ଟିମ ସଦସ୍ୟ ସଞ୍ଜୟ ମହାନ୍ତି ଯୋଗଦେଇ ଏହି ଅଭିଯାନରେ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସାମିଲ କରାଯିବା ସହ ପ୍ରତ୍ୟେକ ବୁଥ୍, ମଣ୍ଡଳ ଏବଂ ଜିଲ୍ଲା ସ୍ତରରେ ଦୀପ ପ୍ରଜ୍ୱଳନ, ରକ୍ତଦାନ ଶିବିର, ମାତୃ ସମ୍ବାଦ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ବିଭିନ୍ନ ପ୍ରତିଯୋଗିତା, ଫଟୋ ପ୍ରଦର୍ଶନୀ, ରଙ୍ଗୋଲି ରାଷ୍ଟ୍ର, ପଥପ୍ରାନ୍ତ ନାଟକ, ବୃକ୍ଷରୋପଣ, ପରିବର୍ତ୍ତନର କାହାଣୀ, ବିକଶିତ ଭାରତ ସଂକଳ୍ପ ଯାତ୍ରା, ସେବା ଜ୍ୟୋତି ଯାତ୍ରା, ସେବା-ମୋର ଯୋଗଦାନ ଏବଂ ଜନସେବକ ମହାକୁମ୍ଭ ଭଳି ଅନେକ ଲୋକାଭିମୁଖୀ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାପାଇଁ ଏକ ୫ ଜଣିଆ ଟିମ ଗଠନ କରାଗଲା। ଯାହାର ମୁଖ୍ୟ ଭାବରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଆବାହକ ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ଦାଶ, ମହିଳା ମୋର୍ଚ୍ଚା ସଭାପତି କଳ୍ପନା ମହାନ୍ତି ସର୍ଜନ ସିଂହ ଓ ଜିଲ୍ଲା ଉପସଭାପତି ଦିଲୀପ ରାଉଳ ପ୍ରଭୃତି ସହ ଆବାହକ ଭାବେ ଦାୟିତ୍ୱ ନିର୍ବାହ କରିବେ। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲାର ସମସ୍ତ ପଦାଧିକାରୀ, ଜିଲ୍ଲା କୋର ଟିମ ର ସଦସ୍ୟ, ସମସ୍ତ ମଣ୍ଡଳ ସଭାପତି ଓ ପ୍ରଭାରୀ ଏଥିରେ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲାର ଅନ୍ୟତମ ସାଧାରଣ ସମ୍ପାଦକ ପ୍ରତାପ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଘର ଘର ବୁଲି ଭତ୍ତା ବାଣ୍ଟୁଛନ୍ତି ପଙ୍କପାଳ ସରପଞ୍ଚ

 କୁଜଙ୍ଗ,୬।୯(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତର ଯୁବ ସରପଞ୍ଚ ସରୋଜ କୁମାର ସେଠୀ ଗାଁ ଗାଁ ବୁଲି ନୂତନ ଭାବେ ଭତ୍ତା ପିଇବାକୁ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ଘରେ ଭତ୍ତା ପ୍ରଦାନ କରୁଛନ୍ତି। ସରୋଜ ପଞ୍ଚାୟତର ନିର୍ବାହୀ ଅଧିକାରୀ ଶିବୁ ପ୍ରସାଦ ସୋରେନଙ୍କ ଉପସ୍ଥିତିରେ ଏହି ନୂତନ ହିତାଧିକାରୀଙ୍କୁ ୱାର୍ଡ ସଭ୍ୟ ସଭ୍ୟାଙ୍କ ସହଯୋଗରେ ପ୍ରଦାନ କରିଛନ୍ତି। ପୂର୍ବରୁ ମଧ୍ୟ ଯେଉଁ ବୟସ୍କ ଅସୁସ୍ଥ ଲୋକେ ସରକାରୀ ଯୋଜନାରେ ପାଉଥିବା ସେବାକୁ ପଞ୍ଚାୟତକୁ ଆସିବାକୁ ଅକ୍ଷମ ସେମାନଙ୍କୁ ଘରକୁ ଯାଇ ସହାୟତା ଦେବା ସହ ପ୍ରଶଂସିତ ହୋଇଛନ୍ତି। ପଞ୍ଚାୟତକୁ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ଓ କୃଷିରେ ଅଧିକ ଉତ୍କୃଷ୍ଟ କରିବାକୁ ତାଙ୍କର ପ୍ରୟାସ ରହୁଛି। ନିକଟରେ ସ୍କୁଲ୍ ପିଲାମାନଙ୍କ ସହ ରକ୍ଷା ବନ୍ଧନ ଓ ମହିଳା ସମିତି ସହଯୋଗରେ ପଞ୍ଚାୟତ ନିକଟରୁ ଆବର୍ଜନା ଗଦା ସଫା କରିବା ଓ ନିଜେ ସଫେଇର ମଙ୍ଗ ଧରିବା ଅନ୍ୟ ଯୁବ ସରପଞ୍ଚମାନଙ୍କୁ ପ୍ରେରଣା ଦେବ ବୋଲି ପୂର୍ବତନ ସରପଞ୍ଚ ଡ. ଶରତ ଚନ୍ଦ୍ର ମହାପାତ୍ର କୁହନ୍ତି। ବିଭିନ୍ନ କାରଣରୁ ଯେଉଁଠି ଅଭାବୀ ଲୋକ ସରକାର କି ପ୍ରଶାସନ ପାଖକୁ ଆସି ପାରୁ ନାହିଁ ସେଠାରେ ଜନ ପ୍ରତିନିଧି ଭାବରେ ଆମେ ଯିବା ଏକ ଦାୟିତ୍ୱ ବୋଧ ବୋଲି କହିଛନ୍ତି ସରପଞ୍ଚ ସରୋଜ କୁମାର ସେଠୀ।



## ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଶୂନ୍ୟ ମୃତାହତ ସପ୍ତାହ




ଜଗତସିଂହପୁର,୬।୯(ସମିସ): ସେପ୍ଟେମ୍ବର ୧ତାରିଖ ଠାରୁ ରାଜ୍ୟ ପରିବହନ ଆୟୋଗଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶୂନ୍ୟ ମୃତାହତ ସପ୍ତାହ ପାଳନ କରାଯାଉଛି। ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀଙ୍କ ନିର୍ଦ୍ଦେଶରେ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କରାଯାଇଛି। ତୃତୀୟ ଦିନରେ ଜଗତସିଂହପୁର ଥାନାରେ ୪ଟି ବେନିୟମ ଭାବରେ ନିର୍ଦ୍ଧାରିତ ବୟସ ସୀମା ଠାରୁ କମ୍ ଚାଳକଙ୍କୁ ବିନା ଲାଇସେନ୍ସରେ ୨୫ ହଜାର ଟଙ୍କା ଲେଖାଏଁ ଦଣ୍ଡ ବିଧାନ କରି ଗାଡ଼ି ଗୁଡ଼ିକ ଅଟକ ରଖାଯାଇଛି। ତତସହିତ ମୋବାଇଲ ଫୋନ୍ ବ୍ୟବହାର, ବିନା ପ୍ରଦୂଷଣ ଏବଂ ବିନା ଗାଡ଼ି ବିମା ପାଇଁ ସମୁଦାୟ ୪ଲକ୍ଷ ୨୦ ହଜାର ୫ ଶହ ଟଙ୍କା ଦଣ୍ଡବିଧାନ କରାଯାଇଛି। ଶୂନ୍ୟ ମୃତାହତ ସପ୍ତାହ ସଚେତନତା ପାଇଁ ମୂଲ୍ୟବାନ ଜୀବନର ସୁରକ୍ଷାକୁ ଗୁରୁତ୍ୱ ଦେଇ ଦୁଇ ଚକିଆ ଯାନ ରେ ହେଲମେଟ ପିନ୍ଧିବା, ଚାରିଚକିଆ ଯାନରେ ସିଟ୍ ବେଲ୍ଟ ବାନ୍ଧିବା, ଗାଡ଼ି ଚଲାଇବା ସମୟରେ ମୋବାଇଲ ବ୍ୟବହାର ନକରିବା, ନିଶା ପାନ କରି ଗାଡ଼ି ନଚଲାଇବା, ରାସ୍ତା କଡ଼ରେ ବେନିୟମ ଭାବରେ ଗାଡ଼ି ରଖି ରାସ୍ତା ଅବରୋଧ ନକରିବା, ଦ୍ରୁତ ଗତିରେ ଗାଡି ନଚଲାଇବା, ଟ୍ରାଫିକ ନିୟମ ଉଲ୍ଲଙ୍ଘନ ନ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସେଠୀ ଲୋକ ସମ୍ପର୍କ ବିଭାଗ ଜରିଆରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି। ଶୂନ୍ୟ ମୃତାହତ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ପାଳନ ହେବ।

## ତୁଳସୀଗାଦି ପୀଠରେ ନନ୍ଦୋତ୍ସବ

ଜଗତସିଂହପୁର,୬।୯(ସମିସ): ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ କାଦୁଅପଡା ପଞ୍ଚାୟତ ଅଧିନସ୍ଥ ଶ୍ରୀଶ୍ରୀ ତୁଳସୀ ଗାଦିବ୍ରହ୍ମଙ୍କ ପୀଠରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ପ୍ରତ୍ୟୁଷରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଆଖପାଖ ଅଞ୍ଚଳର ଅନେକ ସୁନାମଧନ୍ୟ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗ ଦେଇ ସଂକୀର୍ତ୍ତନ ମାଧ୍ୟମରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଲୀଳା ଗାନ କରିଥିଲେ। ଏହି ଅବସରରେ ଅଞ୍ଚଳବାସୀଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସେହିଭଳି ଡିଅସାହି ରାଇଦଣ୍ଡା ଯାଦ? ସଂଘ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ଏହି ଅବସରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯିବା ସହିତ ଭାଗବତ ପାଠ କରାଯାଇଥିଲା। ପରେ ପରେ ଡିଅସାହି ରାଇଦଣ୍ଡା ଯାଦବ ସମିତି, ଚମ୍ପେଶ୍ୱର କାଠି ଲଉଡ଼ି ସଂଘ, ପାକନପୁର ଓ ଜାଗୁଳାଇ କାଠି ଲଉଡ଼ି ସଂଘ, ଗୁମୁଟିଆ ପକ୍ଷରୁ କାଠି ଲଉଡ଼ି ଖେଳ ପ୍ରଦର୍ଶନ କରାଯାଇଥିଲା। ଏହାକୁ ଶହ ଶହ ଅଞ୍ଚଳବାସୀ ଉପଭୋଗ କରିଥିଲେ।



## କର୍ପୋରେଟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ପାରାଦୀପ,୬।୯(ସମିସ): ପାରାଦୀପ ବ୍ୟାଡମିଟନ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଦୁଇ ଦିନ ଧରି ଆୟୋଜିତ ଷଷ୍ଠ ଆମନ୍ତ୍ରଣ କର୍ପୋରେଟ ବ୍ୟାଡମିଟନ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। ଏହି ଦୁଇଦିନିଆ ପ୍ରତିଯୋଗିତାରେ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳର ପ୍ରମୁଖ ଶିଳ୍ପ ଓ କର୍ପୋରେଟ ସଂସ୍ଥାଗୁଡ଼ିକରୁ ମୋଟ ୬୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ପୁରୁଷ ଡବଲ୍ସ, ମହିଳା ଡବଲ୍ସ, ମିଶ୍ରିତ ଡବଲ୍ସ ଏବଂ ଭେଟେରାନ୍ ଡବଲ୍ସ ବିଭାଗରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଇଫକୋ, ପାରାଦୀପ ପାଇପଲାଇନ୍ ଲିମିଟେଡ୍, ଜେଏମ୍ ବକ୍ସି ଗ୍ରୁପ୍, ନୁମାଲିଗଡ଼ ରିଫାଇନେରୀ ଲିମିଟେଡ୍ (ଏନଆରଏଲ), ଜେଏସଡବ୍ଲ୍ୟୁ ଗ୍ରୁପ୍ ଏବଂ ପାରାଦୀପ ପୋର୍ଟ ଅଥରିଟିର ବ୍ୟାଡମିଟନ ଟିମ ଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଫାଇନାଲ ପର୍ଯ୍ୟାୟରେ ପାରାଦୀପ ପୋର୍ଟ ଅଥରିଟି (ପିପିଏ) ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ସମସ୍ତ ଚାରିଟି ବିଭାଗରେ ବିଜୟୀ ହୋଇ ସାମଗ୍ରିକ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଥିଲା। ବିଜେତା ଦଳଗୁଡ଼ିକ ମଧ୍ୟରେ ପୁରୁଷ ଡବଲ୍ସ ପାରାଦୀପ ପୋର୍ଟ ଅଥରିଟି, ମହିଳା ଡବଲ୍ସ ପାରାଦୀପ ପୋର୍ଟ ଅଥରିଟି, ମିଶ୍ରିତ ଡବଲ୍ସ ପାରାଦୀପ ପୋର୍ଟ ଅଥରିଟି, ଭେଟେରାନ୍ ଡବଲ୍ସ ପାରାଦୀପ ପୋର୍ଟ ଅଥରିଟି ସ୍ଥାନ ପାଇଛନ୍ତି। ଉଦଯାପନୀ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦରର ପୂର୍ବତନ ଅଧ୍ୟକ୍ଷ ପିଏଲ୍ ହାରାନାଧ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବନ୍ଦର ଉପାଧ୍ୟକ୍ଷ ଟି. ଭେନୁଗୋପାଳ ଯୋଗ ଦେଇଥିଲେ। ଏହି ଅବସରରେ ବନ୍ଦରର ଚିଫ ମେକାନିକାଲ ଇଞ୍ଜିନିୟର ସୁଶିଲ ଚନ୍ଦ୍ର ନାହାକ, ବିଭିନ୍ନ ବିଭାଗର ମୁଖ୍ୟ, ବରିଷ୍ଠ ଅଧିକାରୀ, ବିଶିଷ୍ଟ ଅତିଥି ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ।

## ଟେନିସ ବଲ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଜଗତସିଂହପୁର,୬।୯(ସମିସ)

ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଦେଉଳି ଗ୍ରାମେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ ପଡ଼ିଆରେ ମୁଖ୍ୟ ଉଦ୍ୟୋକ୍ତା ପଦ୍ମନାଭ ଦେଉରୀଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର ଟେନିସ ବଲ୍ ପ୍ରିମିୟର ଲିଗ ଉଦ୍‌ଘାଟିତ ହୋଇଯାଇଛି। ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ପ୍ରତି ଖେଳର ଭୂମିକା ଓ ଉପଯୋଗିତା ବିଷୟରେ କହିବା ସହିତ ଛାତ୍ର ସମାଜ ଯୁବପିଢ଼ି ଖେଳ ପ୍ରତି ଆଗ୍ରହ ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକଙ୍କ ଜଗତସିଂହପୁର ପୌର ପରିଷଦର ପ୍ରତିନିଧି ଶୁଶାନ୍ତ ରଞ୍ଜନ ସ୍ୱାଇଁ ଏବଂ ୧୭ ନମ୍ବର କାଉନସିଲର ଦେବାଶିଷ ସ୍ୱାଇଁଙ୍କ ସମେତ ଅନ୍ୟ ଅତିଥି ମାନେ ଉପସ୍ଥିତ ଥିଲେ। ଏହି ମ୍ୟାଚ ଦଶଟି ଫ୍ରାଞ୍ଚାଇଜ୍ ଦଳ ଭାଗ ନେଇ ଜଗତସିଂହପୁରର ନିଜ ମନ ପସନ୍ଦର ଖେଳାଳିଙ୍କୁ ଉଚିତ୍ ମୂଲ୍ୟ ବିନିମୟରେ ଖେଳିବାକୁ ସୁଯୋଗ ଦେଇଥିଲେ। ଦୁଇ ଗ୍ରୁପ ବିଶିଷ୍ଟ ଦଳ ମଧ୍ୟରୁ ପ୍ରଥମ ଗ୍ରୁପର ଲିଗ୍ ମ୍ୟାଚ ଖେଳ ଅନୁଷ୍ଠିତ ହୋଇଥିଲା। ୫ଟି ଦଳ ବିଶିଷ୍ଟ ଗ୍ରୁପ ମ୍ୟାଚରେ ଦୁଇ ଗୋଟି ଦଳ ସୋନା ଇଲେଭେନ ଓ ଏସ୍‌ଏସ୍ସ ସ୍ପୋର୍ଟି ସେମି ଫାଇନାଲରେ ପ୍ରବେଶ କରିଥଲେ। ମ୍ୟାଚକୁ ପରିଚାଳନା କରିଥଲେ ପିଣ୍ଟୁ ନାଥ ମାଷ୍ଟର ବବୁଲ ଓ ଧାରା ବିରଣୀ ଏବଂ ସିଧା ପ୍ରସାରଣ କରିଥିଲେ ସେକ ଆସିଫ ଅଲ୍ଲି। ଏହି ପ୍ରିମୀୟର ଲିଗକୁ ସଫଳ କରାଇବାରେ ଡିଷ୍ଟିକ ଟେନିସ କ୍ରିକେଟ୍ ଆସୋସିଏସନ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥଲେ।



ସକାଳ THE SAKALA



www.sakalaepaper.com

## ସର୍ବତ୍ର ସୁନିଶ୍ଚିତ ହୋଇପାରୁନି ସଂଶୋଧିତ ନାମ

# ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗର କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର,୬।୯(ସମିସ): ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନ ନାମର ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସମାନ ଭାବେ ବ୍ୟବହାର ସୁନିଶ୍ଚିତ ହୋଇପାରୁନାହିଁ। ବାରମ୍ବାର ରାଜସ୍ୱ ବିଭାଗର ନିର୍ଦ୍ଦେଶ ସତ୍ତ୍ୱେ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉ ନାହିଁ। ବେସରକାରୀ କାର୍ଯ୍ୟାଳୟର ଫଳକ ଦୂରର କଥା, ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଏହା ଶତ ପ୍ରତିଶତ ସୁନିଶ୍ଚିତ ହୋଇପାରୁ ନାହିଁ। ଏହାକୁ ନେଇ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଏହି କାର୍ଯ୍ୟ ଶେଷ କରିବାକୁ ୭ ଦିନିଆ ମହଲତ ଦେଇଛନ୍ତି।

ଗତ ୨୨ ଜୁନ୍ ୨୦୨୬ରେ ଓଡ଼ିଶା ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନ୍‌ବୋର୍ଡରେ ଏକ ମାସ ମଧ୍ୟରେ ଲାଗୁ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ୬ ମାସର ସମୟସୀମା ରହିଥିଲା। ସରକାରଙ୍କ ଏହି ନିଷ୍ପତ୍ତି କିଛି ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଅନେକ ଜିଲ୍ଲାରେ ଏହା ଏବେ ବି ବାକି ରହିଛି। କେତେକ ସରକାରୀ କାର୍ଯ୍ୟାଳୟର ସାଇନ୍‌ବୋର୍ଡରେ ଏପର୍ଯ୍ୟନ୍ତ ପୁରୁଣା ଇଂରାଜୀ ବନାନ ବ୍ୟବହୃତ ହେଉଥିବା ସରକାରଙ୍କ

## ସରକାରୀ କାର୍ଯ୍ୟାଳୟକୁ ସାତ ଦିନର ମହଲତ

ଦୃଷ୍ଟିଗୋଚର ହୋଇଛି। ଏଥିମଧ୍ୟରେ ଜୟପୁର ଏବଂ ସୋର ଭଳି ପୁରୁଣା ବନାନ ମଧ୍ୟ ରହିଛି। ଏଗୁଡ଼ିକର ସ୍ଥାନରେ ସରକାରଙ୍କ ଦ୍ୱାରା ଅନୁମୋଦିତ ଇଂରାଜୀ ସଂଶୋଧିତ ବନାନ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି।

ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ସରକାରୀ ସ୍ଥାନ ନାମରେ ସଂଗତି ବଜାୟ ରଖିବା ଅତ୍ୟାବଶ୍ୟକ। ସରକାରୀ ସାଇନ୍‌ବୋର୍ଡରେ ପୁରୁଣା ବନାନର ବ୍ୟବହାର ଜାରି ରହିଲେ ସରକାରୀ ନାମକରଣରେ ଅସଙ୍ଗତି ସୃଷ୍ଟି ହେବା ସହ କ୍ୟାବିନେଟ୍ ନିଷ୍ପତ୍ତିର ଉଦ୍ଦେଶ୍ୟ ପ୍ରଭାବିତ ହେବ। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ସାଇନ୍‌ବୋର୍ଡର ସମୀକ୍ଷା କରି ସଂଶୋଧିତ ଇଂରାଜୀ ବନାନର ସମାନ ଓ ସମୁଚିତ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି। ଏଥିସହ ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ମଧ୍ୟ ଏହି ପରିବର୍ତ୍ତନକୁ ସକରାତ୍ମକ ଭାବେ ଗ୍ରହଣ କରି ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏହି କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହ ଏ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

## ଦୁଇଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପିତ

# ପାରିତ ହେଲା ରାଜନୈତିକ ଚିଠା

କଟକ,୬।୯(ସମିସ): ଜବହରଲାଲ ଇନଡୋର ଷ୍ଟାଡିୟମରେ ଚାଲିଥିବା ବିଜେପିର ଦୁଇଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଉଦଯାପିତ ହୋଇଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ବୈଠକର ଦ୍ୱିତୀୟ ଦିନରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବି.ଏଲ.ସନ୍ତୋଷ ଯୋଗ ଦେଇ କହିଲେ ଯେ ବିଜେପିର ମୂଳମନ୍ତ୍ର ହେଉଛି ସେବା ଭାବ। ସାଧାରଣ କାର୍ଯ୍ୟକର୍ତ୍ତା ଭାବେ ସାଧାରଣ ଲୋକଙ୍କ ପାଇଁ ମନ ପ୍ରାଣ ଦେଇ କାର୍ଯ୍ୟ କରିବା। ସମାଜର ଶେଷ ସୋପନରେ ଥିବା ବ୍ୟକ୍ତିପାଖରେ ପହଞ୍ଚି ତାଙ୍କୁ ସେବା, ସୁବିଧା ଓ ମୌଳିକ ଅଧିକାର ପ୍ରଦାନ କରିବା ହେଉଛି ମୂଳ ଲକ୍ଷ୍ୟ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ଏହାର କାର୍ଯ୍ୟକାରିତା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦୁଇଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀର ଦ୍ୱିତୀୟ ଦିନ ଅବସରରେ ରାଜନୈତିକ ଚିଠା ପ୍ରସ୍ତାବ



ପାରିତ ହୋଇଛି। ଏହି ଅବସରରେ ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି ଏବଂ ପ୍ରକୋଷ୍ଠ ସଂଯୋଜକ ସୁଦୀପ୍ତ ରାୟ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂସଲ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଓ ପ୍ରଭାତୀ ପରିଡା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର,ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, ମନ୍ତ୍ରୀ, ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ।

## ଓଡ଼ିଶା ଟି-୨୦ ମୁଖ୍ୟମନ୍ତ୍ରୀ ଟ୍ରଫି

# ବିପ୍ଳବ ସାମନ୍ତରାୟଙ୍କୁ କଟକ-ପାନ୍ଥର୍ସର ଅଧିନାୟକ ଦାୟିତ୍ୱ ଦେଲା 'ଭାରତ ମସଲା'

କଟକ,୬।୯(ସମିସ): ବାରବାଟୀ ଷ୍ଟାଡିୟମରେ ସେପ୍ଟେମ୍ବର ୨୦ରୁ ଆରମ୍ଭ ହେବାକୁ ଯାଉଥିବା ଓଡିଶା ଟି-୨୦ ମୁଖ୍ୟମନ୍ତ୍ରୀ କ୍ରିକେଟ୍ ଟ୍ରଫିରେ ଭାଗ ନେଇଥିବା ୬ଟି ଦଳ ମଧ୍ୟରୁ କଟକ-ପାନ୍ଥର୍ସକୁ ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ କିଣାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି ଓସିଏ ପକ୍ଷରୁ ଖେଳାଳିମାନଙ୍କୁ ଡ୍ରାଫ୍ଟ ଜରିଆରେ ଚୟନ କରାଯାଇଛି। ଏଥିରେ କଟକ-ପାନ୍ଥର୍ସ ଏ-କାଟାଗୋରୀରେ କ୍ରିକେଟର୍ ବିପ୍ଳବ ସାମନ୍ତରାୟଙ୍କୁ ଅଧିନାୟକ ଭାବେ ଜୟ ଭାରତ ସ୍ପାଇସେସ୍ ଚୟନ

### ୧୬ ଜଣ ଖେଳାଳି ହେଲେ ଚୟନ



କରିଛି। ସେହିପରି ସୌରଭ ଗୌଡ, ଶୁଭମ ଶତ୍ରୁଜିତ୍, କାର୍ତ୍ତିକ ବିଶ୍ୱାଳ, ପ୍ରଶାନ୍ତ ରଣାଙ୍କୁ ମଧ୍ୟ ଜୟ ଭାରତ ସ୍ପାଇସେସ୍ ଏ-କାଟାଗୋରୀରେ ଅନ୍ତର୍ଭୁକ୍ତ କରି ଚୟନ କରିଛି। ଡ୍ରାଫ୍ଟ ଚୟନରେ ବି-କାଟୋଗୋରୀରେ ଅଭିଷେକ ସିଂ, ପୀୟୂଷ ମନ୍ତ୍ରି, ପ୍ରିୟାଂଶୁ ମହାନ୍ତି ଓ ରାଜ୍ ଯାଦବ ଓ ସି-କାଟାଗୋରୀରେ ସୁବାଶିଷ ମଲ୍ଲିକ, ଅଭିରୂପ ଦାଶ, ସାର୍ଥକ ଏସ୍ ପ୍ରକାଶ, ଶିବୁନ୍ ନନ୍ଦ ଏବଂ ଡି କାତାଗୋରିରେ ସୌମ୍ୟରଂଜନ ବିଶ୍ୱାଳ, ଏମ୍ ଗୌତମ ଗୋପାଳ ଓ ଡି ଆୟୁଷଙ୍କୁ ଖେଳାଳି ଭାବେ କମ୍ପାନୀ ପକ୍ଷରୁ ବଛାଯାଇଛି। ଏହି ଚୟନ ବେଳେ ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ନିର୍ଦ୍ଦେଶିକା ଏସ୍‌ଏନ୍ ମିଲେନିୟମ୍, ଜିଏମ୍ ବିପିନ୍ ରାଉତ, ଜିଏମ୍ ଅରୁଣ ନାୟକ ଉପସ୍ଥିତ ରହି ଖେଳାଳିମାନଙ୍କୁ ବାଛିଥିଲେ। ହେଡ୍-କୋଚ୍ ଭାବେ ପ୍ରଭଞ୍ଜନ ମଲ୍ଲିକ୍ ଏବଂ ସହଯୋଗୀ କୋଚ୍ ଭାବେ ଦୀପକ ମଙ୍ଗରାଜଙ୍କୁ ଦାୟିତ୍ୱ ଦାୟିତ୍ୱ ଦିଆଯାଇଛି।

ଚୟନ ହୋଇଥିବା କ୍ରିକେଟରଙ୍କ ଅଭିଜ୍ଞତା, ନେତୃତ୍ୱ ଦକ୍ଷତା ଓ ଯୁବ କ୍ରିକେଟରମାନଙ୍କୁ ମାର୍ଗଦର୍ଶନ କରିବାର କ୍ଷମତା କଟକ-ପାନ୍ଥର୍ସ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ସମ୍ପଦ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା କହିଛନ୍ତି ଯେ କଟକ-ପାନ୍ଥର୍ସର ଉଦ୍ଦେଶ୍ୟ କେବଳ ଏକ ଟି-୨୦ ଦଳ ଗଠନ କରି ପ୍ରତିଯୋଗିତାରେ ଭାଗ ନେବା ନୁହେଁ; ବରଂ ଓଡିଶାର ମାଟିରେ ଲୁଚି ରହିଥିବା ପ୍ରତିଭାମାନଙ୍କୁ ଖୋଜି ବାହାର କରି ସେମାନଙ୍କୁ ଏକ ସୁଯୋଗ ଓ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରିବା। ସେ ଆହୁରି କହିଛନ୍ତି ଯେ ଯୁବ ଖେଳାଳିଙ୍କ ପାଇଁ ଉଚ୍ଚମାନର କୋଚିଂ, ଫିଟନେସ୍ ଟ୍ରେନିଂ, ମ୍ୟାଚ୍ ଏକ୍ସପୋଜର୍, ମାନସିକ ପ୍ରସ୍ତୁତି ଓ ଆଧୁନିକ କ୍ରିକେଟ୍ ଟେକ୍ନିକ୍ ଉପରେ ଗୁରୁତ୍ୱ ଦିଆଯିବ। ପ୍ରତିଭାକୁ ସୁଯୋଗ ସହିତ ଯୋଡିବା ଏବଂ ଖେଳାଳିମାନଙ୍କୁ ପର୍ଯ୍ୟାୟକ୍ରମେ ଉଚ୍ଚସ୍ତରୀୟ କ୍ରିକେଟ୍ ପାଇଁ ପ୍ରସ୍ତୁତ କରିବା ଦୀର୍ଘମିଆଦି ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। କଟକ-ପାନ୍ଥରର୍ସରୁ ବାହାରିବାକୁ ଥିବା କ୍ରିକେଟର୍‌ମାନେ ଆଇପିଏଲ୍‌ରେ ଖେଳିବାର ସମସ୍ତ ସୁଯୋଗ ଜୟ ଭାରତ ସ୍ପାଇସେସ୍ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଯୋଗାଣମନ୍ତ୍ରୀ ଅସହାୟ, ସମବାୟ ମନ୍ତ୍ରୀ ହତାଶ: ବିଜେଡି

ଭୁବନେଶ୍ୱର,୬।୯(ସମିସ): ବିଜେପି ସରକାରରେ ଓଡ଼ିଶାବାସୀ ବାରମ୍ବାର ଉପେକ୍ଷିତ ହେଉଛନ୍ତି। କେନ୍ଦ୍ର ସରକାର ଓଡ଼ିଶାକୁ ପୁଣି ଉପେକ୍ଷା କରିଥିବା ବେଳେ ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଯାହାଫଳରେ ରାଜ୍ୟର ମଣ୍ଡିରେ ଚାଉଳ ପଡ଼ି ରହିଥିବା ବେଳେ ଖରିଫ ଧାନ ସଂଗ୍ରହ ବାଧାପ୍ରାପ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି ବୋଲି ଉଦବେଗ ପ୍ରକାଶ କରିଛନ୍ତି ବିଜେଡି ରାଜ୍ୟ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା। ସେ କହିଛନ୍ତି ଯେ ଏଫସିଆଇ ଚାଉଳ ନ ଉଠାଇବା ପ୍ରସଙ୍ଗରେ ସମବାୟ ମନ୍ତ୍ରୀ ଦେଇଥିବା ବୟାନ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପୂର୍ବରୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ନିଜ ବକ୍ତବ୍ୟରେ କେନ୍ଦ୍ର ସରକାର ଆମ କଥା ଶୁଣୁ ନାହାନ୍ତି ବୋଲି କହି ନିଜ ଅସହାୟତା ପ୍ରକାଶ କରିଥିଲେ। ବର୍ତ୍ତମାନ ସମବାୟ ମନ୍ତ୍ରୀ ନିଜ ବକ୍ତବ୍ୟ ଜରିଆରେ ହତାଶଭାବକୁ ପରିପ୍ରକାଶ କରିଛନ୍ତି। ଡବଲ ଇଞ୍ଜିନ୍ ସରକାରରେ ଓଡ଼ିଶାର ଜଣେ ମନ୍ତ୍ରୀ ଭାବେ ନିଜେ ଉତ୍ତରଦାୟିତ୍ୱ ନେଇ ହକ୍ ହାସଲ କରିବା ପାଇଁ ଲଢେଇ କରିବା ବଦଳରେ କେନ୍ଦ୍ର ସରକାରଙ୍କ ନିକଟରେ

**■ ବିଜେପିର ନିର୍ବାଚିତ ୨୦ ସାଂସଦଙ୍କ ଭୂମିକାକୁ ନେଇ ପ୍ରଶ୍ନ**
**■ ସମସ୍ୟାର ସମାଧାନ ନହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ**

ନିଜର ଅସହାୟତା ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ଏହିପରି ବକ୍ତବ୍ୟ ପ୍ରଦାନ କରିବା ସାଢ଼େ ୪ କୋଟି ଓଡ଼ିଶାବାସୀ ତଥା ଚାଷୀକୂଳଙ୍କ ପାଇଁ ଘୋର ଅପମାନ। ଗତ ୨୦୨୪ ନିର୍ବାଚନ ସମୟରେ ଓଡ଼ିଆ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର କେନ୍ଦ୍ର ସରକାରଙ୍କ ନିକଟରେ ନିଜକୁ ସମର୍ପଣ କରିଛନ୍ତି। ଏଥିପାଇଁ ଓଡ଼ିଶାବାସୀ ଆପଣମାନଙ୍କୁ ଭୋଟ୍ ଦେଇଥିଲେ ବୋଲି ପ୍ରଶ୍ନ କରିଛନ୍ତି। ଓଡ଼ିଶାରୁ ନିର୍ବାଚିତ ୨୦ଜଣ ବିଜେପି ସାଂସଦ ମାନେ ଦିଲ୍ଲୀରେ କଣ କରୁଛନ୍ତି? ରାଜ୍ୟର ହକ ପାଇଁ ନଲଢ଼ି କେଉଁ କାରଣ ପାଇଁ ଚୁପ ବସିଛନ୍ତି? ଯଦି ଆଗାମୀ ଦିନରେ ଚାଷୀ କୂଳଙ୍କ ସମସ୍ୟାର ସମାଧାନ ନହୁଏ ତେବେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ଏବଂ ଚାଷୀ ମାନଙ୍କ ହକ୍ ପାଇଁ ଲଢେଇ କରିବ ବୋଲି କହିଛନ୍ତି।

## ପାରାଦୀପ ବନ୍ଦରକୁ ମିଳିଲା ଐତିହାସିକ ସଫଳତା

# ପଶ୍ଚିମ ଡକ୍-୧ରେ ଲାଗିଲା ବୃହତକାୟ ଜାହାଜ

ପାରାଦୀପ,୬।୯(ସମିସ): ପାରାଦୀପ ବନ୍ଦରକୁ ରବିବାର ଐତିହାସିକ ସଫଳତା ମିଳିଛି। ଶନିବାର ଦିନ ୬ଟା ସମୟରେ ୧୬.୫ ମିଟର ଡ୍ରାଫ୍ଟ ବିଶିଷ୍ଟ ଜାହାଜ ନବନିର୍ମିତ ପଶ୍ଚିମ ଡକ୍-୧ରେ ସଫଳତାର ସହିତ ଲାଗିଛି। ୨୯୨ ମିଟର ଲମ୍ବ ଓ ୪୫ ମିଟର ପ୍ରସ୍ଥ ବିଶିଷ୍ଟ ମିନେରାଲ କ୍ୱାଙ୍ଗୟାଙ୍ଗ ନାମକ ଏହି ଜାହାଜ ପାରାଦୀପ ବନ୍ଦର ପଶ୍ଚିମ ଡକ୍-୧ରେ ଲାଗିବା ପ୍ରଥମ ଘଟଣା। ପାରାଦୀପ ବନ୍ଦରର ଭିତ୍ତିଭୂମି ଦ୍ରୁତ ବିକାଶ ହେବାରେ ଲାଗିଛି। ଏହି ବୃହତକାୟ ଜାହାଜରେ ଅଷ୍ଟ୍ରେଲିୟାରୁ ୧ଲକ୍ଷ ୫୨ହଜାର ୭୦୨ ମେଟ୍ରିକ୍ ଟନ୍ କୁକିଙ୍ଗ କୋଲ୍ ବୋଝେଇ ହୋଇଆସିଛି। ପାରାଦୀପ ବନ୍ଦର ବୃହତକାୟ ଜାହାଜ ଚଳାଚଳ ପାଇଁ ଉପଯୁକ୍ତ ସ୍ଥାନ ବୋଲି ପ୍ରମାଣିତ ହୋଇଛି। ଏହି ଐତିହାସିକ ସଫଳତା ପାରାଦୀପ ବନ୍ଦର ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବା କହିଛନ୍ତି ପାରାଦୀପ ବନ୍ଦର ଟ୍ରାଫିକ୍ ମ୍ୟାନେଜର ରାଜେନ୍ଦ୍ର କୁମାର ଓ ଜିନ୍ଦଲ ପାରାଦୀପ ପୋର୍ଟ ଲି.ର ଡେପୁ୍ୟଟି ସିଇଓ



ସନ୍ଦୀପ ଜୟସ୍ୱାଲ। ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ଜେପିପିଏଲ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଟ୍ରେନ୍‌ଲାଇନ୍‌ରେ କଟି ବାପ ଓ ପୁଅ ମୃତ

ଦାନଗଦି,୬।୯(ସମିସ): ଟମକା ଥାନା ଅନ୍ତର୍ଗତ ନାଉବାହାଳି ଗ୍ରାମ ନିକଟରେ ଥିବା ଟ୍ରେନ୍‌ଲାଇନ୍‌ରେ କଟି ବାପା ଓ ତାଙ୍କ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଯାଇଛି। ଉଭୟଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ରେଳବାଇ ପୁଲିସ ୫୮/୨୬, ୫୯/୨୬ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଛି। ମୃତକ ଦୁଇଜଣ ହେଲେ ଦେଉଳକଣ ପଞ୍ଚାୟତ ଅନ୍ତର୍ଗତ ନୂଆ ବଗପାଟିଆ ଗ୍ରାମର ବିଶୁ ପେଣ୍ଟଇ (୨୮) ଏବଂ ତାଙ୍କ ୨ ବର୍ଷର ଶିଶୁପୁତ୍ର ସତ୍ୟଜିତ ପେଣ୍ଟେଇ। ସ୍ଥାନୀୟ ଲୋକେ କହିବା ଅନୁସାରେ ଦେଉଳକଣ ପଞ୍ଚାୟତ ନୟା ବଗପାଟିଆ ଗ୍ରାମର ବିଶୁ ପେଣ୍ଟଇ, ସ୍ତ୍ରୀ ଓ ତାଙ୍କ ଅଢ଼େଇ ବର୍ଷର ଶିଶୁପୁତ୍ର ସହ ରବିବାର ବ୍ରାହ୍ମଣୀପାଳକୁ ଯାଉଥିବା ବେଳେ ଏକ ମାଲବାହି ଟ୍ରେନ୍ ଧକ୍କାର ଶିକାର ହୋଇଥିଲେ। ଖବର ପାଇ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

## ଚାଉଳ ଉଠାଣ ପ୍ରସଙ୍ଗରେ ବର୍ଷିଲା କଂଗ୍ରେସ

# ବିଜେପି ସାଂସଦଙ୍କ ନିରବତାକୁ ନେଇ ପ୍ରଶ୍ନ

**■ ରାଜ୍ୟର ଭାତହାଣ୍ଡିରୁ ଚାଉଳ ନଉଠାଇବା ଚାଷୀଙ୍କ ପ୍ରତି ଅନ୍ୟାୟ**
**■ ସେପ୍ଟେମ୍ବର ୧୫ ମାସେବ୍ୟାପୀ ପ୍ରତିବାଦ କରିବ କଂଗ୍ରେସ**

ଭୁବନେଶ୍ୱର,୬।୯(ସମିସ): ଏଫସିଆଇ ରାଜ୍ୟରୁ ଚାଉଳ ଉଠାଉନି ବୋଲି ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟ ରାଜ୍ୟ ସରକାରଙ୍କ ଅପାରଗତାର ପରିଚୟ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେଲେ, ରାଜ୍ୟର ଦୁଇଗୁଣା ବିକାଶ ହେବ ବୋଲି ବିଜେପି କହିଥିଲା। କିନ୍ତୁ ଏବେ କେନ୍ଦ୍ର ଆମକୁ ଉପେକ୍ଷା କରୁଛି ବୋଲି କହିବା, ସାଧାରଣ ଜନତାଙ୍କ ସହ ବିଶ୍ୱାସଘାତ ସଦୃଶ। ଏଫସିଆଇ ଚାଉଳ ଉଠାଉନି ଏବଂ ଆମ କଥାକୁ ଏଫସିଆଇ ବେଖାତିର କରୁଛି ବୋଲି ଯୋଗାଣ ମନ୍ତ୍ରୀ ସର୍ବ ସମ୍ମୁଖରେ କହିବା ଡବଲ ଇଞ୍ଜିନର ମୁଖା ଖୋଲି ଦେଇଛି ବୋଲି ରାଜ୍ୟ କଂଗ୍ରେସ କହିଛି।

ରବିବାର ରାଜ୍ୟରୁ ଏଫସିଆଇ ଚାଉଳ ନ ଉଠାଇବା ପ୍ରସଙ୍ଗକୁ ନେଇ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି, ପଶ୍ଚିମାଞ୍ଚଳ ଓଡ଼ିଶାର ଭାତହାଣ୍ଡି। ସେଠାରେ କୃଷକଙ୍କ ଧାନ ବିକ୍ରୀ ନହୋଇ ପଡି ରହିବା ପରିତାପର ବିଷୟ। କିନ୍ତୁ ପଶ୍ଚିମାଞ୍ଚଳର ସାଂସଦ ଏହି ବିଷୟକୁ ନେଇ ଚୁପ ରହିବା କୃଷକଙ୍କ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ। ଜନତା ଭୋଟ ଦେଇ ନିର୍ବାଚିତ କରିଛନ୍ତି। ତାଙ୍କ ଅସୁବିଧା ସମୟରେ ପ୍ରତିନିଧିଗଣ ନୀରବ ରହିବା ବିଜେପିର ପ୍ରକୃତ ପରିଚୟ ଏବଂ ଏହା ରାଜ୍ୟବାସୀ ଜାଣି ରଖିବା ଉଚିତ ବୋଲି ଡଃ ପଟ୍ଟନାୟକ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ କିଷାନ ସେଲ ଅଧ୍ୟକ୍ଷ ଅଭୟ ସାହୁ ଘୋଷଣା କରିଛନ୍ତି ଯେ, ଚାଷୀଙ୍କ ସୁରକ୍ଷା ବିଫଳତା, ଚାଉଳ ନ ଉଠିବା ପୁଣି ଖରିଫ ଋତୁର ଚାଉଳ କେମିତି ଉଠିବ ଆଦି ପ୍ରସଙ୍ଗକୁ ନେଇ କିଷାନ କଂଗ୍ରେସ ଆସନ୍ତା ସେପ୍ଟେମ୍ବର ୧୫ ରୁ ନଭେମ୍ବର ୧୫ ଗୋଟିଏ ମାସଧରି ପ୍ରତି ଜିଲ୍ଲାରେ ୨ ଦିନ ଲେଖାଏଁ ପ୍ରତିବାଦ




କାର୍ଯ୍ୟକ୍ରମ କରିବ ବୋଲି ସେ କହିଛନ୍ତି।

ପିସିସି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କୃଷକଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟକୁ ନେଇ କଡା ସମାଲୋଚନା କରି କହିଛନ୍ତି ଯେ, ଡବଲ ଇଞ୍ଜିନ ସରକାରଙ୍କ ଯୋଗୁଁ ଆଜି ରାଜ୍ୟର ଚାଷୀ ଡବଲ ଅସୁବିଧା ଓ ଦୁଃଖର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ଏମଏସପି ବୃଦ୍ଧି କରିଛନ୍ତି କିନ୍ତୁ ଅନ୍ୟ ପଟରେ ଚାଷୀଙ୍କ ଧାନ କିଣୁ ନାହାନ୍ତି। ଏମଏସପି ବୃଦ୍ଧି ଯୋଗୁଁ କୃଷକ ଯେତିକି ଲାଭବାନ ହେବାକଥା ତାହା ନ ହୋଇ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ସରକାର ଏମଏସପିକୁ ଆଜି ପର୍ଯ୍ୟନ୍ତ ନିୟମ କରି ପାରିଲେ ନାହିଁ। ଏଥିରୁ କୃଷକ ପାଇଁ ସରକାରଙ୍କ ଅଭିସନ୍ଧି ଯେ ମନ୍ଦ, ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ।

## ଚେନ୍ନାଇରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



ରାୟଗଡ଼,ଗଜପତି,୬।୯(ସମିସ): ରୋଜଗାର ଆଶାରେ ଭିଟାମାଟି ଛାଡ଼ି ସୁଦୂର ଚେନ୍ନାଇ ଯାଇଥିବା ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଉମ୍ବାଳ ପଞ୍ଚାୟତର ମୁନିସିଂ ଗ୍ରାମର ଇଗୋଲା ଗମାଙ୍ଗଙ୍କ ୧୯ ବର୍ଷୀୟ ପୁଅ ଚନ୍ଦ୍ର ଗମାଙ୍ଗ। ସୂଚନା ଅନୁସାରେ, ଗ୍ରାମର ଅନ୍ୟ କେତେକ ଯୁବକଙ୍କ ସହ ଚନ୍ଦ୍ର ଚେନ୍ନାଇରେ ରହି ଏକ ବେସରକାରୀ ସଂସ୍ଥାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟରତ ଅବସ୍ଥାରେ ବିଦ୍ୟୁତ ଶଟ୍ ସର୍କିଟ୍ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ଖବର ମିଳିଛି। ପରିବାରର ରୋଜଗାରିଆ ପୁଅକୁ ହରାଇ ବାପା-ମା' ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ମୃତଦେହକୁ ନିଜ ଗାଁକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି। ଏଥିସହିତ ପ୍ରଶାସନିକ ସ୍ତରରେ ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଅଟୋକୁ ପିଟିଲା କଣ୍ଟେନର; ଜଣେ ମୃତ, ୧୧ ଗୁରୁତର

ଖଲ୍ଲିକୋଟ,୬।୯(ସମିସ): ଖୋର୍ଦ୍ଧା-ଗଞ୍ଜାମ ଜିଲ୍ଲା ସୀମାନ୍ତ ୧୬ ନଂ ଜାତୀୟ ରାଜପଥର ଜଳିଶଙ୍ଗ ଠାରେ ଆଜି ଅପରାହ୍ଣରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଗୋଟିଏ ଯାତ୍ରୀବାହୀ ଅଟୋକୁ ପଛପଟୁ ଦ୍ରୁତଗାମୀ କଣ୍ଟେନର ଧକ୍କା ଦେବାରୁ ଅଟୋ ଓଲଟି ପଡ଼ିଥିଲା। ଫଳରେ ଜଣେ ୧୭ ବର୍ଷୀୟ ନାବାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଶିଶୁଙ୍କ ସମେତ ୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ଦୁର୍ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ସ୍ଥାନୀୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଖଲ୍ଲିକୋଟ ଥାନା ପଥରା ଗ୍ରାମର ଗୋଟିଏ ପରିବାରର ସଦସ୍ୟ ଅଟୋରେ ବାଲୁଗାଁରୁ ଘରକୁ ଫେରୁଥିବା କଣ୍ଟେନର ଅଟୋକୁ ଧକ୍କା ଦେଇ ଚାଲି ଯାଇଥିଲା। ମୃତକ ରମ୍ଭା ବଙ୍ଗଳା ସାହିର କେ. ଚିନା ରାଓ। ମୃତ ନାବାଳକ ଜଣକ ଗାଁକୁ ଯିବା ପାଇଁ ଅଟୋକୁ ଲିଫ୍ଟ ମାଗି



ବସିଥିଲେ। ଅନ୍ୟପଟେ ଅଟୋରେ ଥିବା ପଥରା ଗାଁର ଗୋଟିଏ ପରିବାରର ୧୧ ଜଣ ଗୁରୁତର ଆହତ ହୋଇଛନ୍ତି, ଯେଉଁଥିରେ ୭ ଜଣ ଶିଶୁ ରହିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ୪ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହି ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରା ଯାଇଛି। ଖଲ୍ଲିକୋଟ ପୁଲିସ ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଧରିଛି। ଏଥିସହ ଡ୍ରାଇଭରକୁ ଅଟକ ରଖିଛି।

# ଅବୈଦିକ ବିଚାର ହିଁ ଅନ୍ଧବିଶ୍ୱାସର ଜନ୍ମଦାତ୍ରୀ

ଭୁବନେଶ୍ୱର,୬।୯(ସମିସ): ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ୭୮ ବର୍ଷ ଅତିବାହିତ ହେବା ପରେ ମଧ୍ୟ ଦେଶବାସୀଙ୍କ ମଧ୍ୟରେ ସ୍ୱାଧୀନ ନାଗରିକର ସ୍ୱାଭିମାନ, କର୍ତ୍ତବ୍ୟବୋଧ, ଦେଶାତ୍ମବୋଧ ଜାଗ୍ରତ ନହୋଇ ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଅହେତୁକ ଆକର୍ଷଣ ଓ ମୋହ ବିଶେଷ ଭାବରେ ଉଚ୍ଚ ସମ୍ଭ୍ରାନ୍ତ ବଂଶର ଲୋକମାନଙ୍କ ଠାରେ ପରିଲକ୍ଷିତ ହେଉଛି। ବୈଦିକ ଜ୍ଞାନ ଅଭାବରେ ଏଠାରେ ନାନା ପ୍ରକାର ଅନ୍ଧବିଶ୍ୱାସ, କୁସଂସ୍କାର, ବୁଦ୍ଧିହୀନ, ଅବୈଦିକ ପ୍ରଥା ସମାଜକୁ ଗ୍ରାସ କରିଛି। ଅବୈଦିକ ବିଚାର ହିଁ ଅନ୍ଧବିଶ୍ୱାସର ଜନ୍ମଦାତ୍ରୀ ବୋଲି ବିଶିଷ୍ଟ ବୈଦିକ ବିଦ୍ୱାନମାନେ ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର ଆର୍ଯ୍ୟସମାଜରେ ୮ ଦିନ ଧରି ଚାଲିଥିବା ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ସପ୍ତାହ ଅବସରରେ ଯୋଗଦେଇ ବିଦ୍ୱାନମାନେ ଏହା ପ୍ରକାଶ କରିବା ସହ ସମସ୍ତ ପ୍ରକାର ଭେଦଭାବର ଊର୍ଦ୍ଧ୍ୱକୁ ଉଠି ପ୍ରାଦେଶିକତା, ମତାନ୍ଧତା ଛାଡ଼ି ବିଶ୍ୱରେ ମାନବିକତାର ପ୍ରସାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରାବଣୀ ମହୋତ୍ସବରେ ପ୍ରତ୍ୟହ କୋଲକାତାର ବିଶିଷ୍ଟ ବୈଦିକ ବିଦ୍ୱାନ ବ୍ରହ୍ମଦତ୍ତ ଜିଜ୍ଞାସୁ ଓ ଧର୍ମପତ୍ନୀ ମୀରା ଶାସ୍ତ୍ରୀ ପ୍ରବଚନ ଦେଇଥିଲେ। ବିଭିନ୍ନ ଦିବସରେ ବିଶିଷ୍ଟ ମନୋବିଜ୍ଞାନୀ ପ୍ରଫେସର ବସନ୍ତ କୁମାର ଦାସ, ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସମାଜର ପ୍ରକାଶକ ଓ ମୁଦ୍ରାକର




ରାଜେନ୍ଦ୍ର ଜେନା, ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଓଡ଼ିଶା ଆର୍ଯ୍ୟସମାଜର ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସମ୍ପାଦକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଉଦଯାପନ ଦିବସରେ ନୂଆପଡ଼ା ସ୍ଥିତ ଆମସେନା ଗୁରୁକୁଳର ବ୍ରହ୍ମଚାରୀମାନଙ୍କ ପରିଚାଳନା ଆୟୋଜିତ ସାମବେଦ ପରାୟଣ ଯଜ୍ଞରେ ଯଜମାନ ଭାବେ ରହିଥିଲେ ବିଶିଷ୍ଟ ଶିଳ୍ପପତି ଯଜ୍ଞାଶୀଷ ମହାପାତ୍ର, ଜୟନ୍ତ କୁମାର ଦେ, ବରିଷ୍ଠ ସଦସ୍ୟ ସୁଧାକର ପତ୍ରୀ ଓ ନିହାରବାଳା ପତ୍ରୀ,

### ଆର୍ଯ୍ୟସମାଜରେ ଶ୍ରାବଣୀ ଉପାକର୍ମ ଉଦ୍‌ଯାପିତ

ସବିତା ପଣ୍ଡା ଓ ତେଜେଶ୍ୱର ଆର୍ଯ୍ୟ। ସଭାପତି ଶନ୍ନୋଦେବୀ, ଉପସଭାପତି ବୀରେନ୍ଦ୍ର କର, ମୁଖ୍ୟ ଉପଦେଷ୍ଟା ଇଂ ବ୍ରଜବନ୍ଧୁ ପଣ୍ଡା, ବରିଷ୍ଠ ସଦସ୍ୟ ଦିବ୍ୟଜ୍ଞାନାନନ୍ଦ ପ୍ରମୁଖ ପ୍ରବଚନ ଦେଇ କରିଥିଲେ ଯେ ଏକମାତ୍ର ବେଦିଁ ଏପରି ଗ୍ରନ୍ଥ ଯହିଁରେ କୌଣସି ଗୋଟିଏ ଦେଶ ଅଥବା ସମୂହ ପାଇଁ ନହୋଇ ସଂପୂର୍ଣ୍ଣ ସଂସାରର ପ୍ରତ୍ୟେକ ଗୋଟିଏ ଦେଶ ଅଥବା ସମୂହ ପାଇଁ ନହୋଇ ସଂପୂର୍ଣ୍ଣ ସଂସାରର ପ୍ରତ୍ୟେକ ସ୍ଥାନରେ ରହୁଥିବା ପ୍ରତ୍ୟେକ ଲୋକମାନଙ୍କ ପାଇଁ ସମାନ ରୂପରେ ଆତ୍ମୋନ୍ନତି ସାମାଜିକ ଉତ୍ଥାନ, ଶାନ୍ତି ସଦ୍‌ଭାବ, ସଦାଚାର, ଲୌକିକ ସୁଖ ତଥା ପାରଲୌକିକ ଆନନ୍ଦର ମାର୍ଗ ପ୍ରଶସ୍ତ କରିଛି। ବ୍ରହ୍ମଚାରୀଙ୍କ ସମେତ ସଦସ୍ୟ ଯଜ୍ଞପ୍ରକାଶ ଦାସ, ମମିତା ମିଶ୍ର, ବନ୍ଦନା ଦାଶ, ନୃସିଂହ ଚରଣ ସ୍ୱାଇଁ ଭଜନ ପରିବେଷଣ କରିଥିବା ବେଳେ ତେଜେଶ୍ୱର ବୈଦିକ ବିଚାର ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଦ୍ୱାନ ଶ୍ରୀ ଜିଜ୍ଞାସୁ ଓ ଶ୍ରୀମତୀ ଶାସ୍ତ୍ରୀଙ୍କ ସମେତ ଗୁରୁକୁଳ ବ୍ରହ୍ମଚାରୀମାନଙ୍କୁ ଆର୍ଯ୍ୟସମାଜ ପକ୍ଷରୁ ଓ ସଦସ୍ୟ, ସଦସ୍ୟାମାନଙ୍କ ପକ୍ଷରୁ ଅର୍ଥରାଶି ସହ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଉପଦେଷ୍ଟା ଯଜ୍ଞପ୍ରକାଶ ଦାସ, ରବିନାରାୟଣ ମହାନ୍ତି ଓ କୋଷାଧ୍ୟକ୍ଷ ସୁନୀଲ କୁମାର ଦେ। ଇଂ ଦୁର୍ଗାପ୍ରସାଦ ପାଣିଗ୍ରାହୀଙ୍କ ଇଂରାଜୀ ପୁସ୍ତକକୁ ଅତିଥିମାନେ ପାଠକାର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ଅନିରୁଦ୍ଧ ପଟ୍ଟନାୟକ, ବିକ୍ରମାଦିତ୍ୟ ନାୟକ ଓ ସୁପ୍ରିୟା ରଥ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଧନପ୍ରାପ୍ତି ଯୋଗ ଅଛି। ସାମାଜିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ବୃଷ:** ପିଲାଙ୍କ ସହ ସମୟ ଅତିବାହିତ କରିବେ। ଅଟକି ଥିବା କାର୍ଯ୍ୟ ପୂରା ହୋଇପାରେ। କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବେ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ଜୀବନସାଥୀଙ୍କଠାରୁ ଭଲ ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଅଯଥା କାମରେ ସମୟ ନଷ୍ଟ କରନ୍ତୁନି।

**ସିଂହ:** ଚିନ୍ତା ଦୂର ହେବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ାପାଇଁ ବ୍ୟସ୍ତ ହେବେ। ସମାଜସେବାରେ ସମୟ ଦେବେ। କଠିନ ପରିଶ୍ରମ କରିବେ।

**କନ୍ୟା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ।

**ତୁଳା:** ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟବ୍ୟୟ ସମାନ ରହିବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ବିବାହରେ ସମସ୍ୟା ଉପୁଜିବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ। ଅଯଥା ଖର୍ଚ୍ଚ ବଢ଼ିବ।

**କୁମ୍ଭ:** କର୍ମଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେଇପାରନ୍ତି। କର୍ମକ୍ଷେତ୍ରରେ ଅସନ୍ତୋଷ ଲାଗି ରହିବ। ଆୟ ଅନୁସାରେ ଖର୍ଚ୍ଚ ଅଧିକ ବଢ଼ିବ। କଠିନ ପରିଶ୍ରମ କରି ସଫଳ ହେବେ।

## ଆଜିର ଇତିହାସ

- ୧୯୦୬- ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍ଥାପନା।
- ୧୯୨୧- ମିସ୍ ଆମେରିକା ପ୍ରତିଯୋଗିତାର ଆରମ୍ଭ ହେଲା।
- ୧୯୪୩-ଟେକ୍ସାସ୍‌ର ଏକ ହୋଟେଲରେ ଅଗ୍ନିକାଣ୍ଡ ଘଟି ୮୩ ଜଣ ଜୀବନ୍ତ ଦଗ୍ଧ ହୋଇଥିଲେ।
- ୧୯୭୭: ଇଥୋପିଆ, ସୋମାଲିଆଠାରୁ ରାଜନୈତିକ ସମ୍ପର୍କ ଛିନ୍ନ କଲା।
- ୧୯୯୯-ଏଥେନ୍ସ ଭୂମିକମ୍ପରେ ୫୦,୦୦୦ ଲୋକ ବାସହରା ହୋଇଥିଲେ।

## ୟୁପିଏସ୍‌ସିରେ ବିଫଳ ହେବାରୁ ମନ୍ଦିରକୁ ଦାନ



ୟୁପିଏସ୍‌ସି ସିଭିଲ ସର୍ଭିସ୍ ପ୍ରସ୍ତୁତି ଆଦୌ ସହଜ ହୋଇ ନ ଥାଏ। ଏହା ଦେଶର ସବୁଠାରୁ କଠିନ ପରୀକ୍ଷାଗୁଡ଼ିକ ମଧ୍ୟରୁ ଅନ୍ୟତମ, ଯେଉଁଥିପାଇଁ ଧୈର୍ଯ୍ୟ, କଠିନ ପରିଶ୍ରମ ଏବଂ ସଠିକ୍ ରଣନୀତିର ଆବଶ୍ୟକତା ରହିଛି। ବିଶାଳ ସିଲାବସ ଏବଂ ଅପରିସୀମ ପ୍ରତିଯୋଗିତା ଯୋଗୁଁ ଅନେକଙ୍କୁ ନିରାଶ ହେବାକୁ ବି ପଡ଼ିଥାଏ। ଏହି କ୍ରମରେ ଜଣେ ୨୬ ବର୍ଷୀୟ ୟୁପିଏସ୍‌ସି ଆଶାୟୀଙ୍କ କାହାଣୀ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏହି ଯୁବକ ଜଣକ ୪ ଥର ବିଫଳ ହେବା ପରେ ନିଜର ସମସ୍ତ ବହି କବାଡ଼ିବାଲାକୁ ବିକ୍ରି କରି ସେଥିରୁ ମିଳିଥିବା ୪୬୪ ଟଙ୍କା ଏକ ମନ୍ଦିରରେ ଦାନ କରିଛନ୍ତି। ସମ୍ପୃକ୍ତ ଯୁବକ ଜଣକ ୨୦୨୩, ୨୦୨୪, ୨୦୨୫ରେ ଲଗାତାର ୟୁପିଏସ୍‌ସି ମେନ୍ସ ପରୀକ୍ଷା ଦେଲେ। ହେଲେ ଏଥିରେ ସେ ସଫଳ ହୋଇପାରିଲେ ନାହିଁ। ଏପରିକି ୨୦୨୬ରେ ପ୍ରିଲିମ୍ ବି ପାସ୍ କରିପାରିଲେ ନାହିଁ। ଏହାପରେ ସେ ନିଷ୍ପତ୍ତି ନେଲେ ଆଉ ୟୁପିଏସ୍‌ସି ପରୀକ୍ଷା ଦେବେ ନାହିଁ। ପରୀକ୍ଷା ଲାଗି ପ୍ରସ୍ତୁତି କରୁଥିବା ଏନ୍‌ସିଇଆର୍‌ଟି ବହି, ପୁରୁଣା ଟେଷ୍ଟ ପେପର୍, ମକ୍ ଟେଷ୍ଟ, ହାତ ତିଆରି ନୋଟ୍ ଆଦିକୁ ସେ କବାଡ଼ିବାଲାକୁ ବିକ୍ରି କରିଦେଲେ। ଅବଶ୍ୟ ତାଙ୍କ ପାଇଁ ଏହି ସବୁ କେବଳ କାଗଜ ନ ଥିଲା। ଭୋର ୪ଟାରେ ଉଠି ପ୍ରସ୍ତୁତ କରିଥିବା ଆନାଲିସିସ୍ ସିଟ୍, ଟେଷ୍ଟ ତଥା ବର୍ଷ ବର୍ଷର ପରିଶ୍ରମ ସେଥିରେ ଲୁଚି ରହିଥିଲା। ୨୦୨୨ରେ ସେ ଏକ ଚାକିରି ଛାଡ଼ି ୟୁପିଏସ୍‌ସି ପ୍ରସ୍ତୁତି ଆରମ୍ଭ କରିଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ରେଡ୍ଡିଟ୍' ରେ ସେ ନିଜର ଏହି କୋହଭରା ଅନୁଭୂତି ସେୟାର କରି ଲେଖିଛନ୍ତି: "ବହିରୁ ଯାହା ମିଳିବା କଥା ତାହା ତ ମିଳିଲା ନାହିଁ। ତେଣୁ ଏହି ରଦ୍ଦି ବହିରୁ ଆଉ ୧୦୦ କିମ୍ବା ୨୦୦ ଟଙ୍କା ଅଧିକ କି କମ୍ ମିଳିଲେ କିଛି ଫରକ ପଡ଼େନି। ଏହି ଦାନ କୌଣସି ପୁଣ୍ୟ କିମ୍ବା ପରବର୍ତ୍ତୀ ପ୍ରଚେଷ୍ଟାର ଭାଗ୍ୟ ପାଇଁ ନ ଥିଲା, କାରଣ ସେ ଆଉ ଆଗକୁ ଚେଷ୍ଟା ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା କେବଳ ଭଗବାନଙ୍କୁ ଏତିକି କହିବା ପାଇଁ ଥିଲା ଯେ- "ମୋର ହୃଦୟ ଆପଣଙ୍କ (ଭଗବାନ) ତୁଳନାରେ ଅନେକ ବଡ଼, ଯିଏ ମୋ ସହିତ ଏମିତି କଲେ।" ସେହିପରି ଏହି ଘଟଣା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। ଏହି ପୋଷ୍ଟଟି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲକ୍ଷ ଲକ୍ଷ ଲୋକ ଭାବପ୍ରବଣ ହୋଇ ଯାଇଛନ୍ତି। ବିଶେଷ କରି ରାଜେନ୍ଦ୍ର ନଗର କିମ୍ବା ମୁଖାର୍ଜୀ ନଗର ଭଳି ସ୍ଥାନରେ ରହି ଦିନରାତି ପରିଶ୍ରମ କରୁଥିବା ୟୁପିଏସ୍‌ସି ଆଶାୟୀମାନେ ଏହି କୋହକୁ ନିଜ ସହ ଯୋଡ଼ି ଦେଖୁଛନ୍ତି। ଅନେକ ୟୁଜର୍ସ ଲେଖିଥିଲେ ଯେ, 'ଏହି ୪୬୪ ଟଙ୍କା କେବଳ କାଗଜର ମୂଲ୍ୟ ନୁହେଁ, ଏହା ହେଉଛି ଜଣେ ଛାତ୍ରର ଭାଙ୍ଗିଯାଇଥିବା ସ୍ୱପ୍ନର ଚିତ୍କାର।'

## ବଲିଉଡ୍‌ରେ ଡେବ୍ୟୁ କରିବେ ଅରହାନ୍



ବଲିଉଡ୍‌ରେ ଆଉ ଜଣେ ଷ୍ଟାର୍ କିଡ୍‌ଙ୍କର ପଦାର୍ପଣ ହେବାକୁ ଯାଉଛି। ଅଭିନେତ୍ରୀ ମଲାଇକା ଅରୋରା ଏବଂ ଅଭିନେତା ତଥା ନିର୍ମାତା ଅରବାଜ୍ ଖାନ୍‌ଙ୍କ ପୁଅ ଅରହାନ୍ ଖାନ୍ ଖୁବ୍ ଶୀଘ୍ର ବଲିଉଡ୍‌ରେ ନିଜର ଅଭିନୟ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ସେ ଏକ ହାଇ-ଭୋଲ୍ଟେଜ୍ ଆକ୍ସନ୍ ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବେ। ଅରହାନ୍‌ଙ୍କୁ ଲଞ୍ଚ୍ କରିବା ପାଇଁ ବଲିଉଡ୍‌ର ଜଣେ ଜଣାଶୁଣା ନିର୍ଦ୍ଦେଶକ ଦାୟିତ୍ୱ ନେଇଛନ୍ତି। ଆୟୁଷ୍ମାନ ଖୁରାନାଙ୍କ ଅଭିନୀତ ଫିଲ୍ମ 'ଆନ୍ ଆକ୍ସନ ହିରୋ'ର ନିର୍ଦ୍ଦେଶନା ଦେଇଥିବା ଅନିରୁଦ୍ଧ ଆୟର ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଅନିରୁଦ୍ଧ ନିଜର ଚମତ୍କାର ଏବଂ ନିଆରା ଆକ୍ସନ ଶୈଳୀ ପାଇଁ ବେଶ୍ ପରିଚିତ, ତେଣୁ ଅରହାନ୍‌ଙ୍କୁ ସେ ଏକ ସମ୍ପୂର୍ଣ୍ଣ ଭିନ୍ନ ଅନ୍ଦାଜ୍‌ରେ ଉପସ୍ଥାପନ କରିବେ ବୋଲି ଆଶା କରାଯାଉଛି। ଅରହାନ୍‌ଙ୍କ ଏହି ଡେବ୍ୟୁ ଫିଲ୍ମକୁ ଖୁବ୍ ବଡ଼ ସ୍ତରରେ ନିର୍ମାଣ କରାଯିବାର ଯୋଜନା ରହିଛି। ଫିଲ୍ମରେ ଜବରଦସ୍ତ ଆକ୍ସନ୍ ସିନ୍ ଦେଖିବାକୁ ମିଳିବ। ବର୍ତ୍ତମାନ ଏହି ପ୍ରୋଜେକ୍ଟର କାହାଣୀ ଉପରେ ଦ୍ରୁତ ଗତିରେ କାମ ଚାଲିଛି ଏବଂ ଏହା ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ ଶୀଘ୍ର ଫିଲ୍ମର ନାମ ଏବଂ ଅନ୍ୟାନ୍ୟ କଳାକାରଙ୍କ ବିଷୟରେ ଆନୁଷ୍ଠାନିକ ଘୋଷଣା କରାଯିବ। ଏହା ପୂର୍ବରୁ ଅରହାନ୍‌ଙ୍କୁ କିଛି ମାସ ତଳେ ଡିଜିଟାଲ୍ ଦୁନିଆରେ ଦେଖିବାକୁ ମିଳିଥିଲା। ସେ ନିଜ ସାଙ୍ଗମାନଙ୍କ ସହ ମିଶି 'ଡମ୍ବ ବିରିୟାନୀ' ନାମକ ଏକ ପଡ୍‌କାଷ୍ଟ ଶୋ' ହୋଷ୍ଟ କରି ଚର୍ଚ୍ଚା ସାଉଁଟିଥିଲେ। ଏହା ସହିତ ସେ କିଛି ଫିଲ୍ମ ସେଟ୍‌ରେ ଆସିଷ୍ଟାଣ୍ଟ ଭାବେ ମଧ୍ୟ କାମ କରି ସିନେମା ନିର୍ମାଣର ଅଭିଜ୍ଞତା ହାସଲ କରିଛନ୍ତି। ଅରହାନ୍‌ଙ୍କ ବଲିଉଡ୍ ଏଣ୍ଟ୍ରିକୁ ନେଇ ମଲାଇକା ଏବଂ ଅରବାଜ୍ ଉଭୟ ଖୁବ୍ ଉତ୍ସାହିତ ଅଛନ୍ତି।

## ଆଶାର କାନ୍ଥ



ନେପାଳରେ ବନ୍ୟା ଯୋଗୁଁ ନିଖୋଜ ହୋଇଯାଇଥିବା ପ୍ରିୟଜନଙ୍କୁ ଖୋଜିବା ପାଇଁ କାଠମାଣ୍ଡୁର ତ୍ରିଭୁବନ ବିଶ୍ୱବିଦ୍ୟାଳୟ ଟିଚ୍ଚିଂ ହସ୍ପିଟାଲ ବାହାରେ ଥିବା ପ୍ରାୟ ୨୫ ମିଟର ଲମ୍ବର କାନ୍ଥ ଏବେ ଏକ ବଡ଼ ମାଧ୍ୟମ ପାଲଟିଛି। ଏହାକୁ ଲୋକେ 'ଆଶାର କାନ୍ଥ' ବୋଲି କହୁଛନ୍ତି। ନିଖୋଜ ଲୋକଙ୍କ ଅସହାୟ ପରିବାରର ସଦସ୍ୟମାନେ ହସ୍ପିଟାଲ ବାହାରେ ଥିବା ଏହି କାନ୍ଥରେ ନିଜ ନିଜର ପ୍ରିୟଜନଙ୍କ ଫଟୋ, ନାମ ଏବଂ ଯୋଗାଯୋଗ ନମ୍ବର ଲଗାଉଛନ୍ତି। ଅନେକ ଦିନ ଧରି ସେଲ୍ଟର ହୋମ୍ ଓ ଶବଗୃହରେ ଖୋଜିବା ପରେ କୌଣସି ପତ୍ତା ନ ମିଳିବାରୁ, ପରିବାର ଲୋକେ ଏହି କାନ୍ଥକୁ ନିଜର ଶେଷ ଆଶା ଭାବେ ବାଛିଛନ୍ତି। ସେହିପରି ଏହି ଫଟୋ କେବଳ ହସ୍ପିଟାଲ କାନ୍ଥ ପର୍ଯ୍ୟନ୍ତ ସୀମିତ ନାହିଁ, ବରଂ ହସ୍ପିଟାଲ ବାହାରେ ଲାଗିଥିବା ଖମ୍ବରେ ବି ଲଗାଯାଉଛି। ଏହି ଫଟୋରେ ଛୋଟ ପିଲା, ବୟସ୍କ, ମହିଳା ଏବଂ ଯୁବକ ସମସ୍ତେ ସାମିଲ ଅଛନ୍ତି। ନେପାଳ ନାଗରିକଙ୍କ ସହିତ ଅନେକ ବିଦେଶୀ ନାଗରିକଙ୍କ ଫଟୋ ବି ଲାଗିଛି। ପ୍ରତି ଫଟୋ ପଛରେ ଜଣେ ପରିବାରର କାହାଣୀ ଏବଂ କାହାର ଫେରିବାର ଆଶା ଲୁଚି ରହିଛି। ଏହି କାନ୍ଥରେ କେଉଁଠି ୩୦ ବର୍ଷୀୟ ମହିଳାଙ୍କ ଫଟୋ ଲାଗିଛି ତ ପୁଣି ୮ ବର୍ଷ ପିଲାର ଫଟୋ ବି ରହିଛି। କାନ୍ଥରେ ଅନେକ ଚୀନ ଶ୍ରମିକ ଓ ଇଞ୍ଜିନିୟରଙ୍କ ଫଟୋ ବି ସାମିଲ ଅଛି। ଏହାବାଦ୍ ଭାରତୀୟ ତୀର୍ଥଯାତ୍ରୀଙ୍କ ଫଟୋ ବି ସ୍ଥାନ ପାଇଛି। ଏହାବାଦ୍ ଏହି କାନ୍ଥ ସମ୍ମୁଖରେ ଲଗାତାର ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏହି କାନ୍ଥ କେବଳ ଫଟୋରେ ପରିପୂର୍ଣ୍ଣ ଏକ କାନ୍ଥ ନୁହେଁ, ବରଂ ଏହା ହଜାର ହଜାର ପରିବାରର ଆଶା। ଯେଉଁମାନେ ବନ୍ୟାରେ ନିଜ ପ୍ରିୟଜନଙ୍କୁ ହରାଇବା ପରେ ମଧ୍ୟ ଖବର ଅପେକ୍ଷାରେ ଅଛନ୍ତି। କିଏ ନିଜ ପ୍ରିୟଜନଙ୍କ ଜୀବିତ ଥିବା ଆଶାରେ ତ ଆଉ କିଏ ସେମାନଙ୍କ ଅନ୍ତିମ ସନ୍ଧାନ ପାଇବା ପ୍ରଚେଷ୍ଟାରେ ଅଛନ୍ତି।

ଏନେଇ କିଛି ପରିବାର ଲୋକଙ୍କ କହିବା କଥା ଯେ, "ଯଦି ସେମାନେ ଜୀବିତ ନାହାନ୍ତି, ତେବେ ଅନ୍ତତଃ ପକ୍ଷେ ସେମାନଙ୍କ ମୃତଦେହ ମିଳିଯାଉ, ଯାହାଦ୍ୱାରା ଆମେ ଶେଷ ସଂସ୍କାର କରିପାରିବୁ।"

# ସ୍ତୁତି

## ରୋଷେଇ ଘର ଅନ୍ଧକାର ରହୁଥିଲେ...

**ସାଧାରଣତଃ ରୋଷେଇ ସରିବା ପରେ ରୋଷେଇ ଘର ଲାଇଟ୍ ଓ କବାଟ ବନ୍ଦ କରିଦିଆଯାଏ। ତେବେ ବାସ୍ତୁ ଅନୁସାରେ, ରୋଷେଇ ଘରକୁ ସମ୍ପୂର୍ଣ୍ଣ ଅନ୍ଧକାର କରିବା ଅନୁଚିତ।**



ବାସ୍ତୁ ଶାସ୍ତ୍ର ଅନୁସାରେ, ଅନ୍ଧକାର ରାହୁ, କେତୁ ଏବଂ ନକାରାତ୍ମକ ଶକ୍ତିର ପ୍ରତୀକ। ରାତି ତମାମ ରୋଷେଇ ଘର ଅନ୍ଧକାର ରହୁଥିଲେ, ଏହି ସ୍ଥାନରେ ନକାରାତ୍ମକ ଶକ୍ତି ଜମା ହୁଏ। ଏହାକୁ କାଳିକା ବୋଲି କୁହାଯାଏ। ଏହି ନକାରାତ୍ମକ ଶକ୍ତିର ପ୍ରଭାବ ଘରକୁ ପ୍ରଭାବିତ କରେ। ଘରେ ଅଶାନ୍ତିର ବାତାବରଣ ଦେଖାଦିଏ। କଳି ଝଗଡ଼ା, ସୁଖ ସମୃଦ୍ଧି ବାଧାପ୍ରାପ୍ତ ହୁଏ। ସେହିପରି କୁହାଯାଏ, ରୋଷେଇ ଘରକୁ ଅନ୍ଧାର କରି ରଖିଲେ ମା'ଲକ୍ଷ୍ମୀ କ୍ରୋଧ ପ୍ରକଟ କରନ୍ତି। ଏହା ଦ୍ୱାରା ଘରେ ଧନ ଅଭାବ ହୁଏ। ଅଯଥା ଖର୍ଚ୍ଚ ବୃଦ୍ଧି ପାଏ। ଶେଷରେ ଆର୍ଥିକ ସମସ୍ୟା ଦେଖାଦିଏ। ତେଣୁ ରୋଷେଇ ଘରକୁ ସଫାସୁତୁରା ରଖିବା ସହ ଆଲୋକିତ କରିବା ଦରକାର। କାରଣ ଏହା ମା' ଅନ୍ନପୂର୍ଣ୍ଣାଙ୍କ ନିବାସ ସ୍ଥାନ ହୋଇଥାଏ।

## କେମିତି ଜାଣିବେ ଗ୍ରହ ଖରାପ

**ଜୀବନରେ ନବଗ୍ରହ ଅଲଗା ଅଲଗା କ୍ଷେତ୍ର ସହିତ ଜଡ଼ିତ। ଅନେକ ସମୟରେ ଗ୍ରହ ଖରାପ ହେତୁ କାମ ବିଗିଡ଼ି ଯାଏ। ଆର୍ଥିକ ଓ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ତେବେ ଗ୍ରହ ଖରାପ ଅଛି ବୋଲି କିଭଳି ଜାଣିବେ, ସେ ସମ୍ପର୍କରେ ଜାଣିବା।**



**ସୂର୍ଯ୍ୟ:** ଜାତକରେ ସୂର୍ଯ୍ୟ ଖରାପ ଥିଲେ ସକାଳୁ ଉଠିବାକୁ ଇଚ୍ଛା ହୋଇ ନ ଥାଏ। ଡେରି ପର୍ଯ୍ୟନ୍ତ ଶୋଇ ରହିବାକୁ ଇଚ୍ଛା ହୁଏ। ମୁହଁ ଉଦାସ ଦିଶେ।

**ଚନ୍ଦ୍ର:** ଜାତକରେ ଚନ୍ଦ୍ର ଖରାପ ଥିଲେ ରାତିରେ ନିଦ ଲାଗିବ ନାହିଁ। ଛୋଟ ଛୋଟ କଥାରେ କାନ୍ଦିବା ଚନ୍ଦ୍ର ଗ୍ରହ ଖରାପକୁ ସୂଚାଏ।

**ମଙ୍ଗଳ:** ପ୍ରତି କଥାରେ କଳି ଝଗଡ଼ା, ଗୋଡ଼ରେ ଆଘାତ ଲାଗିବା ମଙ୍ଗଳ ଗ୍ରହ ଖରାପ ଥିବା ସ୍ଥିତିକୁ ସୂଚାଏ।

**ବୁଧ:** କିଛି ମନେ ନ ରହିବା, ଭୁଲ ଗଣନା କରିବା, ଲୋକଙ୍କ କଥା ନ ରଖିବା ବୁଧ ଗ୍ରହ ଖରାପ ଥିବାର ଲକ୍ଷଣ ବୋଲି କୁହାଯାଏ।

**ଗୁରୁ:** ଦିନକୁ ଦିନ ମୋଟାପା ବୃଦ୍ଧି ଏବଂ ପୂଜାରେ ମନ ନ ଲାଗିବା ଗୁରୁ ଗ୍ରହ ଖରାପକୁ ସୂଚାଏ।

**ଶୁକ୍ର:** ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଗଳି ଝଗଡ଼ା ଲାଗି ରହିବା। ଅପରିଷ୍କାର ପୋଷାକ ପିନ୍ଧିବା ଶୁକ୍ର ଗ୍ରହ ଖରାପର ଲକ୍ଷଣ।

**ଶନି:** ଶନି ଗ୍ରହ ଖରାପ ଥିଲେ କାମ ନ କରିବା, ଋଣ କରିବା, ଗୋଡ଼ରେ ଯନ୍ତ୍ରଣା ହୋଇଥାଏ।

**ରାହୁ:** ରାହୁ ଗ୍ରହ ଖରାପ ସ୍ଥିତିରେ ଥିଲେ ମନରେ ସନ୍ଦେହ, ରାତିରେ ଭୟାନକ ସ୍ୱପ୍ନ ଆସେ।

**କେତୁ:** କେତୁ ଗ୍ରହ ଖରାପ ଥିଲେ ସବୁ କିଛି ଥାଇ ମଧ୍ୟ କିଛି ନ ଥିଲା ଭଳି ଅନୁଭବ ହୁଏ। ବୈରାଗ୍ୟ ମନୋଭାବ ଦେଖା ଦିଏ।

## ଗଛ କାଟିବାର ବାସ୍ତୁ ନିୟମ



**ବାସ୍ତୁ ଶାସ୍ତ୍ରରେ ଗଛା ଲତା ପ୍ରକୃତି ଓ ସକାରାତ୍ମକ ଶକ୍ତି ସହିତ ଜଡ଼ିତ। ତେଣୁ କୌଣସି ଗଛ କାଟିବା ପୂର୍ବରୁ ସମୟ ଓ ବିଧି ଉପରେ ଧ୍ୟାନ ରଖିବା ଜରୁରି। ବିଶେଷକରି ଶୁଖିଲା, ଅନୁପଯୋଗୀ ଗଛ କାଟିବା ଲାଗି ବାସ୍ତୁ ଶାସ୍ତ୍ରରେ କିଛି ନିୟମ ଅଛି।**

ଲୋକେ ଅନୁପଯୋଗୀ ଗଛକୁ କାଟିଦିଅନ୍ତି। ହେଲେ ନିଜ ସୁବିଧା ଅନୁସାରେ କୌଣସି ଅନାବଶ୍ୟକ ଗଛକୁ ଯେକୌଣସି ସମୟରେ କାଟିବା ଭଲ ନୁହେଁ। ଏ ଲାଗି ଏକ ଉପଯୁକ୍ତ ସମୟ ଅଛି। ବାସ୍ତୁ ଶାସ୍ତ୍ର ଅନୁସାରେ, ଗଛ କାଟିବା ଲାଗି ମୃଗଶିରା, ପୁନର୍ବସୁ, ଅନୁରାଧା, ହସ୍ତା, ମୂଳା, ଉତ୍ତରାଫାଲଗୁନୀ, ଉତ୍ତରାଷାଢ଼ା, ଉତ୍ତରାଭାଦ୍ରପଦ, ସ୍ୱାତୀ ଓ ଶ୍ରବଣା ନକ୍ଷତ୍ରକୁ ଅନୁକୂଳ ବୋଲି କୁହାଯାଇଛି।

ଗଛ କାଟିବା ପୂର୍ବରୁ ତାହାର ବିଧି ପୂର୍ବକ ପୂଜା କରିବା ଉଚିତ। ପୂଜା ସମୟରେ ବୃକ୍ଷ ସହିତ ଜଡ଼ିତ ଜୀବ ଏବଂ ଏଥିରେ ରହୁଥିବା ପ୍ରାଣୀଙ୍କ କଲ୍ୟାଣ କାମନା କରିବା ଉଚିତ। ଏହାସହ ଅନ୍ୟ ସ୍ଥାନକୁ ଚାଲିଯିବାର ପ୍ରାର୍ଥନା କରିବା ଦରକାର। ପୂଜା ଏବଂ ପ୍ରାର୍ଥନା ପରେ ବୃକ୍ଷରେ ଜଳ ସିଞ୍ଚନ କରିବା ଆବଶ୍ୟକ। ଏହାପରେ କୁରାଢ଼ିରେ ମହୁ ଓ ଘିଅ ଲଗାଇ ଗଛ କାଟିବା ବିଧି ଅଛି। ବାସ୍ତୁ ଅନୁସାରେ ଗଛକୁ ପୂର୍ବ ଓ ଉତ୍ତର ଦିଗରେ କାଟିବା ଦରକାର। ଅନ୍ୟପଟେ ଗଛ କାଟିବା ପରିବେଶ ସହ ଜଡ଼ିତ ଏକ ଗମ୍ଭୀର ବିଷୟ। ଏଣୁ କୌଣସି ଗଛକୁ କାଟିବା ପୂର୍ବରୁ ଆଇନ ସମ୍ମତ ନିୟମ ପାଳନ କରିବା ଜରୁରି।

## ଶୁଭ ସଙ୍କେତ



**ଶୁଭ ସଙ୍କେତ ଜୀବନରେ ଦିଗ ଓ ଈଶ୍ୱରଙ୍କ ପରିଚାୟକ ହୋଇଥାଏ। ତେବେ ସନାତନ ପରମ୍ପରାରେ କିଛି ଶୁଭ ସଙ୍କେତର ବର୍ଣ୍ଣନା ରହିଛି।**

- ଗାଧୋଇବା ସମୟରେ ହାତରୁ ସାବୁନ ଖସିବା ଶୁଭ। ଏହାଦ୍ୱାରା ପୁରୁଣା ଦୋଷ ସମାପ୍ତ ହୋଇ ନୂଆ ଆରମ୍ଭକୁ ଇଙ୍ଗିତ କରେ।
- ଦୀପ ଶିଖା ଜୋର୍‌ରେ ଜଳିବା ଶୁଭ ସଙ୍କେତ। ଏହାକୁ ଭବିଷ୍ୟତର ସଫଳତାର ସଙ୍କେତ ବୋଲି ବୁଝାଯାଏ।
- ବିନା କାରଣରେ ମନ ପ୍ରସନ୍ନ ରହିବାକୁ ଆତ୍ମା ଈଶ୍ୱରଙ୍କ ନିକଟତର ବୋଲି ସୂଚାଏ।
- ଘରୁ ବାହାରିବା ବେଳେ ମନ୍ଦିର ଘଣ୍ଟି ଶୁଣିବା ଶୁଭ। କାର୍ଯ୍ୟ ସଫଳ ହୁଏ।
- ନଡ଼ିଆ, ଶଙ୍ଖ, ମୟୂର ପୁଚ୍ଛ ସକାଳୁ ଅଚାନକ ଦେଖିବା ବି ଶୁଭ।
- ସକାଳୁ ସକାଳୁ ହୋମ ବା ଯଜ୍ଞ ଦେଖିବା ମଙ୍ଗଳକାରୀ।
- ଦୀର୍ଘ ଦିନ ଅଟକି ରହିଥିବା କାମ ଅଚାନକ ସଫଳ ହେବା ଶୁଭ ସଙ୍କେତ।
- ମନ୍ଦିର, ଦୀପ ଜାଳିବା, ସୂର୍ଯ୍ୟୋଦୟ ସ୍ୱପ୍ନରେ ଦେଖିଲେ ଶୁଭ। ଏହା କ୍ୟାରିୟର ଓ ବ୍ୟବସାୟରେ ନୂଆ ଅବସର ସୃଷ୍ଟି କରିବାକୁ ଇଙ୍ଗିତ କରେ।

# ଚାଇନା ମାଷ୍ଟର୍ସରେ ସାତ୍ତ୍ୱିକ-ଚିରାଗ ଚାମ୍ପିଅନ

ଝାଙ୍ଗଝୋଉ, ୬।୯ (ଏଜେନ୍ସି): ଭାରତର ତାରକା ବ୍ୟାଡ୍‌ମିଣ୍ଟନ ଯୋଡ଼ି ସାତ୍ତ୍ୱିକସାଇରାଜ ରାନକୀରେଡ୍ଡୀ ଓ ଚିରାଗ ସେଟ୍ଟୀ ତାଙ୍କ କ୍ୟାରିୟରରେ ଆଉ ଏକ ବଡ଼ ଟୁର୍ଣ୍ଣାମେଣ୍ଟ ଜିତିଛନ୍ତି। ରବିବାର ଶେଷ ହୋଇଥିବା ଚାଇନା ମାଷ୍ଟର୍ସ ସୁପର୍-୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ଇଭେଣ୍ଟରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ଏହି ଭାରତୀୟ ଯୋଡ଼ି ୨୧-୧୧, ୧୩-୨୧, ୨୧-୧୭ ଗେମରେ ଘରୋଇ




ତାରକା ହେ ଜି ତିଆଙ୍ଗ୍ ଓ ରେନ୍ ଜିଆଙ୍ଗ ୟୁ' ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଗତ ଦୁଇଟି ସଂସ୍କରଣ ଧରି ଏଠାରେ ରନର୍ସଅପ୍ ହୋଇ ଆସୁଥିବା ସାତ୍ତ୍ୱିକ-ଚିରାଗ ଯୋଡ଼ି ଶେଷରେ ଟାଇଟଲ୍ ଜିତିବାର ସ୍ୱାଦ ଚାଖିଛନ୍ତି। ସାତ୍ତ୍ୱିକ-ଚିରାଗ ଯୋଡ଼ିଙ୍କ କ୍ୟାରିୟରର ଏହା ୧୦ମ ବିଡବ୍ଲ୍ୟୁଏଫ୍ ଟାଇଟଲ୍। ସେହିଭଳି ସିଙ୍ଗାପୁର ଓପନ ପରେ ୨୦୨୬ରେ ଏହା ଉଭୟଙ୍କ ଦ୍ୱିତୀୟ ଟ୍ରଫି ବିଜୟ ହୋଇଛି। ଚାଇନା ମାଷ୍ଟର୍ସ ଜିତିବା ସହ ସାତ୍ତ୍ୱିକ-ଚିରାଗ ଯୋଡ଼ି ୮୭ ଲକ୍ଷ ୪୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି।

# ରୁମେଶଙ୍କୁ ଐତିହାସିକ ଡାଇମଣ୍ଡ ଲିଗ୍ ଟାଇଟଲ୍

ବ୍ରୁସେଲ୍ସ, ୬।୯ (ଏଜେନ୍ସି): ଶ୍ରୀଲଙ୍କାର ତାରକା ଜାଭେଲିନ୍ ଫିଙ୍ଗାଳୀ ରୁମେଶ ଥରଙ୍ଗା ପଥିରାଗେ ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ପ୍ରଥମ ସିଂହଳୀ ଆଥଲେଟ୍ ଭାବେ ୨୩ ବର୍ଷୀୟ ରୁମେଶ ସମ୍ମାନଜନକ ଡାଇମଣ୍ଡ ଲିଗ୍ ଫାଇନାଲ ଟାଇଟଲ୍ ଜିତିଛନ୍ତି। ବେଲ୍‌ଜିୟମର ରାଜଧାନୀ ବ୍ରୁସେଲ୍ସରେ ଗତକାଲି ରାତିରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ଫାଇନାଲର ପୁରୁଷ ଜାଭେଲିନ୍ ଥ୍ରୋ'ରେ ରୁମେଶ ୮୯.୦୪ ମିଟର ଦୂରତାକୁ ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ନୀରଜ ଚୋପ୍ରାଙ୍କ ପରେ ଏସିଆର ଦ୍ୱିତୀୟ ପୁରୁଷ ଥ୍ରୋୟର ଭାବରେ ରୁମେଶ ଡାଇମଣ୍ଡ ଲିଗ୍ ଫାଇନାଲ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୨୨ ସଂସ୍କରଣରେ ନୀରଜ ୮୮.୪୪ ମିଟର ଫିଙ୍ଗି ଡାଇମଣ୍ଡ ଲିଗ୍ ଫାଇନାଲରେ ଚାମ୍ପିଅନ ହୋଇଥିଲେ।

# ଖେଳାଳିଙ୍କ ଫୋନ୍ ଜବତ କଲା ପିସିବି

ବର୍ମିଂହାମ, ୬।୯ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଯାଇଥିବା ପାକିସ୍ତାନ କ୍ରିକେଟ୍ ଦଳ ଟେଷ୍ଟ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ ସେପ୍ଟେମ୍ବର ୯ ତାରିଖରୁ ଏଜବାଷ୍ଟନରେ ଖେଳିବ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇ ପାକିସ୍ତାନ ଦଳ ଆଗୁଆ ୨-୦ରେ ସିରିଜ ହାରିସାରିଛି। ଏଭଳି ସମୟରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏପରି କିଛି ନିଷ୍ପତ୍ତି ନେଇଛି ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି ହୋଇଛି। ପିସିବି ଇଂଲଣ୍ଡ ଗସ୍ତରେ ଥିବା ସମସ୍ତ ଖେଳାଳିଙ୍କ ଫୋନ୍ ଜବତ କରିଛି। ପିସିବିର ଏହି ନିଷ୍ପତ୍ତି ବଡ଼ ଦୁର୍ନୀତି କିମ୍ବା ମ୍ୟାଚ୍ ଫିକ୍ସିଂ ଭଳି ଅନେକ ଗମ୍ଭୀର ପ୍ରଶ୍ନ ଉଠାଇଛି। ପାକିସ୍ତାନୀ ସାମ୍ବାଦିକ ଅମ୍ବର ଅଲିଙ୍କ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଖେଳାଳିଙ୍କ ଫୋନକୁ ପାକିସ୍ତାନ ମ୍ୟାନେଜମେଣ୍ଟ ତୃତୀୟ ଟେଷ୍ଟ ଶେଷ ହେବା ପର୍ଯ୍ୟନ୍ତ ନିଜ ପାଖରେ ରଖିବ। ଯାହାକୁ ନେଇ ଖେଳାଳିମାନେ ପରିବାର ସହ ଏକପ୍ରକାର ଯୋଗାଯୋଗ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ମ୍ୟାଚ୍ ସମୟରେ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ମୋବାଇଲ୍ ଫୋନ୍ ବ୍ୟବହାର ନିଷିଦ୍ଧ ରହିଛି। ନିୟମ ଅନୁଯାୟୀ, ମ୍ୟାଚ୍ ସମୟରେ ପଡ଼ିଆକୁ କିମ୍ବା ଡ୍ରେସିଂ ରୁମ୍‌ରେ ଫୋନ ବ୍ୟବହାର କରିବାକୁ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଅନୁମତି ଦିଆଯାଇ ନ ଥାଏ। ଏହି ନିୟମ ପଛରେ ଉଦ୍ଦେଶ୍ୟ ହେଉଛି ଖେଳର ନିରପେକ୍ଷତା ବଜାୟ ରଖିବା ଏବଂ ମ୍ୟାଚ୍ ଫିକ୍ସିଂର ସମ୍ଭାବନାକୁ ହ୍ରାସ କରିବା। କିନ୍ତୁ ପିସିବି ଖେଳାଳିଙ୍କଠାରୁ ମୋବାଇଲ୍ ଫୋନ୍ ଜବତ କରିବା ଏହି ନିୟମର ବିପରୀତ। ଯାହାକୁ ନେଇ ଏବେ ପିସିବିକୁ ଚାରିଆଡ଼ୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି।

**ଦୁଲୀପ ଟ୍ରଫି ଫାଇନାଲ**

# ଇଶାନଙ୍କ ଅପରାଜିତ ଶତକ, ପୂର୍ବାଞ୍ଚଳ ୩୫୮/୪

ଚେନ୍ନାଇ,୬।୯ (ଏଜେନ୍ସି)

ଅଧିନାୟକ ଇଶାନ କିଶାନଙ୍କ ଅପରାଜିତ ତଥା ପ୍ରଥମଶ୍ରେଣୀ ଖେଳ ଜୀବନର ୧୦ମ ଶତକ ଏବଂ ଅବିଭକ୍ତ ୫ମ ୱିକେଟରେ କୁମାର କୁଶାଗ୍ରଙ୍କ ସହ ଶତକୀୟ ଭାଗୀଦାରି ବଳରେ ଏଠାରେ ଦକ୍ଷିଣାଞ୍ଚଳ ସହ ଆଜି ଆରମ୍ଭ ହୋଇଥିବା ଦୁଲୀପ୍ ଟ୍ରଫି ଫାଇନାଲର ପ୍ରଥମ ଦିନରେ ପୂର୍ବାଞ୍ଚଳ ୪ ୱିକେଟ ହରାଇ ୩୮୫ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଇଶାନ ୧୩୫ ବଲ୍‌ରୁ ୧୪ ଚୌକା ଓ ୨ଛକା ସହ ୧୧୧ ଏବଂ କୁଶାଗ୍ର ଚମତ୍କାର ସାଥ ଦେଇ ୭୫ ବଲ୍‌ରୁ ୪ଚୌକା ଓ ୫ଛକା ସହ ୬୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ୫ମ ୱିକେଟରେ ୧୬୦ ବଲ୍‌ରୁ ୧୪୪ ରନ୍ ଉଠାଇ ଶେଷ ସେସନରେ ଦକ୍ଷିଣାଞ୍ଚଳ ନିକଟରୁ ଏକପ୍ରକାର ପ୍ରଥମ ଦିନର ଖେଳ ଛଡ଼ାଇନେଇଥିଲେ।



ପୂର୍ବରୁ ଟସ୍ ଜିତିବା ପରେ ପୂର୍ବାଞ୍ଚଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ପ୍ରଥମ ୱିକେଟରେ ୮୮ ବଲ୍‌ରୁ ୧୦୦ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ୩୭ ବଲ୍‌ରେ ୪୪ ଓ ଅଭିମନ୍ୟୁ ଈଶ୍ୱରନ୍ ଦମ୍‌ର ସହ ଖେଳି ୮୬ବଲ୍‌ରୁ ୭୨ ରନ୍ ଉଠାଇଥିଲେ। ଉଭୟ ଖେଳାଳି ୧୩୩ ରନ୍ ସ୍କୋର ବେଳକୁ ପାଭିଲିଅନ ଫେରିଯାଇଥିଲେ। ଏମାନଙ୍କ ପରେ ସୁଦୀପ ଘରାମୀ ମଧ୍ୟ ୬ ରନ୍ କରି ଆଉଟ ହୋଇଥିଲେ। ୪ର୍ଥ ୱିକେଟରେ ୨୧ ବର୍ଷୀୟ ଶିଖର ମୋହନଙ୍କ ସହ ଯୋଗ ଦେଇ ଇଶାନ ୧୨୮ ବଲ୍‌ରୁ ୯୪ ଏବଂ ପରେ ଅବିଭକ୍ତ ୫ମ ୱିକେଟରେ ୧୪୪ ରନ୍ ଉଠାଇ ପୂର୍ବାଞ୍ଚଳକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ବିରାଟ ସିଂଙ୍କ ସ୍ଥାନରେ ଖେଳିଥିବା ଶିଖର ମୋହନ ୧୨୦ ବଲ୍‌ରୁ ୯ ଚୌକା ଓ ୩ ଛକା ସହ ସୁନ୍ଦର ୮୫ ରନ୍‌ର ଇନିଂସ ଖେଳିଥିଲେ। ଦକ୍ଷିଣାଞ୍ଚଳ ପକ୍ଷରୁ କୌଣସି ବୋଲର ଏମ୍‌ଏ ଚିଦାମ୍ବରମ ପିଚ୍‌ରେ ଶୃଙ୍ଖଳାର ସହ ବୋଲିଂ କରି ନ ଥିଲେ। ମହମ୍ମଦ ସାମି ଏଠାରେ ୧୦୦ତମ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ଚାମା ମିଳିନ୍ଦଙ୍କୁ ୨ଟି ୱିକେଟ ମିଳିଥିଲା। ଅଭିମନ୍ୟୁ ରନ୍‌ଆଉଟ ହୋଇଥିଲେ।

### ତିଲକ-ସୂର୍ଯ୍ୟବଂଶୀ କଥା କଟାକଟି

ବିହାରର ୧୫ ବର୍ଷୀୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଇନିଂସ ଓପନ କରୁଥିଲାବେଳେ ଅଭିଜ୍ଞ ମହମ୍ମଦ୍ ସିରାଜଙ୍କୁ ଗୋଟିଏ ଓଭରରେ ୨ଟି ଚୌକା ଓ ଗୋଟିଏ ଛକା ମାରି ଆକ୍ରମଣାତ୍ମକ ମନୋଭାବ ସ୍ପଷ୍ଟ କରିଥିଲେ। ଏହି ସମୟରେ ସୂର୍ଯ୍ୟବଂଶୀଙ୍କ ନିକଟକୁ ଆସି ପ୍ରତିପକ୍ଷ ଦଳର ଅଧିନାୟକ ତିଲକ ବର୍ମା କିଛି କହିଥିଲେ। ତାଙ୍କ କଥା କିନ୍ତୁ ଷ୍ଟମ୍ପ ମାଇକ୍ରୋଫୋନ୍‌ରେ ଶୁଭି ନ ଥିଲା। ସୂର୍ଯ୍ୟବଂଶୀ ମଧ୍ୟ ଯାହା କହିଥିଲେ ତାହା ଜଣା ପଡ଼ି ନ ଥିଲା। ଏହା ସତ୍ତ୍ୱେ ସୂର୍ଯ୍ୟବଂଶୀ ଫର୍ମ ବଜାୟ ରଖି ଗ୍ୟାପ୍ ପାଇବାରେ ସଫଳ ହୋଇଥିଲେ।

# କୋବୋଲି, ଫ୍ରିଜ୍‌ଙ୍କ ବିଦାୟ; ପ୍ରି-କ୍ୱାର୍ଟରରେ ଗଫ୍, ରିବାକିନା

**ୟୁଏସ୍ ଓପନ୍**



ନ୍ୟୁୟର୍କ, ୬।୯ (ଏଜେନ୍ସି): ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ଅଷ୍ଟମ ଦିବସରେ ରବିବାର ଦୁଇଟି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସରେ ୫ମ ସିଡ୍ ଇଟାଲୀର ଫ୍ଲାଭିଓ କୋବୋଲି ଓ ୯ମ ସିଡ୍ ଆମେରିକାର ଟେଲର ଫ୍ରିଜ ତୃତୀୟ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। କୋବୋଲି ୭-୬ (୭/୪), ୩-୬, ୦-୬, ୩-୬ ସେଟରେ ୨୮ତମ ସିଡ୍ ବେଲ୍‌ଜିୟମର ଆଲେକ୍ସଜାଣ୍ଡର ବ୍ଲୋକ୍ସଙ୍କଠାରୁ ହାରି ଅଭିଯାନ ଶେଷ କରିଛନ୍ତି। ସେହିଭଳି ୨୪ତମ ସିଡ୍ ଆର୍ଜେଣ୍ଟିନାର ଫ୍ରାନ୍ସିସ୍କୋ ସେରୁଣ୍ଡୋଲୋ ୩-୬, ୪-୬, ୬-୩, ୬-୪, ୬-୪ ସେଟରେ ଫ୍ରିଜଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଏହି ଦୁଇ ଶୀର୍ଷ ସିଡ୍ ଖେଳାଳିଙ୍କ ପରାଜୟ ସହ ୟୁଏସ୍ ଓପନର ପ୍ରଥମ ସପ୍ତାହରେ ପୁରୁଷ ସିଙ୍ଗଲ୍ସରେ ଟପ୍-୧୦ ସିଡ୍‌ର ୬ଜଣ ଖେଳାଳି ବିଦାୟ ନେଇସାରିଛନ୍ତି। ପୁରୁଷ ବିଭାଗରେ ରବିବାର ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ଟପ୍ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ, ୧୪ତମ ସିଡ୍ ଆମେରିକାର ଲର୍ନର ତିଏନ, ୨୧ତମ ସିଡ୍ ଇଟାଲୀର ଲୁସିଆନୋ ଦାର୍ଦେରୀ ପ୍ରମୁଖ ବିଜୟୀ ହୋଇ ରାଉଣ୍ଡ-୧୬ ତଥା ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି।ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ଏଲିନା ରିବାକିନା, ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫ୍, ୧୩ତମ ସିଡ୍ ଜାପାନର ନାଓମି ଓସାକା, ୧୪ତମ ସିଡ୍ ଇଭା ଜୋଭିକ ପ୍ରମୁଖ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ରିବାକିନା ୭-୬ (୮/୬), ୬-୩ ସେଟରେ ୟୁକ୍ରେନର ୟୁଲିଆ ଷ୍ଟାରୋଡବସେଭାଙ୍କୁ ହରାଇଥିଲେ। ପୁରୁଷ ଡବଲ୍ସରେ ଭାରତର ୟୁକି ଭାମ୍ବ୍ରୀ ଓ ଅନିରୁଦ୍ଧ ଚନ୍ଦ୍ରଶେଖର ନିଜ ନିଜ ମ୍ୟାଚରେ ହାରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏବେ ପୁରୁଷ ଡବଲ୍ସରେ ଏକମାତ୍ର ଭାରତୀୟ ଭାବେ ଶ୍ରୀରାମ ବାଲାଜୀ ରହିଛନ୍ତି।

# ଟି-୨୦ ତ୍ରି-ରାଷ୍ଟ୍ରୀୟ ସିରିଜ ଜିତିଲା ଦକ୍ଷିଣ ଆଫ୍ରିକା

ୱିଣ୍ଡହୋକ, ୬।୯ (ଏଜେନ୍ସି): ନାମିବ୍ୟାରେ ଶେଷ ହୋଇଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ଦକ୍ଷିଣ ଆଫ୍ରିକା ପୁରୁଷ କ୍ରିକେଟ୍ ଦଳ ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦକ୍ଷିଣ ଆଫ୍ରିକା ୪୮ ରନରେ ଜିମ୍ବାୱେକୁ ପରାସ୍ତ କରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୫ ୱିକେଟରେ ୨୦୫ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଜୋର୍ଡାନ ହର୍ମନ ସର୍ବାଧିକ ୫୩ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେୱାଲ୍ଡ ବ୍ରେଭିସ ୩୨, ଡୁଆନ ଜାନସେନ ଅପରାଜିତ ୨୩ ରନର ପାଳି ଖେଳିଥିଲେ। ଜବାବରେ ଜିମ୍ବାୱେ ବ୍ରାଡ୍ ଇଭାନ୍ସଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ସତ୍ତ୍ୱେ ୧୮ ଓଭରରେ ୧୫୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ଇଭାନ୍ସ ୪ଟି ଲେଖାଏ ଚୌକା ଓ ଛକା ବଳରେ ୩୧ ବଲରୁ ୫୬ ରନ କରି ଅପରାଜିତ ରହିଥିଲେ। ବିଜୟୀ ଦଳର ଜାନସେନ ଓ ଅଧିନାୟକ ବର୍ଜୋନ ଫର୍ଚ୍ୟୁନ ୩ଟି ଲେଖାଏ ୱିକେଟ ନେଇଥିଲେ।

**ଏସିଆ କପ୍ ଜୁନିଅର ହକି**

# ମହିଳା ଦଳର ଦ୍ୱିତୀୟ ବିଜୟ

ମୋକି, ୬।୯ (ଏଜେନ୍ସି): ଚାଇନାରେ ଚାଲିଥିବା ଜୁନିଅର ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟରେ ରବିବାର ଭାରତକୁ ମିଶ୍ରିତ ଫଳାଫଳ ମିଳିଛି। ଭାରତୀୟ ମହିଳା ହକି ଦଳ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ମହିଳା ଦଳ ୧୧-୧ ଗୋଲରେ ମାଲେସିଆକୁ ହରାଇଥିଲା। ବିଜୟୀ ଭାରତ ପକ୍ଷରୁ ପୂଜା ସାହୁ, ପୂର୍ଣ୍ଣିମା ଯାଦବ, ସାନିକା ଚନ୍ଦ୍ରକାନ୍ତ ମାନେ ଓ ଗୀତା ଯାଦବ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ଏଥିପୂର୍ବରୁ ଗତକାଲି ଭାରତ ୪-୧ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଅପରପକ୍ଷରେ ଓଡ଼ିଆ ଖେଳାଳି ଅନମୋଲ ଏକ୍କାଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ଦଳ ଦ୍ୱିତୀୟ ମ୍ୟାଚରେ ଜାପାନ ସହ ୩-୩ ଗୋଲରେ ଡ୍ର ରଖିଛି। ଅନମୋଲ୍ ଏକାକୀ ଦୁଇଟି ଗୋଲ୍ ଦେଇ ଭାରତକୁ ପରାଜୟରୁ ରକ୍ଷା କରିଥିଲେ।

# ଏସିଆନ୍ କପ୍‌କୁ ଭାରତର ଯୋଗ୍ୟତା

ନୂଆଦିଲ୍ଲୀ,୬।୯ (ଏଜେନ୍ସି): ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ସିରିଆକୁ ୩-୦ ଗୋଲରେ ଉଜ୍‌ବେକିସ୍ତାନ ପରାସ୍ତ କରିବା ପରେ ଦୀର୍ଘ ୨୦ ବର୍ଷ ପରେ ଭାରତ ୨୦ବର୍ଷରୁ କମ୍ ଫୁଟବଲ ଏସିଆନ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଲାଗି ଭାରତ ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚ୍ ଜିତିବା ପରେ ଉଜବେକିସ୍ତାନ ଗ୍ରୁପ୍‌ରେ ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା।

# ଏଏନ୍ ଗୋସ୍ୱାମୀ ଚାମ୍ପିଅନ

ଭୁବନେଶ୍ୱର,୬।୯ (ସମିସ): ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରୀଶନନ୍ଦ (ଏଏନ୍) ଗୋସ୍ୱାମୀ ୭ମ ନୀଶିଥ ମହାନ୍ତି ସ୍ମାରକୀ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ ପରିସରରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କଟକ ସିଡିଏ ପବ୍ଲିକ୍ ସ୍କୁଲ୍‌ର ପ୍ରିୟଦର୍ଶନ ରାୟ ରନର୍ସଅପ୍, ଭୁବନେଶ୍ୱର ବିଜେଇଏମ୍-୧'ର ସାଇକ୍ରିଷ୍ଣା ସାମଲ ତୃତୀୟ, କଟକ, ଶିଖରପୁର ଗୁରୁନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସାହୁ ଚତୁର୍ଥ ଓ ଭୁବନେଶ୍ୱର କେଭି ନଂ-୧'ର ଯଶଶ୍ରୀ ସ୍ୱାଇଁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଓମ୍ ଗୁରୁକୂଳର ଏମ୍‌ଡି



ଲକ୍ଷ୍ମୀଧର ବେହେରା, ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ପୁରୀ ଜିତିଲା ପାରା ଭଲିବଲ ଚାମ୍ପିଅନସିପ୍

ଭୁବନେଶ୍ୱର,୬।୯ (ସମିସ): ପୁରୀ ଜିଲ୍ଲା ରାଜ୍ୟର ପ୍ରଥମ ପାରା ଭଲିବଲ ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଟାଇଟଲ ବିଜୟୀ ହୋଇଛି। ଗତକାଲି ମହିଳା ବିଭାଗରେ ପିଏସ୍‌ଓ ଗ୍ରୀନ୍ ଟିମ୍‌କୁ ହରାଇ ପୁରୀ ଟାଇଟଲ ଜିତିଥିଲା। ଆଜି ପୁରୁଷ ବିଭାଗରେ ଜଗତସିଂହପୁରକୁ ହରାଇ ପୁରୀ ଚାମ୍ପିଅନ ହୋଇଛି। ପୁରୁଷ ବିଭାଗରେ ଖୋର୍ଦ୍ଧା ତୃତୀୟ, ପୁରୀର ତାପସ ବେହେରା ଶ୍ରେଷ୍ଠ ସେଟର, ଜଗତସିଂହପୁରର ଦିବ୍ୟରଞ୍ଜନ ସାହୁ ଶ୍ରେଷ୍ଠ ଆଟାକର, ସୁନ୍ଦରଗଡ଼ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଓ ଫାଇନାଲ ମ୍ୟାଚ୍‌ରେ ପୁରୀର ଜୱାନ ଭୋଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପାରା ସିଟିଂ ଭଲିବଲ ଖେଳ ବେଶ ଚମତ୍କାର ହୋଇଥିଲା।




**ଏସିଆନ୍ କରାଟେ ଚାମ୍ପିଅନ୍‌ସିପ୍**

# ଓଡ଼ିଶାରୁ ୩ ଖେଳାଳି, ୨ ଅଫିସିଆଲ୍

ଭୁବନେଶ୍ୱର,୬।୯ (ସମିସ): ଜୋର୍ଡାନର ଅମାନଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ୨୪ତମ ଏସିଆନ କରାଟେ ଚାମ୍ପିଅନସିପ୍। ଏହି ଚାମ୍ପିଅନସିପ୍ ଲାଗି ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ଓ ୨ ଜଣ ଅଫିସିଆଲ ମନୋନୀତ ହୋଇଛନ୍ତି। ଖେଳାଳିମାନେ ହେଲେ ଅଲିଶା ସୁବୁଦ୍ଧି, ଶ୍ୱେତାଞ୍ଜନା ସାହୁ ଓ ଶାରନ୍ୟା ସାହୁ। ସେହିପରି ମହିଳା ଦଳର କୋଚ୍ ଭାବେ ଅନ୍ତର୍ଜାତୀୟ କରାଟେକା ଭାଲେନା ଭାଲେଣ୍ଟିନା ଓ ଜଜ୍ ଭାବେ ରାଉରକେଲାର ରାଜୀବ ସିଂ ମନୋନୀତ ହୋଇଛନ୍ତି। ସମସ୍ତଙ୍କୁ ଓଡ଼ିଶା କରାଟେ ଡୋ ସଂଘର ସଭାପତି ସେନ୍‌ସେଇ ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଡଃ ଗୌରୀ ମହାନ୍ତି ଶୁଭେଚ୍ଛା ଜ୍ଞାପନ କରିଛନ୍ତି।






ଭୁବନେଶ୍ୱର ସୂଚନାଭବନରେ ଆଜି କିଂବଦନ୍ତି ଆଥଲେଟ୍ ଅନୁରାଧା ବିଶ୍ୱାଳଙ୍କୁ ୧୪ତମ ଓଡ଼ିଶା ସୃଜନ ଉତ୍କର୍ଷ ସମ୍ମାନ ପ୍ରଦାନ କରାଯାଉଛି

**ଇଷ୍ଟଜୋନ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ**

# ଓଡ଼ିଶାର ସ୍ୱାତୀଙ୍କ ସମେତ ୩ ଡବଲ୍ସ ଯୋଡ଼ି ଚାମ୍ପିଅନ




ଭୁବନେଶ୍ୱର,୬।୯ (ସମିସ)

ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ସବ୍‌ଜୁନିଅର ଇଷ୍ଟଜୋନ୍ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ୬ଟି ବିଭାଗ ମଧ୍ୟରୁ ବାଳିକା ସିଙ୍ଗଲ୍ସରେ ସ୍ୱାତୀ ନାୟକଙ୍କ ସମେତ ୩ଟି ଡବଲ୍ସ ଯୋଡି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବାଳିକା ବିଭାଗ ସିଙ୍ଗଲ୍ସରେ ଓଡ଼ିଶାର ଦୁଇ ଖେଳାଳି ଫାଇନାଲ ଖେଳିଥିଲେ। ଏଥିରେ ସ୍ୱାତୀ ୨-୦ରେ ନିମିଶା ଓଝାଙ୍କୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଜୁନିଅର ବାଳକ ବିଭାଗ ଡବଲ୍ସରେ ଦିବ୍ୟମ କେଜରିୱାଲ ଓ ଶୁଭ୍ରକେତନ ମଲ୍ଲିକ, ପୁରୁଷ ଡବଲ୍ସରେ ଅଭିଜିତ ମହାରଣା ଓ ତନ୍ମୟ ସାହୁ, ମିକ୍ସଡ ଡବଲ୍ସରେ ହର୍ଷିତା ରାଉତ ଓ ଜଗଦୀଶ କଲଗାଙ୍କ ଯୋଡି ଚାମ୍ପିଅନ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଜୁନିଅର ମିକ୍ସଡ ଡବଲ୍ସରେ ଅସ୍ୱୀକା ମିଶ୍ର ଓ ସୌମ୍ୟଜିତ ସାହୁ, ପୁରୁଷ ସିଙ୍ଗଲ୍ସରେ ଦିବ୍ୟମ କେଜରିୱାଲ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ବାଳକ ବିଭାଗ ସିଙ୍ଗଲ୍ସରେ ବିହାରର ସାକ୍ଷମ ବସୁ, ମହିଳା ସିଙ୍ଗଲ୍ସରେ ଝାଡଖଣ୍ଡର ମନୀଷା ତିର୍କି ଓ ପୁରୁଷ ସିଙ୍ଗଲ୍ସରେ ଉତ୍ତରାଖଣ୍ଡର ଅଂଶ ନେଗୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ ମୁଖ୍ୟ ଅତିଥି, ଯୁଗ୍ମ ସଚିବ ଅମିତ ନାୟକ, ଓଏସ୍‌ଡି ସୋନାଲି ଚାନ୍ଦ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଲିନ କୁମାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ବୋଲି ଅନ୍ୟତମ କର୍ମକର୍ତ୍ତା ସୁରୁଲାଲ ମାଟାରି ଜଣାଇଛନ୍ତି।

**ହିମାଚଳ ବିପକ୍ଷ ସିଏଚେମ୍ ଟ୍ରଫି କ୍ରିକେଟ**

# ଓଡ଼ିଶା ୨୩୦/୮

ଭୁବନେଶ୍ୱର,୬।୯ (ସମିସ): ପୁଡୁଚେରୀରେ ଚାଲିଥିବା ସିଏଚେମ୍ ଟ୍ରଫି ସିନିଅର କ୍ରିକେଟରେ ଓଡ଼ିଶା ବିପକ୍ଷ ୩ ଦିନିଆ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ହିମାଚଳ ପ୍ରଦେଶ ୨୪୦ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ରାଘବ ବାଲି ସର୍ବାଧିକ ୬୨ ପୃଥ୍ୱୀ ରାଜ ୫୩ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ସୌମ୍ୟରଞ୍ଜନ ଲେଙ୍କା ସର୍ବାଧିକ ୫ଟି, ଆଶୁତୋଷ ଛୁରିଆ ଓ ବାଦଲ ବିଶ୍ୱାଳ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଆଜି ଆଶୁତୋଷଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୨୩୦ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ଗୌରବ ଚୌଧୁରୀ ସର୍ବାଧିକ ୪୫ ଓ ଦିନେଶ କୁମାର ମାଝି ୪୨ ରନ୍ କରିଛନ୍ତି।

# ଚେସ୍ ଅଲିମ୍ପିଆଡ୍ ଫେଆର ପ୍ଲେ ପ୍ୟାନେଲରେ ଓଡ଼ିଶାର ଅପରାଜିତା

ଭୁବନେଶ୍ୱର,୬।୯ (ସମିସ): ଉଜ୍‌ବେକିସ୍ତାନର ସମରକନ୍ଦଠାରେ ସେପ୍ଟେମ୍ବର ୧୪ରୁ ୨୮ ତାରିଖଯାଏ ୪୬ତମ ଚେସ୍ ଅଲିମ୍ପିଆଡ ଅନୁଷ୍ଠିତ ହେବ। ବିଶ୍ୱଚେସ୍‌ର ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଖେଳାଳି ଅପରାଜିତା ଗୋଛିକାର ଫିଡେ ଫେଆର ପ୍ଲେ' ପ୍ୟାନେଲରେ ବିଶେଷଜ୍ଞ ଭାବେ ନିଯୁକ୍ତି ପାଇଛନ୍ତି। ସୂଚନାଯୋଗ୍ୟ ଓଡ଼ିଶାର ଅପରାଜିତା ଭାରତର ପ୍ରଥମ ମହିଳା ଭାବେ ଫିଡେ ଦ୍ୱାରା ଫେୟାର ପ୍ଲେ ବିଶେଷଜ୍ଞ ହେବାର ଗୌରବ ଅର୍ଜନ କରିଥିଲେ। ଏଥିଲାଗି ତାଙ୍କୁ ଏକାଧିକ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଶୁଭେଚ୍ଛା ଜ୍ଞାପନ କରାଯାଇଛି।



# ଅନିଲ ଓ ଧୀରାଜ ପାଇଲେ ସରୋଜ ମହାସୁଆର ସମ୍ମାନ

ଭୁବନେଶ୍ୱର,୬।୯ (ସମିସ): ପ୍ରତିଭାବାନ ଯୁବ କ୍ରିକେଟ ଖେଳାଳି ଅନିଲ ପରିଡା ଓ ବିସିସିଆଇ ପ୍ୟାନେଲ ଅମ୍ପାୟାର ଧୀରାଜ ସିଂଙ୍କୁ ଚଳିତବର୍ଷର ସରୋଜ ମହାସୁଆର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ସରୋଜ ମହାସୁଆର ସ୍ମୃତି କମିଟି ପକ୍ଷରୁ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ୍ ପଡ଼ିଆରେ ଆଜି ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ବିଶିଷ୍ଟ କ୍ରିକେଟ କୋଚ୍ କିଶୋର ମାଣିଆ, ଓଡ଼ିଶା କ୍ରିକେଟ ଦଳର ପୂର୍ବତନ କୋଚ୍ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଟାଉନ୍ କ୍ଲବ୍‌ର ସଭାପତି ସୁରେଶ ରାଉତରାୟ, ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର, ପୂର୍ବତନ ଅଧିନାୟକ ପି. ଜୟଚନ୍ଦ୍ର ଓ କର୍ପୋରେଟର ଚନ୍ଦ୍ରଶେଖର ମଲିଆ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର, ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ସ୍ମୃତି କମିଟିର ସଂଯୋଜକ ମନୋଜ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ବିମଳ ରାଉଳ ସଞ୍ଚାଳନ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS